


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-175 ♦SUNDAY ♦21 DECEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୭୫ ♦ରବିବାର ♦୨୧ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)




# ଓଡ଼ିଆ ପୁସ୍ତକ ପଢ଼ିବା ନାହିଁ ?

# ଏଥର ନୂଆ ବର୍ଷରେ ଉପହାର କ'ଣ ଦେବା ?

20 ପେନ୍ ଇନ୍ ବୁକ୍ସ
ଉତ୍କର୍ଷର ୨୦ ବର୍ଷ
PEN IN BOOKS
twenty years of excellence


ପ୍ରତିଘର ପାଠାଗାର
ଖୋଲିଦିଏ ମସ୍ତିଷ୍କର ମୁଦା ଦୁଆର
ପେନ୍ ଇନ୍ ବୁକ୍ସର ସୃଜନ ଉଦ୍ୟମ

ମୋବାଇଲ୍‌ରେ ରିଲ୍ସ ଦେଖା ଚାଲୁ! ପାଟିସୁଆଦ କରିବାରେ ବଟୁଆ ଖାଲି ହେଉ!!
୨୫୦୦ ବର୍ଷର ପୁରୁଣା ଶାସ୍ତ୍ରୀୟ ଭାଷା ପାଇଁ ଟିକେ ସମୟ କାଢ଼ିବା ନା ନାହିଁ ?

















ଓଡ଼ିଆ ଜାତିର ଆରାଧ୍ୟ ଶ୍ରୀଜଗନ୍ନାଥ
ଏବଂ ଓଡ଼ିଶାର ଇତିହାସ,
କିମ୍ବଦନ୍ତୀ ଓ ସାହିତ୍ୟକୁ ନେଇ
୫ଟି ସୁଖପାଠ୍ୟ ପୁସ୍ତକ

ମୂଲ୍ୟ ~~୧,୬୦୫ ଟଙ୍କା~~

ଏକତ୍ର କିଣିଲେ ଡାକଖର୍ଚ୍ଚ ସହ
**୯୯୯ ଟଙ୍କା**

ପ୍ରାୟ ୩୮% ରିହାତି
ସାଙ୍ଗକୁ ଡାକଖର୍ଚ୍ଚ ଛାଡ଼

ନିର୍ଦ୍ଦିଷ୍ଟ ପୁସ୍ତକ ବିଷୟରେ ଅଧିକ ଜାଣିବାକୁ ଓ କିଣିବାକୁ ଚାହୁଁଥିଲେ, ମୋବାଇଲ କ୍ୟାମେରାରେ ପୁସ୍ତକ ସଂଲଗ୍ନ କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ଆମର ସମ୍ପୂର୍ଣ୍ଣ ପୁସ୍ତକ ତାଲିକା ଦେଖିବା ପାଇଁ ବାମ ପାଖେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ନିଜ ପାଠାଗାର ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖନ୍ତୁ ଏବଂ ଆମକୁ ଯୋଡ଼ନ୍ତୁ।
ପେନ୍ ଇନ୍ ବୁକ୍ସ ପ୍ରତି ମାସରେ ଗୋଟିଏ ପାଠାଗାରକୁ ସହଯୋଗ ଓ ଉତ୍ସାହିତ କରିବ।**
ହାଶ୍‌ଟ୍ୟାଗ୍ ବ୍ୟବହାର କରନ୍ତୁ
#ପ୍ରତିଘରପାଠାଗାର #PratiGharaPathagara #ପେନ୍‌ଇନ୍‌ବୁକ୍ସ #peninbooks

ପେନ୍ ଇନ୍ ବୁକ୍ସ
ବହି ସରାଗିଆଙ୍କ ସ୍ୱର୍ଗ
୨୦୦୬ ମସିହାରୁ
ଯୋଗାଯୋଗ
ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ
ଏମ୍-୬/୫୧, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର - ୭୫୧୦୧୩

facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
- ସ୍ପିଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ପୁସ୍ତକ ସହିତ ରସିଦ ପଠାଯିବ।
- ଯୋଜନା ୩୧ ଡିସେମ୍ବର ୨୦୨୫, ବୁଧବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୯୯୯/ - ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

78469 81182

Odia Media Private Limited
odiamedia@icici

OMPL/2512/SKL02

*ପୁସ୍ତକ ଶୀଘ୍ର ପଠାଯିବ। ଏକ ମାସ ମଧ୍ୟରେ ପୁସ୍ତକ ନପାଇଲେ ଉପର ଫୋନ୍ ନମ୍ବରରେ ଅନୁସନ୍ଧାନ କରିପାରିବେ। ଫୋନ୍ ନମ୍ବର ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ଯାଏଁ ଖୋଲା ରହେ। ଡାକରେ ଯିବାବେଳେ ପୁସ୍ତକ ନଷ୍ଟ ହେଲେ ଅନୁଷ୍ଠାନ ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ। **ଓଡ଼ିଆ ମିଡିଆର ନିଷ୍ପତ୍ତି ଚୂଡ଼ାନ୍ତ।

# ରାଜ୍ୟବ୍ୟାପୀ ପାଳନ ହେବ ବିଜେଡି ପ୍ରତିଷ୍ଠା ଦିବସ

## ରାଜ୍ୟର ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରଖିବ ବିଜେଡି




ଭୁବନେଶ୍ୱର, ୨୦।୧୨ (ସମିସ): ଆସନ୍ତା ୨୬ ତାରିଖରେ ବିଜେଡି ୨୮ ବର୍ଷ ପୂରଣ କରି ୨୯ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ପାଳିତ ହେବା ସହ ଦଳର ମୁଖ୍ୟାଳୟ ଶଙ୍ଖ ଭବନଠାରେ ମହାସମାରୋହରେ ପାଳନ କରାଯିବ। ଶଙ୍ଖ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେବେ। ଶନିବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ପୂର୍ବତନ ମନ୍ତ୍ରୀ ତଥା ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏହି ସୂଚନା ଦେଇଛନ୍ତି।

ବରିଷ୍ଠ ଉପସଭାପତି ଶ୍ରୀ ମିଶ୍ର କହିଥିଲେ ଯେ ଡିସେମ୍ବର ୨୬ ତାରିଖରେ ୨୯ତମ ପ୍ରତିଷ୍ଠା ଦିବସ ପାଳନ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପାଇଁ ଆଗାମୀ ବର୍ଷର କାର୍ଯ୍ୟକ୍ରମ ପାଇଁ ଖୁବ୍ ମହତ୍ତ୍ୱପୂର୍ଣ୍ଣ। ସାମ୍ପ୍ରତିକ ପରିସ୍ଥିତିରେ ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ଓଡ଼ିଶା ବିକାଶର ଆଭିମୁଖ୍ୟକୁ ଆଗେଇନେବା ସହିତ ବିଭିନ୍ନ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକ ସଂପର୍କରେ ଲୋକଙ୍କୁ ସଚେତନ ଓ ଓଡ଼ିଶାର ସ୍ୱାର୍ଥକୁ ନେଇ

**୧୮ ମାସର ବିଜେପି ସରକାରର ବିଫଳତାକୁ ଲୋକଙ୍କ ପାଖକୁ ନେବ**

ବିଜେଡି ସ୍ୱର ଉତ୍ତୋଳନ କରିବ। ଓଡ଼ିଶାବାସୀଙ୍କ ଭଲ ପାଇବାକୁ ପାଥେୟ କରି ବିଜେଡି ତା'ର କାର୍ଯ୍ୟକ୍ରମ ଜାରି ରଖିଛି। ଦରଦାମ ବୃଦ୍ଧି, ମହିଳା ନିର୍ଯାତନା, ଯୁବଛାତ୍ରଙ୍କ ପ୍ରତି ବିମୁଖତା, ଆଦିବାସୀ, ଦଳିତ ଓ ପଛୁଆବର୍ଗ ପ୍ରତି ଅବିଚାର, ଆଇନଶୃଙ୍ଖଳା ସ୍ଥିତିର ଅବନତି, ଆର୍ଥିକ କୁ-ପରିଚାଳନା, ଓଡ଼ିଶାର ସ୍ୱାର୍ଥସମ୍ବଳିତ ବିଭିନ୍ନ ପ୍ରସଙ୍ଗ ତଥା ପୋଲାଭରମ୍ ଓ ମହାନଦୀ ସମ୍ପର୍କରେ ଓଡ଼ିଶାର ସ୍ୱାର୍ଥ ବ୍ୟାହତ ହେବା ସମ୍ପର୍କରେ ବିଜେଡି ବିଧାନସଭା, ରାଜ୍ୟସଭା ଓ ରାଜରାସ୍ତାରେ ସ୍ୱର ଉତ୍ତୋଳନ କରିଆସୁଛି। ବିଜେପି ସରକାରର କୃଷକ ବିରୋଧୀ ନୀତି, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଭୃତି କ୍ଷେତ୍ରରେ ବିଫଳତା ବିରୋଧରେ ଜନକ୍ଷୋଭକୁ ବିଜେଡି ଉତ୍ଥାପନ କରିଚାଲିଛି। ସଂପ୍ରତି ଚାଷୀଠାରୁ ଧାନ ସଂଗ୍ରହରେ ସରକାରର ବିଫଳତା ପ୍ରସଙ୍ଗରେ ବିଜେଡି ସ୍ୱର ଉତ୍ତୋଳନ କରୁଛି ବୋଲି ଉପରୋକ୍ତ ବରିଷ୍ଠ ନେତାମାନେ କହିଥିଲେ।

ଅପରପକ୍ଷେ, ବରିଷ୍ଠ ଉପ-ସଭାପତି (ମୁଖ୍ୟାଳୟ) ଦେବୀ ପ୍ରସାଦ ମିଶ୍ର ପ୍ରତିଷ୍ଠା ଦିବସ ପାଳନ ନେଇ ବିଜେଡିର ସମସ୍ତ ରାଜ୍ୟସ୍ତରୀୟ କର୍ମକର୍ତ୍ତା, ସାଂସଦ, ବିଧାୟକ, ନିର୍ବାଚନମଣ୍ଡଳୀ ନେତୃତ୍ୱ, ସାଂସଦ ଓ ବିଧାୟକ ପ୍ରାର୍ଥୀ, ରାଜ୍ୟ ପରିଷଦ ସଭ୍ୟ, ଜିଲ୍ଲା ସଭାପତି, ବିଜୁ ଯୁବ, ଛାତ୍ର ଓ ମହିଳା ସଭାପତି, ବିଭିନ୍ନ ସାମ୍ମୁଖ୍ୟ ସଂଗଠନମାନଙ୍କ ରାଜ୍ୟ ଆବାହକ, ଜିଲ୍ଲା ପରିଷଦ ସଭାପତି/ଉପ-ସଭାପତି, ପୌରାଞ୍ଚଳ ମେୟର୍ ଓ ଡେପୁଟି ମେୟର୍, ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଏବଂ ବ୍ଲକ ଓ ନଗର ସଭାପତିମାନଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

# ଆରଟିଓଙ୍କୁ ଦୁର୍ଘଟଣା ନିବାରଣ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ

କଟକ, ୨୦।୧୨(ସମିସ): ରାଜ୍ୟର ୬ଟି ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ ଏବଂ ସମ୍ବଲପୁରରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏଥିପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଆରଟିଓମାନଙ୍କୁ ଦୁର୍ଘଟଣା ନିବାରଣ ପଦକ୍ଷେପ ନେବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ଏହି ମାର୍ଗଦର୍ଶିକା ଜାରି କରାଯାଇଛି। ଏହାର ସଠିକ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ପରିବହନ ପ୍ରାଧିକରଣର ବରିଷ୍ଠ ଅଧିକାରୀ, ଉପ ପରିବହନ ଆୟୁକ୍ତ ଏବଂ ଆରଟିଓ ମାନଙ୍କୁ ନେଇ ଏକ ଭର୍ଚ୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଚେତନତା ଏବଂ ଏନଫୋର୍ସମେଣ୍ଟକୁ ଗୁରୁତ୍ୱଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଦୃଶ୍ୟମାନତା ଅନୁସାରେ ଧୀର ଗତିରେ ଗାଡ଼ି ଚାଳନା, ଲୋ-ବିମ୍ ହେଡଲାଇଟ୍ ବ୍ୟବହାର କରିବା, ସାମ୍ନାରେ ଥିବା ଗାଡ଼ିଠୁ ନିରାପଦ ଦୂରତା ବଜାୟ ରଖିବା, ପାର୍କିଂ ଲାଇଟ୍ ଏବଂ ଟେଲ୍ ଲାଇଟ୍ ସଠିକ ଭାବେ ଚାଲୁ ରଖିବା, ଘାଟି ତଥା ମୋଡ଼ରେ ସାବଧାନତା ସହ ଆଗକୁ ବଢ଼ିବା, ଯଦି ଦୃଶ୍ୟମାନତା କମ୍ ହୁଏ ତେବେ ଗାଡ଼ି ନ ଚଳାଇ ସୁରକ୍ଷିତ ସ୍ଥାନରେ ପାର୍କିଂ କରିବାକୁ ପରାମର୍ଶ ଦିଆଯାଇଛି। ବାଣିଜ୍ୟିକ ଯାନରେ ହେଡ୍ ଲାଇଟ୍, ବ୍ରେକ୍ ଲାଇଟ୍, ରିଫ୍ଲେକ୍ଟର ବ୍ୟବହାର କରନ୍ତୁ, ଭୋର ସମୟରେ ଅନାବଶ୍ୟକ ଯାତ୍ରା ଏଡ଼ାଇବା ସହ ଅଭିଜ୍ଞ ଚାଳକଙ୍କୁ ନିଯୁକ୍ତ କରିବାକୁ ମାର୍ଗଦର୍ଶିକାରେ ପରାମର୍ଶ ଦିଆଯାଇଛି।

# ଇଗ୍ନୋ ନାମଲେଖା ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର, ୨୦।୧୨ (ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଜାନୁଆରି ୨୦୨୬ ଶିକ୍ଷା ସତ୍ର ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା ବା ଉଚ୍ଚଶିକ୍ଷା ପାଇ ପାରିନଥିବା ପ୍ରାର୍ଥୀମାନେ ନାମ ଲେଖାଇ ପାରିବେ। ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା ଏବଂ ସାର୍ଟିଫିକେଟ୍ ପ୍ରୋଗ୍ରାମରେ ନାମଲେଖା ପ୍ରକ୍ରିୟା ଜାନୁଆରି ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। କଳା, ବିଜ୍ଞାନ, ବାଣିଜ୍ୟରେ ସ୍ନାତକ ପଢ଼ିବାକୁ ଆଗ୍ରହୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପ୍ରାର୍ଥୀଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜୀକରଣ ଫି' ୫୦% ଛାଡ଼ କରାଯାଇଛି। ଅନ୍ୟ କୌଣସି ଛାତ୍ରବୃତ୍ତି ପାଉଥିଲେ, ଏହି ସୁବିଧା ପାଇବେ ନାହିଁ। ଇଚ୍ଛୁକ ଛାତ୍ରଛାତ୍ରୀମାନେ ଇଗ୍ନୋର ୱେବସାଇଟ୍‌କୁ ଯାଇ ଆବେଦନ କରିପାରିବେ। ଏହାସହ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ଇ-ମେଲ୍ ମାଧ୍ୟମରେ ଓ ୦୬୭୪-୨୯୭୨୦୭୧ କିମ୍ବା ୦୬୭୪-୨୩୦୧୩୪୮ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ଇଗ୍ନୋର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

**ଜାନୁଆରୀ ୩୧ ଶେଷ ତାରିଖ**

# ଗଞ୍ଜେଇ ଚାଲାଣର ପ୍ରମୁଖ ମାଧ୍ୟମ ସାଜିଛି ଟ୍ରେନ୍

କଟକ, ୨୦।୧୨(ସମିସ): ଓଡ଼ିଶାରେ ଗଞ୍ଜେଇ ଚାଲାଣର ପ୍ରମୁଖ ମାଧ୍ୟମ ପାଲଟିଛି ଟ୍ରେନ୍। ବାହାରୁ ଆସୁଥିବା ଏବଂ ଏଠାରୁ ଚାଲାଣ ହେଉଥିବା ଅଧିକାଂଶ ଗଞ୍ଜେଇ ଟ୍ରେନ୍‌ରେ ପରିବହନ ହେଉଛି। ଟ୍ରେନ୍‌ରେ ଗଞ୍ଜେଇ ଚାଲାଣକୁ ସୁରକ୍ଷିତ ମଣୁଛନ୍ତି ମାଫିଆ। ଚଳିତବର୍ଷ ରେଳବାଇ ପୁଲିସ ବେଆଇନ ନିଶାଦ୍ରବ୍ୟ ଚୋରା ଚାଲାଣକାରୀଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ମଧ୍ୟ ଅନେକ ଘଟଣାରେ ପୁଲିସକୁ ଚକ୍‌ମା ଦେଇ ମାଫିଆମାନେ ସହଜରେ ଟ୍ରେନ୍‌ରେ ଗଞ୍ଜେଇ ପରିବହନ କରୁଛନ୍ତି। ଚଳିତବର୍ଷ ରେଳବାଇ ପୁଲିସ ୩୩୫୨ କେଜିରୁ ଅଧିକ ଗଞ୍ଜେଇ ଜବତ କରିବା ଏହାର ଜ୍ୱଳନ୍ତ ପ୍ରମାଣ ବୋଲି କୁହାଯାଉଛି। ଏନ୍‌ଡିପିଏସ ଆଇନ ଅନୁଯାୟୀ ଅଦ୍ୟାବଧି ମୋଟ ୨୦୦ଟି ମାମଲା ରୁଜୁ ହୋଇଥିବା ବେଳେ ଏହି ସମସ୍ତ ମାମଲାରେ ୨୯୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

କଟକ ଓ ରାଉରକେଲା ରେଳ ଷ୍ଟେସନ୍ ଗଞ୍ଜେଇ ଚାଲାଣର ହବ୍ ଭାବେ ପରିଗଣିତ ହୋଇଛି। ଚଳିତବର୍ଷ କଟକ ରେଳବାଇ ପୁଲିସ ୮୭ଟି ମାମଲା ରୁଜୁ କରି ୧୪୮୯ କେଜିରୁ ଅଧିକ ଗଞ୍ଜେଇ ଜବତ ସହ ୧୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ରାଉରକେଲା ରେଳବାଇ ପୁଲିସ ୧୧୩ଟି ମାମଲା ରୁଜୁ କରି ୧୮୬୩ କେଜିରୁ ଅଧିକ ଗଞ୍ଜେଇ ଜବତ କରିଛି। ଏହାସହ ଚୋରା ଚାଲାଣରେ ସମ୍ପୃକ୍ତ ଥିବା

**ବର୍ଷକରେ ୨୦୦ ମାମଲା ଓ ୩୩୫୨କିଲୋ ଗଞ୍ଜେଇ ଜବତ**

୧୮୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ସେହିପରି ୨.୬୧ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, କେରଳ, ମହାରାଷ୍ଟ୍ର ଏବଂ ଗୁଜୁରାଟ ଭଳି ରାଜ୍ୟର ବୋଲି ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଛି। ସମସ୍ତ ମାମଲାଗୁଡ଼ିକର ତଦନ୍ତ ଜାରି ରହିଛି ଏବଂ ଏହା ପଛରେ ଥିବା ନେଟ୍‌ୱାର୍କର ପର୍ଦ୍ଦାଫାସ୍ ପାଇଁ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି।

ରେଳପଥକୁ ମାଦକ ଚୋରାଚାଲାଣରୁ ମୁକ୍ତ ରଖିବା ପାଇଁ ରେଳ ସୁରକ୍ଷା ବଳ(ଆରପିଏଫ) ଓ ସରକାରୀ ରେଳବାଇ ପୁଲିସ (ଜିଆରପି) ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖାଯାଇ କଠୋର୍ ଯାଞ୍ଚ ଓ ନିରୀକ୍ଷଣ କରାଯାଉଛି। ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଯଥା ଭୁବନେଶ୍ୱର, କଟକ, ସମ୍ବଲପୁର, ପୁରୀ, ରାଉରକେଲା ଆଦି ଷ୍ଟେସନରେ ଓ ପକ୍ଷରୁ ମିଳିତ ଅଭିଯାନ କରାଯାଉଛି। ଟ୍ରେନ୍‌ରେ ସନ୍ଦେହଜନକ ବ୍ୟାଗ୍/ପାର୍ସଲ ତନ୍ନତନ୍ନ କରି ଯାଞ୍ଚ ସହ ବିଭିନ୍ନ ସମୟରେ ସନ୍ଧାନୀ କୁକୁର ଦ୍ୱାରା ଷ୍ଟେସନ୍ ଓ ଟ୍ରେନ ବଗି ଯାଞ୍ଚ କରାଯାଉଛି। ଜିଆରପି ଓ ଆରପିଏଫ ମଧ୍ୟରେ ସମନ୍ୱୟ ରଖାଯାଇ କଠୋର୍ ଯାଞ୍ଚ ପ୍ରକ୍ରିୟା ଜାରି ରହିବ ଏବଂ ଅପରାଧରେ ଜଡ଼ିତ ଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି।

# ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ



ଭୁବନେଶ୍ୱର, ୨୦।୧୨(ସମିସ): ମହାକାଶଚାରୀ ତଥା ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ(ଆଇଏସ୍ଏସ୍)କୁ ଯାତ୍ରା କରିଥିବା ଶୁଭାଂଶୁ ଶୁକ୍ଲାଙ୍କ ସହ ସାକ୍ଷାତ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶୁକ୍ଲାଙ୍କ ସାହସ ଓ ଦୁଃସାହସିକ ଯାତ୍ରାକୁ ଶ୍ରୀ ପ୍ରଧାନ ପ୍ରଶଂସା କରିବା ସହ ଦେଶର କୋଟି କୋଟି ଯୁବପିଢ଼ିଙ୍କ ପାଇଁ ସେ ପ୍ରେରଣାର ଉତ୍ସ ବୋଲି ଅଭିହିତ କରିଛନ୍ତି। ଏହି ଅବସରରେ ମହାକାଶ ବିଜ୍ଞାନ ଓ ଗବେଷଣାକୁ ବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷାରେ ସାମିଲ କରିବା ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ମହାକାଶ ବିଜ୍ଞାନରେ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ଭାବେ ଉଭା ହୋଇଛି। ଏହାକୁ ଆଗକୁ ନେବା ପାଇଁ ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଆଗାମୀ ପିଢ଼ିକୁ ମହାକାଶ ବିଜ୍ଞାନ ପ୍ରତି ଆକୃଷ୍ଟ କରିବା ଓ ସେମାନଙ୍କୁ ଭବିଷ୍ୟତର ଦକ୍ଷ ସ୍ପେସ୍ ପ୍ରଫେସନାଲ୍ ଭାବେ ଗଢ଼ିତୋଳିବାକୁ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# କଏଦୀ ଫେରାର୍ ହୋଇଗଲେ ଥାନା ରୁଜୁ କରୁନି ମାମଲା

ଭୁବନେଶ୍ୱର,୨୦।୧୨(ସମିସ): ରାଜ୍ୟର ଅଧିକାଂଶ ଜେଲ୍‌ରୁ କଏଦୀ ଫେରାର ହୋଇଯାଉଛନ୍ତି। ପାରୋଲ୍ ଏବଂ ସ୍ପେଶାଲ ଲିଭ୍‌ରେ ଯାଉଥିବା କଏଦୀ ଜେଲ୍‌କୁ ଫେରୁ ନାହାନ୍ତି। ଉକ୍ତ ଜେଲ୍ ପକ୍ଷରୁ କଏଦୀମାନଙ୍କ ଘର ପାଖ ଥାନାରେ ଏତଲା ଦିଆଯାଉଛି; ହେଲେ ଜେଲ୍ ବିଭାଗର ଏତଲାକୁ ଥାନା ଫୁଁ' କରିଦେଉଛି। ଏପରିକି ମାମଲା ବି ରୁଜୁ କରୁନି। ଜେଲ୍ ବିଭାଗକୁ ପୁଲିସଠାରୁ କୌଣସି ପ୍ରକାର ସହଯୋଗ ବି ମିଳୁନି। ଯାହାକୁ ନେଇ ଅଡୁଆରେ ପଡି ଯାଉଛି ଜେଲ୍ ବିଭାଗ। ଏଥିପାଇଁ ବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଥାନା ପକ୍ଷରୁ କୌଣସି ବି ଏଭଳି ବ୍ୟବହାର ଦେଖାଯାଉଥିଲେ ଜିଲ୍ଲା ଏସ୍‌ପିଙ୍କୁ ତୁରନ୍ତ ଅବଗତ କରାଇବା ସହ ଜେଲ୍ ନିର୍ଦ୍ଦେଶାଳୟକୁ ବି ଏସମ୍ପର୍କରେ ଜଣାଅ ବୋଲି ଜେଲ୍ ନିର୍ଦ୍ଦେଶାଳୟ ପକ୍ଷରୁ ଜେଲ୍ ଅଧୀକ୍ଷକମାନଙ୍କୁ ଚିଠି ଲେଖାଯାଇଛି।

ଜଣେ କଏଦୀ ପାରୋଲ କିମ୍ବା ସ୍ପେଶାଲ ଲିଭ୍‌ରେ ଯିବା ପୂର୍ବରୁ ସଂପୃକ୍ତ ଜେଲ୍ କର୍ତ୍ତୃପକ୍ଷ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଏବଂ ଉକ୍ତ ଜିଲ୍ଲାର ଏସ୍‌ପିଙ୍କ ଅନୁମତି ଲୋଡ଼ିଥା'ନ୍ତି। ଜିଲ୍ଲା ପ୍ରଶାସନ ଏବଂ ପୁଲିସ ସବୁ ଦିଗକୁ ଦେଖି ପାରୋଲ୍ କିମ୍ବା

**କଡ଼ା ଆଭିମୁଖ୍ୟ ଗ୍ରହଣ କଲା ଜେଲ୍ ବିଭାଗ**

**ଜେଲ୍ ଅଧୀକ୍ଷକଙ୍କୁ ଜେଲ୍ ନିର୍ଦ୍ଦେଶାଳୟର ଚିଠି**

ସ୍ପେଶାଲ ଲିଭ୍‌ରେ କଏଦୀ ଛାଡିବାକୁ ଅନୁମତି ଦେଇଥା'ନ୍ତି। ଏମାନଙ୍କ ଅନୁମତିପତ୍ର ଜେଲ୍ କର୍ତ୍ତୃପକ୍ଷଙ୍କ ପାଖରେ ପହଞ୍ଚିବା ପରେ ଜେଲ୍ ବିଭାଗ କଏଦୀଙ୍କୁ ପାରୋଲରେ ଛାଡିଥାଏ। କିନ୍ତୁ କଏଦୀ ନ ଆସିଲା ବେଳକୁ ଜେଲ୍ ବିଭାଗର ଏତଲାକୁ ଗ୍ରହଣ କରାଯାଉ ନାହିଁ, ଥାନା ମାମଲା ରୁଜୁ କରୁ ନାହିଁ। ଫଳରେ ଡକାୟତି, ହତ୍ୟା, ଚୋରି ମାମଲାରେ ଲିପ୍ତ ଥିବା ଅପରାଧୀ ଆରାମରେ ବାହାରେ ବୁଲୁଛନ୍ତି। ଗୋଟିଏ ପଟେ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ କହୁଛି। ହେଲେ କଏଦୀ ଖସିଗଲେ, କିମ୍ବା ନ ଫେରିଲେ କାହିଁକି ଜେଲ୍ ବିଭାଗର ଏତଲାକୁ ଗୁରୁତ୍ୱ ଦେଉନି, ସେନେଇ ପ୍ରଶ୍ନ ଉଠିଛି।

ରାଜ୍ୟର ଅଧିକାଂଶ ଜେଲ୍‌ରୁ କଏଦୀମାନେ ଫେରାର୍ ହୋଇଯାଉଛନ୍ତି। ହେଲେ ଆଉ ଫେରୁ ନାହାନ୍ତି କିମ୍ବା ସରେଣ୍ଡର କରୁନାହାନ୍ତି। କଏଦୀମାନେ ଜେଲ୍‌କୁ ନ ଫେରିବାକୁ ନେଇ ଓଡ଼ିଶା ହାଇକୋର୍ଟ ଚିନ୍ତାପ୍ରକଟ କରିଥିଲେ। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଜେଲ୍ ନିର୍ଦ୍ଦେଶାଳୟ ପକ୍ଷରୁ ବିଭିନ୍ନ ଜେଲ୍‌ର ଅଧୀକ୍ଷକଙ୍କୁ ଚିଠି ଲେଖାଯାଇଛି। ଏଥିରେ ଜେଲ୍ ନିର୍ଦ୍ଦେଶାଳୟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି।

# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଜାନୁଆରୀ ୯ରେ

କଟକ,୨୦।୧୨(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ଓଏଭିଇଟି) ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ଓଏମ୍ଏଭିଇଟି) ଆସନ୍ତା ୨୦୨୬ ଜାନୁଆରି ୯ ତାରିଖରେ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ଓଡ଼ିଶା ମାଧ୍ୟମିକ ଶିକ୍ଷା (ବୋର୍ଡ) ପକ୍ଷରୁ ସୂଚନା ଦିଆଯାଇଛି। ଷଷ୍ଠ ଶ୍ରେଣୀ ପାଇଁ ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। ସେହିଭଳି ସପ୍ତମ, ଅଷ୍ଟମ, ନବମ ଶ୍ରେଣୀ ପାଇଁ ସକାଳ ୧୦ଟାରୁ ଦିନ୍ ୧ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଏଥିରେ ୧୦୦ଟି ପ୍ରଶ୍ନ ପାଇଁ ମୋଟ ୧୦୦ ନମ୍ବର ରଖାଯାଇଛି। ଆସନ୍ତା ୩୦ ତାରିଖରୁ ବୋର୍ଡ ୱେବସାଇଟ୍‌ରୁ ଛାତ୍ରଛାତ୍ରୀମାନେ ସେମାନଙ୍କ ଆଡମିଟ୍ କାର୍ଡ ଡାଉନଲୋଡ୍ କରି ସଂଗ୍ରହ କରିପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରେଇ ସୂଚନା ଦେଇଛନ୍ତି। ସୂଚନାଥାଉକି ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ ଅନଲାଇନ୍ ପଞ୍ଜୀକରଣ ଗତ ନଭେମ୍ବର ୧୨ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୦ରେ ଶେଷ ହୋଇଥିଲା।

# ଶିମିଳିପାଳରୁ ଶିକାରୀ ଗିରଫ

ବାରିପଦା, ୨୦।୧୨ (ସମିସ): ଶିମିଳିପାଳ ଅଭୟାରଣ୍ୟ ଭିତରୁ ବନବିଭାଗ ଜଣେ ଶିକାରୀଙ୍କୁ ଗିରଫ କରିବା ସହ ତା' ନିକଟରୁ ୨୫କେଜି ବାର୍‌ହା ମାଂସ ଜବତ କରିଛି। ସେ ହେଲା, ଯଶିପୁର ଥାନା ଅସ୍ତକୁଅଁର ପଞ୍ଚାୟତ ଗୋପିନାଥପୁରର ମାସି ଆଲେୟା। ତା' ନିକଟରୁ ରକ୍ତଲଗା ୭ଟି ତୀର, ୨ଟି ଧନୁ ଓ ଗୋଟିଏ କୁରାଢ଼ୀ ଜବତ ହୋଇଛି। ତେବେ ବନ ବିଭାଗକୁ ଚକ୍‌ମା ଦେଇ ଅନ୍ୟ ୪ଜଣ ଶିକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି।

**୨୫ କେଜି ବାର୍‌ହା ମାଂସ ଓ ମାରଣାସ୍ତ୍ର ଜବତ**

ଜଙ୍ଗଲ ଭିତରେ କିଛି ଶିକାରୀ ଶିକାର କରୁଥିବା ଖବର ପାଇ ପିଠାବାଟା ଦକ୍ଷିଣ ବନ୍ୟପ୍ରାଣୀ ରେଞ୍ଜ ଓ ଶିମିଳିପାଳ ଟାଇଗର୍ ପ୍ରୋଟେକ୍‌ସନ୍ ଫୋର୍ସ(ଏସ୍‌ଟିପିଏଫ୍) ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା। ବନ କର୍ମଚାରୀଙ୍କୁ ଦେଖି ୪ଜଣ ଶିକାରୀ ଚମ୍ପଟ ମାରିଥିବା ବେଳେ ମାସି ଧରାପଡ଼ି ଯାଇଥିଲା। ଫେରାର୍




ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଚନାଘନା ଜାରି ରହିଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ(ଦକ୍ଷିଣ)ର କ୍ଷେତ୍ର ଉପନିର୍ଦ୍ଦେଶକ ଡ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।

**ନୂଆ ବସ୍‌ଷ୍ଟାଣ୍ଡ ପାଇଁ ସମୂହ ଗଛ କଟାଯିବାକୁ ବିରୋଧ**

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଆଇନଜୀବୀ

ବାରିପଦା, ୨୦।୧୨(ସମିସ): ବାରିପଦାରେ ପ୍ରସ୍ତାବିତ ନୂତନ ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସହରର ପାଲବଣୀ ନିକଟରେ ବ୍ୟାପକ ଗଛକଟାକୁ ବିରୋଧ ଆରମ୍ଭ ହୋଇଛି। ଏହି ଘଟଣାକୁ ନେଇ ସୁପ୍ରିମକୋର୍ଟର ଆଇନଜୀବୀ ଆକାଶ ଶର୍ମା ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ଏକ ଲେଟର-ପିଟିସନ ପଠାଇ ତୁରନ୍ତ ଗଛକଟା ବନ୍ଦ କରିବାକୁ ଦାବି କରିଛନ୍ତି।

ଆଇନଜୀବୀ ଶ୍ରୀ ଶର୍ମାଙ୍କ ଏହି ଆବେଦନରେ କୁହାଯାଇଛି ଯେ ପ୍ରକଳ୍ପ ପାଇଁ ସରକାରୀ ଭାବେ ୧,୭୮୯ଟି ଗଛ କଟାଯିବାର ଅନୁମତି ମିଳିଥିବା ବେଳେ ପ୍ରକୃତରେ ପ୍ରାୟ ୫,୦୦୦ରୁ ଅଧିକ ଗଛ କଟାଯାଇ ସାରିଛି। ଏହାମଧ୍ୟରେ ୪୦-୫୦ ବର୍ଷର ପୁରୁଣା ଗଛ ମଧ୍ୟ ରହିଛି। ସେହିଭଳି ଗଛକଟା କାର୍ଯ୍ୟକୁ ଦିନ ବଦଳରେ ହଠାତ୍ ରାତିରେ କାହିଁକି କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ସବୁଜ ଅଞ୍ଚଳର ବିନାଶ ଦ୍ୱାରା ଏସିଆର ସର୍ବାଧିକ ଉତ୍ତପ୍ତ ସହର ମଧ୍ୟରୁ ଅନ୍ୟତମ ବାରିପଦାର ତାପମାତ୍ରାକୁ ଆହୁରି ବୃଦ୍ଧି କରିବ ଏବଂ ଜଳବାୟୁ ପ୍ରତିରୋଧ କ୍ଷମତା ହ୍ରାସ ପାଇବ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଏକ ମତାମତକୁ ଉଦ୍ଧୃତ କରି ଆବେଦନରେ କୁହାଯାଇଛି ଯେ ଗଛ କାଟିବା ମଣିଷ ହତ୍ୟାଠାରୁ ମଧ୍ୟ ସଂଗିନ୍, ଭୟଙ୍କର। ତେଣୁ, ତୁରନ୍ତ ଗଛକଟା ବନ୍ଦ କରିବା, ୩୬.୮୩ ଏକର ସବୁଜ ଅଞ୍ଚଳର ସ୍ଥିତି ବଜାୟ ରଖିବା, ସମସ୍ତ ଅନୁମତି ପ୍ରକାଶ କରିବା ଓ ଏହାର ନିରପେକ୍ଷ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଏହି ଆବେଦନ ଓଡ଼ିଶାର ମୁଖ୍ୟ ସଚିବ, ପ୍ରଧାନ




ବନ ସଂରକ୍ଷକ, ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ ଓ ବାରିପଦା ଡିଏଫଓଙ୍କୁ ପଠାଯାଇଛି। ସ୍ଥାନୀୟ ପରିବେଶବିତ୍ ଓ ନାଗରିକ ଏହି ଘଟଣାକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ଏହା ଏକ ଗମ୍ଭୀର ପରିବେଶଗତ ସଙ୍କଟର ସଙ୍କେତ ବୋଲି ସେମାନେ ମତ ଦେଇଛନ୍ତି।

**ପୁରୀ କୋର୍ଟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ**

# ରାସ୍ତାରେ ବସିଲେ ଆଇନଜୀବୀ



ପୁରୀ, ୨୦।୧୨(ସମିସ):ବାଲୁଖଣ୍ଡ ଅଭୟାରଣ୍ୟ ତଥା ପୁରୀର ମଧୁର ଜଳ ସଂରକ୍ଷିତ ଅଞ୍ଚଳକୁ ପୁରୀ କୋର୍ଟ ସ୍ଥାନାନ୍ତର କରାଯିବା ପାଇଁ ମସୁଧା ଚାଲିଛି। ହେଲେ ପ୍ରଶାସନର ଏହି ନିଷ୍ପତ୍ତିକୁ ବିରୋଧ କରିଆସୁଛନ୍ତି ପୁରୀ ଓକିଲ ସଂଘ। ଏହାର ପ୍ରତିବାଦରେ ଓକିଲମାନେ ସତ୍ୟାଗ୍ରହ ଚଳାଇଛନ୍ତି। ଶନିବାର ଏହି ସତ୍ୟାଗ୍ରହ ୨୯୬ ଦିନରେ ପହଞ୍ଚିଥିବା ବେଳେ ଏହାର କୌଣସି ସୁଫଳ ମିଳିପାରିନାହିଁ। ତେଣୁ କଡ଼ା ଆଭିମୁଖ୍ୟସ୍ୱରୂପ ରାସ୍ତାକୁ ଓହ୍ଲାଇଛନ୍ତି ଆଇନଜୀବୀ। ଶନିବାର ପୁରୀ ପ୍ରବେଶପଥ ଅଠରନଳାଠାରେ ଶହଶହ ଓକିଲ ରାସ୍ତାରୋକ ଆନ୍ଦୋଳନ କରିଛନ୍ତି। ରାସ୍ତାରେ ବସି ସରକାରଙ୍କ ଏଭଳି ନିଷ୍ପତ୍ତିକୁ ତୀବ୍ର ବିରୋଧ କରିବା ସହ ଏହାକୁ ବଦଳାଇବାକୁ ଜିଦ୍ କରିଛନ୍ତି। ଏହି ରାସ୍ତାରୋକ ଫଳରେ ପ୍ରାୟ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା।

ଆନ୍ଦୋଳନକାରୀ ଆଇନଜୀବୀ ସଂଘ ପକ୍ଷରୁ କୁହାଯାଇଛି ଯେ ପୁରୀ ଅଦାଲତ କୋଠା ୧୬୨ ବର୍ଷ ତଳର ଐତିହ୍ୟ। ଏଠାରେ ମଧୁବାବୁ, ଗୋପବନ୍ଧୁ, ସୁଭାଷ ବୋଷଙ୍କ ବାପା, ବିଜୁ ପଟ୍ଟନାୟକଙ୍କ ବାପାଙ୍କ ଭଳି ଯୋଗଜନ୍ମା ଓକିଲାତି କରୁଥିଲେ। ପୁରୀ ସହରର ଏକ ପ୍ରମୁଖ ସ୍ଥଳରେ କୋର୍ଟ ଥିବାରୁ ଲୋକେ ସହଜରେ ସେବା ପାଉଛନ୍ତି। ଜିଲ୍ଲାପାଳ ଅଫିସଠାରୁ ଅଦାଳତକୁ ଅଲଗା କରିବା ଓ କୋର୍ଟକୁ ବାଲୁଖଣ୍ଡ ଅଭୟାରଣ୍ୟର ମଧୁର ଜଳ ଅଞ୍ଚଳ ଓ ସିଆର୍‌ଜେଡ୍ ଅଞ୍ଚଳକୁ ସ୍ଥାନାନ୍ତର ଯୋଜନା ଗ୍ରହଣଯୋଗ୍ୟ

**■ ଅଠରନଳାଠାରେ କଲେ ରାସ୍ତାରୋକ ଆନ୍ଦୋଳନ**

**■ ଓକିଲଙ୍କ ଆନ୍ଦୋଳନକୁ ସମର୍ଥନ କଲା ଆପ୍**

ନୁହେଁ। ସେଠାରେ ହଜାରହଜାର ଗଛ ଅଛି। ଏହା ସହରବାସୀଙ୍କ ପାଇଁ ଏକମାତ୍ର ଜଳ ଉତ୍ସ। ତାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏହା ମଧୁର ଜଳ ଅଞ୍ଚଳକୁ ଶେଷ କରିବା ପାଇଁ ଚକ୍ରାନ୍ତ ନୁହେଁ ତ? ସରକାର କେଉଁଭଳି କୋର୍ଟ କମ୍ପ୍ଲେକ୍ସ ପାଇଁ ସେଇ ଜମିକୁ ଆଇନ ବିଭାଗକୁ ଟେକି ଦେଇଛନ୍ତି? ଆଇନ ବିଭାଗ କିପରି ସେଠାରେ କୋର୍ଟ କମ୍ପ୍ଲେକ୍ସ କରିବ? ସେହି ଜମି ହସ୍ତାନ୍ତରକୁ ବାତିଲ୍ କରାଯାଉ। ପୂର୍ବରୁ ଓକିଲ ସଂଘ ଉଚ୍ଚ ନ୍ୟାୟାଳୟ, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଆଇନ ମନ୍ତ୍ରୀ, ସାଂସଦ, ବିଧାୟକଙ୍କୁ କଟକଣା ଥିବା ଜମିରେ କୋର୍ଟ କମ୍ପ୍ଲେକ୍ସ ନକରି ବର୍ତ୍ତମାନ ଥିବା କୋର୍ଟ ସହ ତହସିଲ୍, ଡିଆର୍‌ଡିଏ, ଉପଜିଲ୍ଲାପାଳ ଅଫିସ ଜମିକୁ ମିଶାଇ କୋର୍ଟ କମ୍ପ୍ଲେକ୍ସ କରିବାକୁ ଅନୁରୋଧ କରାଯାଇଛି, ଯେପରି ଭୁବନେଶ୍ୱର ଓ ଗଞ୍ଜାମରେ ହୋଇଛି; ପୁରୀରେ କାହିଁକି ନ ହେବ?

ଏହି ଆନ୍ଦୋଳନରେ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ଉପସଭାପତି ବିଭୁଦତ୍ତ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଅନିଲ ସାହୁ, ସମୀର ଘୋଷ, ଭାଗବତ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର, ତାପସ ବଳିଆରସିଂ, ମନୋରଞ୍ଜନ ସାହୁ, ଜ୍ୟୋତିପ୍ରକାଶ ପାଇକରାୟ, ରାଜେଶ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ। ସରକାର ଦାବି ନ ମାନିଲେ, ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଦୀର୍ଘ ୯ ମାସ ହେବ ପୁରୀ ଓକିଲ ସଂଘ ଯେଉଁ ଆନ୍ଦୋଳନ ଚଳାଇଛି ଏହାକୁ ସମର୍ଥନ କରିଛି ପୁରୀ ଜିଲ୍ଲା ଆମ୍ ଆଦମୀ ପାର୍ଟି (ଆପ୍)। ଆପ୍ ଜିଲ୍ଲା ସଭାପତି ଶନିବାର ଓକିଲ ସଂଘକୁ ସମର୍ଥନ କରୁଥିବା ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।



ଟି-୨୦ ବିଶ୍ୱକପ୍ ଦଳରେ ଇଶାନ ସାମିଲ

▶ପୃଷ୍ଠା ୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-175 ◆SUNDAY ◆21 DECEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୭୫ ◆ରବିବାର ◆୨୧ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


# ରାଜଧାନୀ ଏକ୍ସପ୍ରେସ୍ ଧକ୍କାରେ ୭ ହାତୀ ମୃତ

■ ଗୌହାଟୀ, ୨୦।୧୨(ଏଜେନ୍ସି): ଆସାମର ହୋଜାଲ ଜିଲ୍ଲାରେ ରାଜଧାନୀ ଏକ୍ସପ୍ରେସ ଧକ୍କାରେ ୭ଟି ହାତୀଙ୍କର ମୃତ୍ୟୁ ଘଟିଥିବା ବେଳେ ଗୋଟିଏ ହାତୀ ଛୁଆ ଆହତ ହୋଇଛି। ଏହି ଟ୍ରେନର ମିଜୋରାମର ସାଇରଙ୍ଗରୁ ନୂଆଦିଲ୍ଲୀ ଯାଉଥିଲା। ଗତକାଲି ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। ହାତୀପଲକୁ ଧକ୍କା ଦେବା ପରେ ରାଜଧାନୀ ଏକ୍ସପ୍ରେସର ଇଞ୍ଜିନ ଓ ୫ଟି ବଗି ଲାଇନଚ୍ୟୁତ ହୋଇଛି। ତେବେ କୌଣସି ରେଳ ଯାତ୍ରୀ ଆହତ ହୋଇ ନାହାନ୍ତି। ତେବେ ଏହି ରୁଟରେ ଟ୍ରେନ ଚଳାଚଳ ବ୍ୟାହତ ହୋଇଛି।

**ଇଞ୍ଜିନ୍ ସହ ୫ ବଗି ଲାଇନ୍‌ଚ୍ୟୁତ**

**ଉତ୍ତର-ପୂର୍ବାଞ୍ଚଳରେ ଟ୍ରେନ ସେବା ବ୍ୟାହତ**

ରେଳବାଇ ବିଭାଗର ଜଣେ ମୁଖପାତ୍ର କହିଛନ୍ତି ଯେ ଯେଉଁ ସ୍ଥାନରେ ଦୁର୍ଘଟଣା ଘଟିଛି, ତାହା ହାତୀ କରିଡର ନଥିଲା। ଚାଙ୍ଗଜୁରାଇ ଗାଁ ନିକଟରେ ରାତି ୨ଟା ୧୭ ମିନିଟରେ ଏହି ଦୁର୍ଘଟଣା ଘଟିଥିଲା। ରାଜଧାନୀ ଏକ୍ସପ୍ରେସ ଦ୍ରୁତ ଗତିରେ ଯାଉଥିବା ବେଳେ ଏକ ହାତୀ ପଲ ରେଳ ଧାରଣା ପାର ହେଉଥିବା ଟ୍ରେନ ଡ୍ରାଇଭର ଦେଖିଥିଲେ। ଦୁର୍ଘଟଣା ଏଡ଼ାଇବା ଲାଗି ସେ ଏମର୍ଜେନ୍ସି ବ୍ରେକ୍ ଲଗାଇଥିଲେ। ତଥାପି ଟ୍ରେନ ହାତୀପଲକୁ ଧକ୍କା ଦେଇଥିଲା। ଟ୍ରେନ ଡ୍ରାଇଭରଙ୍କର ପ୍ରଶଂସା କରି ସେ କହିଛନ୍ତି ଯେ ଏମର୍ଜେନ୍ସି ବ୍ରେକ୍ ଲଗାଇନଥିଲେ ବଡ଼ ଧରଣର ଦୁର୍ଘଟଣାର ଆଶଙ୍କା ଥିଲା। ଏହା ଯାତ୍ରୀମାନଙ୍କୁ ବିପଦରେ ପକାଇ ଥାଆନ୍ତା। ପ୍ରାରମ୍ଭିକ ରିପୋର୍ଟ ଅନୁସାରେ ୮ଟି ହାତୀର ମୃତ୍ୟୁ ନେଇ ସୂଚନା ମିଳିଥିଲା। କିନ୍ତୁ ପରେ ଗୋଟିଏ ଛୁଆ ହାତୀ ବଞ୍ଚିଯାଇଥିଲେ ମଧ୍ୟ ଗୁରୁତର ଭାବେ ଆହତ ହୋଇଛି। ରେଳ ଧାରଣା ଉପରେ ହାତୀ ଶବଗୁଡ଼ିକ ପଡ଼ିଥିବାରୁ ତାକୁ ହଟାଯାଉଛି। ଟ୍ରେନ ଯାତ୍ରୀଙ୍କୁ ଦିଲ୍ଲୀ ନେବାଲାଗି ବିକଳ୍ପ ବ୍ୟବସ୍ଥା କରାଯାଇଛି।

ଉତ୍ତରପୂର୍ବ ଫ୍ରଣ୍ଟିଅର ରେଳବାଇ (ଏନ୍‌ଏଫ୍‌ଆର)ର ମୁଖ୍ୟ ଜନସମ୍ପର୍କ ଅଧିକାରୀ କପିଞ୍ଜଳ କିଶୋର ଶର୍ମା କହିଛନ୍ତି ଯେ ଗୌହାଟୀରୁ ପ୍ରାୟ ୧୨୬ କିମି ଦୂରରେ ଲୁମଡିଂ ▶ପୃଷ୍ଠା-୭



# ଆଣ୍ଠେଇଛି ପିଏମ୍ ସୂର୍ଯ୍ୟ ଘର ଯୋଜନା

■ ଭୁବନେଶ୍ୱର, ୨୦।୧୨ (ସମିସ): ରାଜ୍ୟରେ ପିଏମ୍ ସୂର୍ଯ୍ୟଘର ଯୋଜନାରେ ଛାତ ଉପରେ ସୌର ବିଜୁଳି ଉତ୍ପାଦନ ପାଇଁ କେନ୍ଦ୍ରଠାରୁ ରାଜ୍ୟ ସରକାର ବ୍ୟାପକ ସବ୍‌ସିଡି ପ୍ରଦାନ କରୁଛନ୍ତି। ଏହାସତ୍ତ୍ୱେ ଓଡ଼ିଶାରେ ଏହି ଯୋଜନା ସେମିତି ଆଖିଦୃଶିଆ ଅଗ୍ରଗତି ହାସଲ କରିପାରୁ ନାହିଁ। ରାଜ୍ୟରେ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ୧.୫ ଲକ୍ଷ ଏବଂ ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ୩ ଲକ୍ଷ ରୁଫ୍‌ଟପ୍ ସୋଲାର ପ୍ୟାନେଲ ଲଗାଇବାକୁ କେନ୍ଦ୍ର ସରକାର ଓଡ଼ିଶାକୁ ଟାର୍ଗେଟ ଦେଇଛନ୍ତି। ମାତ୍ର ଓଡ଼ିଶାରେ ଏଯାବତ୍ ଦେଢ଼ଲକ୍ଷ ଆବେଦନକାରୀ ଥିବାବେଳେ ମାତ୍ର ୨୪,୯୫୫ଟି ରୁଫଟପ୍ ବା ଛାତରେ ସୌର ପ୍ୟାନେଲ ଲାଗିପାରିଛି। ସର୍ବଭାରତୀୟ ସ୍ତରରେ ଓଡ଼ିଶା ସୋଲାର ପ୍ୟାନେଲ ଲଗାଇବାରେ ୧୨ତମ ସ୍ଥାନରେ ରହିଥିବା ବେଳେ ଅନେକ ଛୋଟ ରାଜ୍ୟ ଓଡ଼ିଶା ଉପରେ ରହିଛନ୍ତି, ଯାହା ରାଜ୍ୟରେ ଯୋଜନାର ଅଗ୍ରଗତି ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ସର୍ବଭାରତୀୟ ସ୍ତରରେ ଓଡ଼ିଶାଠାରୁ ଆଗରେ ଅଛନ୍ତି ଏକାଧିକ ଛୋଟ ରାଜ୍ୟ**




**ଦେଢ଼ଲକ୍ଷ ଆବେଦନ; ୨୪,୯୫୫ ରୁଫ୍‌ଟପ୍‌ରେ ସୋଲାର ପ୍ୟାନେଲ**

**ମାର୍ଚ୍ଚ ଶେଷ ସୁଦ୍ଧା ଦେଢ଼ଲକ୍ଷ ରୁଫ୍‌ଟପ୍ ପ୍ୟାନେଲ୍ ସ୍ଥାପନ ଲକ୍ଷ୍ୟ ପୂରଣ ନେଇ ପ୍ରଶ୍ନବାଚୀ**

**ୟୁଏଲ୍ଏ ମଡେଲ୍ ଅଧୀନରେ ଏଣିକି ୧ କିଲୋୱାଟ୍ ପାଇଁ ୧୮ ୭୫ ଟଙ୍କା ଦେୟ**

ମିଳିଥିବା ସୂଚନା ଅନୁଯାୟୀ ଓଡ଼ିଶାରେ ଏଯାବତ୍ ୨୫ ହଜାରରୁ କମ୍ ରୁଫ୍‌ଟପ୍ ସୋଲାର ପ୍ୟାନେଲ ଲାଗିଥିବା ବେଳେ କେରଳ ପରି ଛୋଟ ରାଜ୍ୟ କିନ୍ତୁ ଏ କ୍ଷେତ୍ରରେ ବେଶ୍ ଆଖିଦୃଶିଆ ପ୍ରଦର୍ଶନ କରିଛନ୍ତି। କେରଳରେ ୧ ଲକ୍ଷ ୭୧ ହଜାର ୫୯୦ଟି ରୁଫ୍‌ଟପ୍ ସୋଲାର ପ୍ୟାନେଲ ଏଯାବତ୍ ଲାଗିସାରିଛି। ସେହିପରି ଆସାମରେ ୬୬୦୯୨, ଉତ୍ତରାଖଣ୍ଡରେ ୫୬ ହଜାରରୁ ଅଧିକ ପ୍ୟାନେଲ ଲାଗି ସାରିଛନ୍ତି। ଆୟତନ, ଆର୍ଥିକ ସମ୍ବଳ ଦୃଷ୍ଟିରୁ ଉପରୋକ୍ତ ରାଜ୍ୟଗୁଡ଼ିକ ଓଡ଼ିଶାଠାରୁ ବେଶ୍ ପଛରେ ଥିବାବେଳେ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଅପେକ୍ଷା ବେଶ୍ ସଚେତନ ଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି।

ରୁଫ୍‌ଟପ୍ ସୌର ଶକ୍ତି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ନୈରାଶ୍ୟଜନକ ପ୍ରଦର୍ଶନ ରାଜ୍ୟ ଶକ୍ତି ବିଭାଗ ଏବଂ ବିତରକ କମ୍ପାନୀର ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠାରୁ ବଡ଼ କଥା ହେଉଛି ଯେ ସୋଲାର ପ୍ୟାନେଲ ଲଗାଇବା ପାଇଁ ଓଡ଼ିଶାର ୪ଟି ବିତରକ କମ୍ପାନୀ ନିକଟରେ ପ୍ରାୟ ଦେଢ଼ ଲକ୍ଷ ଲୋକ ଆବେଦନ କରିଥିଲେ। ତନ୍ମଧ୍ୟରୁ ୯୭,୦୭୪ ଜଣ ପ୍ୟାନେଲ ଲଗାଇବା ପାଇଁ ଭେଣ୍ଡର ମଧ୍ୟ ଚୂଡ଼ାନ୍ତ କରିଥିଲେ। ଏସବୁ ସତ୍ତ୍ୱେ ମାତ୍ର ୨୪,୯୫୫ ଜଣ ସୋଲାର ପ୍ୟାନେଲ ଲଗାଇବାକୁ ନେଇ ଶକ୍ତି ସମୀକ୍ଷକ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ସେମାନଙ୍କ ▶ପୃଷ୍ଠା-୭

## ବାଂଲାଦେଶରେ ଥମୁନି ବିଦ୍ୱେଷର ବହ୍ନି

# ଘର ସହ ନାବାଳିକାଙ୍କୁ ଜାଳିଦେଲେ

■ ଢାକା, ୨୦।୧୨ (ଏଜେନ୍ସି): ଇନ୍‌କିଲାବ ମଞ୍ଚର ନେତା ଉସମାନ ହାଦିଙ୍କ ହତ୍ୟା ପରେ ବାଂଲାଦେଶରେ ଆରମ୍ଭ ହୋଇଥିବା ବିଦ୍ୱେଷ ନିଆଁ ବନ୍ଦ ହେବାର ନା ଧରୁନି। ଏହା ଉଗ୍ର ରୂପ ଧାରଣ କରିଛି। ଉପଦ୍ରବୀମାନେ ମାନବିକତା ଭୁଲି ହିତ୍ୟା, ଲୁଟ୍‌ପାଟ୍ ଚଳାଇଥିବାବେଳେ ବିଏନ୍‌ପି ନେତାଙ୍କ ଘରେ ଆକ୍ରମଣ କରି ତାଙ୍କ ଶିଶୁ କନ୍ୟାଙ୍କୁ ଜିଅନ୍ତା ଜାଳି ଦେଇଛନ୍ତି। ଏପରି ସମୟରେ ଆଜି ହାଦିଙ୍କୁ ରାଷ୍ଟ୍ରୀୟ କବି ନଜରୁଲ ଇସଲାମଙ୍କ କବର ନିକଟରେ କବର ଦିଆଯାଇଛି। ଇନ୍‌କିଲାବ୍ ମଞ୍ଚର ସମର୍ଥକ ମହମ୍ମଦ ୟୁନୁସଙ୍କ ସରକାରଙ୍କୁ ୨୪ ଘଣ୍ଟିଆ କଣ୍ଟ ଦେଇଛନ୍ତି। ହତ୍ୟାକାଣ୍ଡରେ ସାମିଲ ଅପରାଧୀଙ୍କୁ ଧରିବା ପାଇଁ କି କି ପଦକ୍ଷେପ ନିଆଯାଇଛି ତାହାର ସୂଚନା ମାଗିଛନ୍ତି। ହାଦିଙ୍କ ଏହି ଅନ୍ତିମ ଯାତ୍ରାରେ ସାମିଲ ଲକ୍ଷାଧିକ ଲୋକେ ବାରିକେଡ ଭାଙ୍ଗି ସଂସଦରେ ପଶି ଆଜି ଭଙ୍ଗାରୁଜା କରିଛନ୍ତି। ବାଂଲାଦେଶର ସ୍ଥିତିକୁ ଦେଖି ଭାରତୀୟ ସେନା ସୀମାରେ ସଜାଗ ରହିଛି। ଏପରି ସମୟରେ ହାଦିଙ୍କ ହତ୍ୟା ▶ପୃଷ୍ଠା-୭



**ସଂସଦରେ ଉପଦ୍ରବୀଙ୍କ ଲୁଟ୍‌ପାଟ୍, ସରକାରଙ୍କୁ ଦେଲେ ୨୪ ଘଣ୍ଟିଆ କଣ୍ଟ**

**ହିଂସାକାଣ୍ଡ ପଛରେ ଆଇଏସ୍‌ଆଇର 'ଢାକା ସେଲ୍'**

**ଭାରତ-ବାଂଲାଦେଶ ସେନାମୁଖ୍ୟଙ୍କ ଆଲୋଚନା**

# ବୃଦ୍ଧାଙ୍କୁ ପୋଡ଼ି ମାରିଦେଲେ ଲୁଟେରା

■ ଅମ୍ବାଦଳା/ମୁନିଗୁଡ଼ା, ୨୦।୧୨ (ସମିସ): ଲୁଟିବାକୁ ଆସି ବୃଦ୍ଧାଙ୍କୁ ପୋଡ଼ି ମାରିଦେଲେ। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ଥାନା ଅନ୍ତର୍ଗତ କୁମୁଡ଼ାବାଲି ଗାଁରେ ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ମୃତ ବୃଦ୍ଧାଜଣଙ୍କ ହେଲେ, ଅମ୍ଲାଭଟା ପଞ୍ଚାୟତ ଷ୍ଟେସନ୍ କୁମୁଡ଼ାବାଲି ଗ୍ରାମର ଚନ୍ଦନ ତୁଳା ଡଙ୍ଗରି (୭୫)। ଆଜି ସକାଳୁ ତାଙ୍କ ଘରୁ ପୋଡ଼ାଗନ୍ଧ ବାହାରିବା ଓ ତାଙ୍କ କବାଟ ଭଙ୍ଗା ହୋଇଥିବା ଦେଖି ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଘରେ ପଶି ଦେଖିବା ବେଳକୁ ତୁଳା ଅଧା ପୋଡ଼ି ଯାଇଥିଲେ। ଆଣ୍ଠୁତଳ ଦୁଇ ଗୋଡ଼କୁ ଛାଡ଼ିଲେ, ଶରୀରର ଅନ୍ୟ ଅଂଶଗୁଡ଼ିକ ପୋଡ଼ି ଯାଇଥିଲା। ଖବର ପାଇ ଆମ୍ବଦଳା ଆଇଆଇସି କଳ୍ପନା ବେହେରା, ମୁନିଗୁଡ଼ା ଆଇଆଇସି ସୌଦାମିନୀ ବେହେରା, ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ରାୟଗଡ଼ା ଜିଲ୍ଲା ଅତିରିକ୍ତ ଦାୟିତ୍ୱରେ ଥିବା କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ଦେବରକୋଣ୍ଡା ନାଗରାଜ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲେ।

**ଘରୁ ଅର୍ଦ୍ଧଦଗ୍ଧ ଶବ ଜବତ**

ପୁଲିସର ପ୍ରାଥମିକ ତଦନ୍ତରୁ ଜଣାଯାଇଛି ଯେ ଦୁର୍ବୃତ୍ତମାନେ ପ୍ରଥମେ ବୃଦ୍ଧାଙ୍କ ଗଳାକାଟି ହତ୍ୟା କରିବା ପରେ ତାଙ୍କୁ ପୋଡ଼ି ଦେଇଥିଲେ। ତୁଳା ଘରେ ଏକୁଟିଆ ରହୁଥିଲେ। ତାଙ୍କ କାନ ଓ ନାକରେ ସୁନା ପିନ୍ଧିଥିଲେ। ଏହି ସୁନା ଲୁଟିବା ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରୁଛି। ପୁଲିସ ବୃଦ୍ଧାଙ୍କ ଗୋଡ଼ ଏବଂ ପାଉଁଶ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ଏବଂ ଅଧିକ ତଦନ୍ତ ପାଇଁ କୋରାପୁଟ ଏଫ୍‌ଏମ୍‌ଟିକୁ ପଠାଇଥିବା ଜଣାପଡ଼ିଛି। ପୁଲିସ ଘଟଣାର ତଦନ୍ତ କରୁଛି, ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ପ୍ରକାଶ କରିଛନ୍ତି।

# ଟ୍ରେନରେ ଜେନେରାଲ ଟିକଟର ପ୍ରିଣ୍ଟ ଦେଖାଇବା ଜରୁରୀ ନୁହେଁ

■ ନୂଆଦିଲ୍ଲୀ, ୨୦।୧୨ (ଏଜେନ୍ସି): ଟ୍ରେନ ଯାତ୍ରାରେ ଜେନେରାଲ ଟିକଟର ପ୍ରିଣ୍ଟ ରଖିବା ଜରୁରୀ ନୁହେଁ ବୋଲି ଭାରତୀୟ ରେଳବାଇ ପକ୍ଷରୁ କୁହାଯାଇଛି। ଅନେକ ସମୟରେ ଯାତ୍ରୀ ଟିକଟର ଡିଜିଟାଲ କପି ଦେଖାଉଥିବାରୁ ଗ୍ରହଣ କରାଯାଉ ନଥିଲା। ଏବେ ଏହି ଜେନେରାଲ ଟିକଟ ତଥା ଅଣସଂରକ୍ଷିତ ଟିକଟକୁ ନେଇ ଥିବା ସଂଶୟକୁ ରେଳବାଇ ଦୂର କରିଦେଇଛି। ରେଳବାଇ ପକ୍ଷରୁ କୁହାଯାଇଛି ଯେ ଅନରିଜର୍ଭଡ ଟିକେଟିଂ ସିଷ୍ଟମ (ୟୁଟିଏସ) ମୋବାଇଲ ଆପ୍‌ରୁ ବୁକ କରାଯାଇଥିବା ଟିକଟର ପ୍ରିଣ୍ଟଆଉଟ ନେବା ଜରୁରୀ ନୁହେଁ। ଯାତ୍ରା ସମୟରେ ଯାତ୍ରୀ ନିଜ ମୋବାଇଲ ଆପ୍‌ରୁ 'ଶୋ ଟିକଟ' ବିକଳ୍ପ ବ୍ୟବହାର କରି ଟିଟିଇଙ୍କୁ ଦେଖାଇ ପାରିବେ। ଏହା ସମ୍ପୂର୍ଣ୍ଣ ଭାବେ ବୈଧ। ଏକ ଭାଇରାଲ ଭିଡିଓ ପରେ ଏହି ସ୍ପଷ୍ଟୀକରଣ ଦିଆଯାଇଛି। ଏହି ଭିଡିଓରେ ଟିଟିଇ ଯାତ୍ରୀଙ୍କୁ ୟୁଟିଏସରେ ବୁକିଂ ହୋଇଥିବା ଟିକଟର ପ୍ରିଣ୍ଟ ମାଗୁଥିବା ଦେଖା ଯାଇଥିଲା। ଏହାକୁ ନେଇ ଅନେକ ଯାତ୍ରୀଙ୍କ ମଧ୍ୟରେ ଭ୍ରମ ସୃଷ୍ଟି ହୋଇଥିଲା। ତେବେ ଯଦି କୌଣସି ଯାତ୍ରୀ ୱିଣ୍ଡୋ କିମ୍ବା ଅନଲାଇନ ବୁକିଂ ପରେ ତାହାର ପ୍ରିଣ୍ଟ ବାହାର କରିନେଇଛନ୍ତି। ତେବେ ଯାତ୍ରା ସମୟରେ ଏହାକୁ ଦେଖାଇ ପାରିବେ। ଯାତ୍ରୀଙ୍କୁ ଟିକଟର ପ୍ରିଣ୍ଟ ନେବାକୁ କୁହାଯାଉଥିବା କୌଣସି ନିୟମ ନାହିଁ। ଟିଟିଇ ଟିକଟର ପ୍ରିଣ୍ଟ ମାଗିବା ଭୁଲ୍ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

**ପାଖରେ ଡିଜିଟାଲ୍ ଟିକଟ ଥିଲେ ମିଳିବ ଯାତ୍ରା ଅନୁମତି**

## ବିଲୋପ ପୂର୍ବରୁ 'ମନରେଗା'ର ସ୍ଥିତି


# ୫ ବର୍ଷରେ କଟିଛି ୪.୪ କୋଟି ଜବ୍ କାର୍ଡ

■ ନୂଆଦିଲ୍ଲୀ, ୨୦।୧୨ (ଏଜେନ୍ସି): ଗ୍ରାମାଞ୍ଚଳରେ ଦରିଦ୍ର ଲୋକଙ୍କୁ ରୋଜଗାର ଯୋଗାଇବାର ମାଧ୍ୟମ ସାଜିଥିବା ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରଣ୍ଟି ଯୋଜନା (ମନରେଗା) ବଦଳରେ କେନ୍ଦ୍ର ସରକାର ଆଣିଛନ୍ତି ନୂଆ ଯୋଜନା। ବିକଶିତ ଭାରତ ଲକ୍ଷ୍ୟରେ ଆସିଥିବା ଏହି ଯୋଜନାର ନାମ ହେଉଛି ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିସନ- ଗ୍ରାମୀଣ (ଜି- ରାମ- ଜି)। ଏହି ଯୋଜନାରେ ରୋଜଗାର ଲାଗି କେତେକ ନୂଆ ବ୍ୟବସ୍ଥା ସହିତ ନୂଆ ସର୍ତ୍ତ ମଧ୍ୟ ଯୋଡ଼ାଯାଇଛି। ତେବେ ମନରେଗାକୁ ନେଇ ଯେଉଁ ତଥ୍ୟ ଆସିଛି ତାହା ଯେତେ ଉଦବେଗଜନକ, ସେତେ ଚିନ୍ତାର ବିଷୟ ମଧ୍ୟ। ତାହା ହେଲା ମନରେଗା ଉଚ୍ଛେଦ ପୂର୍ବରୁ ରୋଜଗାର ପାଇଁ ଗରିବ ଲୋକମାନଙ୍କୁ ମିଳିଥିବା ଜବକାର୍ଡ ଲକ୍ଷ ଲକ୍ଷ ସଂଖ୍ୟାରେ କାଟି ଦିଆଯାଇଥିଲା। ଗତ ୫ ବର୍ଷ ମଧ୍ୟରେ ୪ କୋଟି ୪୩ ଲକ୍ଷ ଜବ୍ କାର୍ଡ କାଟି ଦିଆଯାଇଛି। ଏଥିରେ ବିହାରରେ ସର୍ବାଧିକ ୧ କୋଟି ୪ ଲକ୍ଷ ଜବକାର୍ଡ ରହିଛି। ୯୦ ଲକ୍ଷ ସହିତ ଉତ୍ତର ପ୍ରଦେଶ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଓଡ଼ିଶାର ସ୍ଥାନ ତୃତୀୟ ରହିଛି। ଓଡ଼ିଶାରେ ୪୧ ଲକ୍ଷରୁ ଅଧିକ ଜବ୍ କାର୍ଡ କାଟି ଦିଆଯାଇଛି।

ଏହି ତଥ୍ୟ ଖୋଦ ସରକାର ଦେଇଛନ୍ତି। ରାଜ୍ୟସଭାରେ ଏହି ତଥ୍ୟ ରଖି ଗ୍ରାମାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ କମଲେଶନ ପାଶ୍ୱାନ କହିଛନ୍ତି ଯେ କେବଳ ଜାଲ ଓ ଡୁପ୍ଲିକେଟ୍ ଜବକାର୍ଡକୁ କଟାଯାଇଛି। ଏହାସହିତ ଯେଉଁମାନେ ସଂପୃକ୍ତ ସ୍ଥାନ ଛାଡ଼ି ପଳାୟନ କରିଛନ୍ତି ସେମାନଙ୍କର କାର୍ଡ ମଧ୍ୟ କଟାଯାଇଛି। ଯେଉଁ ଗ୍ରାମାଞ୍ଚଳ ଏବେ ସହରାଞ୍ଚଳରେ ପରିଣତ ହୋଇଛି, ସେଠାରେ ମଧ୍ୟ ଜବକାର୍ଡ କଟାଯାଇଛି। ସେ କହିଲେ ଯେ ଏମିତି ସାରା ଦେଶରେ ଗତ ୫ ବର୍ଷ ମଧ୍ୟରେ ୪ କୋଟି ୪୩ ଲକ୍ଷ ମନରେଗା ଜବକାର୍ଡ କାଟି ଦିଆଯାଇଛି। ୨୦୨୦-୨୧ରୁ ୨୦୨୪-୨୫ ମଧ୍ୟରେ ନିଆଯାଇଥିବା ଏହି କାର୍ଯ୍ୟାନୁଷ୍ଠାନରେ ବିହାରେରେ ସର୍ବାଧିକ କାର୍ଡ କଟିଛି। ବିହାରରେ ସର୍ବାଧିକ ୧ କୋଟି ୪ ଲକ୍ଷ ଜବ କାର୍ଡ କଟିଥିବା ବେ।।ଳେ ଉତ୍ତରପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଛି ଓ ଏହି ରାଜ୍ୟରୁ ୯୦ ଲକ୍ଷ ୪୦ ହଜାର ଜବକାର୍ଡକୁ କାଟି ଦିଆଯାଇଛି। କଟାଯାଇଥିବା ମୋଟ ଜବକାର୍ଡ ମଧ୍ୟରେ ବିହାର ଓ ୟୁପିର ଅଂଶ ୪୪ ପ୍ରତିଶତ ବୋଲି ସରକାର କହିଛନ୍ତି। ▶ପୃଷ୍ଠା-୭

**ବିହାରରେ ସର୍ବାଧିକ ୧ କୋଟି, ୟୁପିରେ ୯୦ ଲକ୍ଷ**

**୪୧ ଲକ୍ଷ ସହ ତୃତୀୟ ସ୍ଥାନରେ ଓଡ଼ିଶା**




## ତୈଳ କମ୍ପାନୀଙ୍କୁ ଚିଠି ଲେଖିଲା ବାଣିଜ୍ୟ ଓ ପରିବହନ ବିଭାଗ

# ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ପଟ୍ରୋଲ ମନା

■ କଟକ, ୨୦।୧୨(ସମିସ): ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ, ପେଟ୍ରୋଲ ପମ୍ପରେ ଏଣିକି ଆଉ ପେଟ୍ରୋଲ/ଡିଜେଲ ମିଳିବ ନାହିଁ। ଏ ସଂକ୍ରାନ୍ତରେ ତୈଳ ବିକ୍ରୟକାରୀ କମ୍ପାନୀଙ୍କୁ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ଦିଗରେ ଉଦ୍ୟମ ଆରମ୍ଭ ହୋଇଛି। ବାୟୁର ଗୁଣବତ୍ତାକୁ ବଜାୟ ରଖିବା ତଥା ମୋଟରଯାନ ନିୟମ ଉଲ୍ଲଙ୍ଘନ କରି ପ୍ରଦୂଷଣ ସୃଷ୍ଟି କରୁଥିବା ଯାନ ଉପରେ ଅଙ୍କୁଶ ଲଗାଇବାକୁ ବିଭାଗ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି।

ମୋଟରଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ବାଧ୍ୟତାମୂଳକ। ଏଥିପାଇଁ ଗାଡ଼ିଗୁଡ଼ିକୁ ନିୟମିତ ବ୍ୟବଧାନରେ ପଞ୍ଜିକୃତ ପ୍ରଦୂଷଣ ନିୟନ୍ତ୍ରଣ ପରୀକ୍ଷା କେନ୍ଦ୍ରରେ ଯାଞ୍ଚ କରାଇବାକୁ ହୋଇଥାଏ। ଏହି ପ୍ରମାଣପତ୍ର ନଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ମଧ୍ୟ ରହିଛି। ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ଗୁରୁତ୍ୱ ଦେଇ ସମସ୍ତ ଟୋଲଗେଟ୍‌ରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି।

## ରାଜଧାନୀରେ ପାଇଲଟ୍ ପ୍ରକଳ୍ପ ଉଦ୍‌ଘାଟନକୁ ବିତିଲାଣି ୭ ମାସ

# 'ପ୍ରତୀକ୍ଷା କେନ୍ଦ୍ର'ରେ ତାଲା; ରାସ୍ତାକଡ଼ରେ ଶ୍ରମିକ

■ ଭୁବନେଶ୍ୱର,୨୦।୧୨(ସମିସ): ପେଟପାଟଣା ଚିନ୍ତା ରାତିର ନିଦ ହଜାଇ ଦେଉଛି। ଆଉ ରାତି ନପାହୁଣୁ କାମଟିଏ ମିଳିବ କି ନାହିଁ ତା ବି ପ୍ରତିଦିନର ପ୍ରଶ୍ନବାଚୀ। ସହରର ବଡ଼ବଡ଼ିଆମାନେ ସକାଳୁ ସକାଳୁ ହାତରେ ଚା କପ୍ ଧରିଥିବା ବେଳେ ଏମାନଙ୍କ ହାତରେ ଥାଏ ସିମେଣ୍ଟ କଡ଼େଇ। ବର୍ଷା ହେଉ ଅବା ଶୀତରେ ଥରି ଥରି ରାସ୍ତା କଡ଼ରେ ମାଲିକମାନଙ୍କୁ ଅପେକ୍ଷା କରିଥାନ୍ତି ଶହଶହ ଶ୍ରମିକ। ହେଲେ ରାସ୍ତାକଡ଼ରେ ଛିଡ଼ା ହେବା ସେମାନଙ୍କ ପାଇଁ କେତେ ସୁରକ୍ଷିତ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ଶ୍ରମିକମାନଙ୍କ ସୁରକ୍ଷା ନିମନ୍ତେ ନିର୍ମାଣ କରାଯାଇଥିବା ପ୍ରତୀକ୍ଷା କେନ୍ଦ୍ରରେ ଝୁଲୁଛି ତାଲା। ଫଳରେ ଖରା, ବର୍ଷା, ଶୀତ ▶ପୃଷ୍ଠା-୭

**ସଫଳତା ମିଳିଥିଲେ ଅନ୍ୟ ଜିଲ୍ଲାକୁ ସଂପ୍ରସାରିତ ହୋଇଥା'ନ୍ତା ଯୋଜନା**



# ଦାଦନଗଡ଼ରେ ଶ୍ରମିକଙ୍କ ଦୁଃଖ

## ୧୦ ମାସରେ ଗଲାଣି ୨୪ ଜୀବନ

■ ବ୍ରହ୍ମପୁର,୨୦।୧୨(ସମିସ): ଦାଦନ ଗଡ଼ କୁହାଯାଉଥିବା ଗଞ୍ଜାମ ଜିଲ୍ଲାରେ କମୁନି ଶ୍ରମିକଙ୍କ ଦୁଃଖ। ପ୍ରତିଟି ସମୟରେ ଏଠାରୁ ଯାଇ ଅନ୍ୟତ୍ର କାମ କରି ପରିବାର ପୋଷୁଥିବା ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟୁଛି। ଯାହା ଏହି ଇଲାକାର ନିତିଦିନିଆ ଘଟଣା ହୋଇ ସାରିଲାଣି। ଦାଦନ ପ୍ରଥା ରୋକିବା ପାଇଁ ସରକାର ଅନେକ ଯୋଜନା କରୁଥିଲେ ମଧ୍ୟ ତାହା ସଠିକ ବିନିଯୋଗ ହେଉନି। ଅନ୍ୟରାଜ୍ୟକୁ ଟଙ୍କା ରୋଜଗାର ଆଶାରେ ଯାଇଥିବା ବ୍ୟକ୍ତି ନିଜ ଘରକୁ ଟଙ୍କା ପଠାଇବା ପରିବର୍ତ୍ତେ ନିଜେ ଶବ ହୋଇ ଫେରୁଛନ୍ତି। ଏଭଳି ଭାବେ ଗତ ୧୦ମାସରେ ବ୍ରହ୍ମପୁର ଶ୍ରମ ଜିଲ୍ଲରେ ମୋଟ ୨୪ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଚଳିତବର୍ଷ ଫେବୃୟାରୀ ମାସରୁ ବର୍ତ୍ତମାନ ସୁଦ୍ଧା ଦୁବାଇରେ ଜଣେ, କର୍ଣ୍ଣାଟକରେ ୩ଜଣ, ମହାରାଷ୍ଟ୍ରରେ ୫, ▶ପୃଷ୍ଠା-୭

**ପଞ୍ଜୀକରଣ ହୋଇ ନ ଥିବାରୁ ମିଳୁନି ସହାୟତା ରାଶି**

**ସବୁ ଦାଦନ ଶ୍ରମିକଙ୍କ ମୃତ୍ୟୁର ତଥ୍ୟ ରହୁନି**

## ଟାଟା ଷ୍ଟିଲ ସହିତ ହୋଇଥିବା ଚୁକ୍ତିନାମା ବାତିଲ ଦାବି

# ରୋହିତ ଫେରୋ ଆଲୟେଜ ସମ୍ମୁଖରେ ବିକ୍ଷୋଭ

ଯଖପୁରା/ଦାନଗଦି, ୨୦।୧୨(ସମିସ)



ଆର୍ଥିକ ଦୂରାବସ୍ଥାରୁ ମୁକୁଳି ନପାରି ଦେବାଳିଆ ଅବସ୍ଥାରେ ରୋହିତ ଫେରୋଟେକ୍‌କୁ ଟାଟା ଷ୍ଟିଲ ମାଇନିଂ ଲିମିଟେଡ ଅଧିଗ୍ରହଣ କରିଥିଲା। ମାତ୍ର ରୋହିତ ଫେରୋଟେକ୍‌କୁ ଅଧିଗ୍ରହଣ କରିଥିବା ଟାଟା ଷ୍ଟିଲ ମାଇନିଂ ଲିମିଟେଡ ୩ ବର୍ଷ ପରେ ଏହି କାରଖାନାକୁ ଓଡ଼ିଶାର ଏକ ନାମୀ କମ୍ପାନୀ ଇମ୍ଫାକୁ ବିକ୍ରି କରିଦେଇଛି। ଟାଟା ଷ୍ଟିଲ ଏହି କମ୍ପାନୀକୁ ବିକ୍ରି ପରେ କମ୍ପାନୀ ଓ ସ୍ଥାୟୀ କର୍ମଚାରୀ ମଧ୍ୟରେ ଏକ ବିବାଦ ଦେଖିବାକୁ ମିଳିଛି। ଫଳରେ ଟାଟା ଷ୍ଟିଲ ମାଇନିଂ ଲିମିଟେଡରେ ସ୍ଥାୟୀ କାର୍ଯ୍ୟରତ କର୍ମଚାରୀମାନେ ୭ ଦଫା ଦାବି ନେଇ ଫାଟକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି।

ଟାଟା ଷ୍ଟିଲ ମାଇନିଂ ଲିମିଟେଡ୍ କାରଖାନାର ଏଚ୍‌ଆର ମୁଖ୍ୟ ସଞ୍ଜୀବ ସାହୁ ଓ କାରଖାନାର ମୁଖ୍ୟ ଆଲୋକ ପଣ୍ଡା, ତହସିଲଦାର ଦାନଗଦି ଓ ଯଖପୁରା ଥାନା ଅଧିକାରୀଙ୍କ ସହିତ କର୍ମଚାରୀ ସଂଘ ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ। କର୍ମଚାରୀ ସଂଘ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ଆଲୋଚନାରେ ସମାଧାନର ବାଟ ବାହାରି ପାରି ନଥିଲା। ଫଳରେ ସ୍ଥାୟୀ କର୍ମଚାରୀ ନିଜର ଧାରଣା ଜାରି ରଖିଥିବାର ଦେଖିବାକୁ ମିଳିଛି।

ପ୍ରକାଶ ଥାଉ କି ଟାଟା ଷ୍ଟିଲ ମାଇନିଂ ଲିମିଟେଡ ରୋହିତ ଫେରୋଟେକ୍‌କୁ ଅଧିଗ୍ରହଣ କରିବା ପରେ କାରଖାନାର ସ୍ଥାୟୀ କର୍ମଚାରୀଙ୍କ ସହିତ ଏକ ଚୁକ୍ତିନାମା କରିଥିଲା ଚୁକ୍ତିନାମାଟି ଅଗଷ୍ଟ ୩୦ ତାରିଖ ୨୦୨୫ ସ୍ୱାକ୍ଷରିତ ହୋଇଥିଲା। ଚୁକ୍ତିନାମା ଅନୁଯାୟୀ ଅଗଷ୍ଟ ୩୦ ତାରିଖ ୨୦୨୩ରୁ ଅଗଷ୍ଟ ୩୦ ତାରିଖ ୨୦୨୯ ମସିହା ପର୍ଯ୍ୟନ୍ତ ସ୍ଥାୟୀ କର୍ମଚାରୀଙ୍କ ଦରମା ବୃଦ୍ଧି ହୋଇପାରିବନାହିଁ। ଏହାକୁ ସେତେବେଳେ କମ୍ପାନୀରେ କାର୍ଯ୍ୟରତ ସ୍ଥାୟୀ କର୍ମଚାରୀ ମାନି ନେଇଥିଲେ। ମାତ୍ର ଟାଟା ଷ୍ଟିଲ ମାଇନିଂ ଲିମିଟେଡ କମ୍ପାନୀକୁ ଇମ୍ଫା କମ୍ପାନୀ ଅଧିଗ୍ରହଣ କରିବା ପୂର୍ବରୁ ଟାଟା କମ୍ପାନୀ ସହିତ ହୋଇଥିବା ସାତ ବର୍ଷିଆ ଚୁକ୍ତିନାମାକୁ ବାତିଲ କରିବା ପାଇଁ କମ୍ପାନୀରେ କାର୍ଯ୍ୟରତ ସ୍ଥାୟୀ କର୍ମଚାରୀ ଜିଦ୍ ଧରିଛନ୍ତି। ଯାହାକୁ ନେଇ କମ୍ପାନୀ ଟାଳଟୁଳ ନୀତି ଅବଲମ୍ବନ କରିଛି। ଟାଟା ଷ୍ଟିଲ ମାଇନିଂ ଲିମିଟେଡ କମ୍ପାନୀ କହିବା ମୁତାବକ ଆମ ସହିତ ହୋଇଥିବା ସାତ ବର୍ଷିଆ ଚୁକ୍ତିନାମାକୁ ପରବର୍ତ୍ତୀ ସମୟରେ ଆସୁଥିବା କମ୍ପାନୀ ମଧ୍ୟ ପାଳନ କରିବ। ଯାହାକୁ ନେଇ କମ୍ପାନୀ ଓ କର୍ମଚାରୀ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଶ୍ରମିକମାନଙ୍କ ଦାବି ହେଲା ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଓ ବର୍ଦ୍ଧିତ ହାରରେ ଦରମା ପ୍ରଦାନ କରାଯାଉ। ଜୋର ଜବରଦସ୍ତ ଦସ୍ତଖତ ନେଇ ସେମାନଙ୍କ ଉପରେ ଜୁଲମ କରାନଯାଉ। ଯେ ପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ନ ହୋଇଛି ଧାରଣା ଜାରି ରହିବ ବୋଲି ୟୁନିଅନର ସଭାପତି ମାନସ ଚନ୍ଦ୍ର ବେହେରା କହିଛନ୍ତି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଅଭିଯୋଗ

ବିଞ୍ଝାରପୁର/ପ୍ରୀତିପୁର, ୨୦।୧୨(ସମିସ): ବିଞ୍ଝାରପୁର ବ୍ଲକ ଜରୀ ପଞ୍ଚାୟତ ନାଉବାଙ୍କ ଗ୍ରାମରେ ଜଣେ ମହିଳାଙ୍କର ସନ୍ଦେହଜନକ ଭାବରେ ମୃତ୍ୟୁ ଘଟିଛି। ମୃତକ ହେଲେ ନାଉବାଙ୍କ ଗ୍ରାମର ରମେଶ ବେହେରାଙ୍କ ପତ୍ନୀ ପୂର୍ଣ୍ଣିମା ବେହେରା (୧୮) ବୋଲି ଜଣାପଡ଼ିଛି। ପୂର୍ଣ୍ଣିମା ଶୁକ୍ରବାର ବିଳମ୍ବିତ ରାତିରେ ହଠାତ ଅସୁସ୍ଥ ହୋଇ ପଡ଼ିବାରୁ ତାକୁ ଶାଶୂଘର ଲୋକେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ହେଲେ ସେଠାରେ ଚିକିତ୍ସକ ପୂର୍ଣ୍ଣିମାର ମୃତ୍ୟୁ ହୋଇଯାଇଛି ବୋଲି ଘୋଷଣା କରିଥିଲେ। ଅନ୍ୟପକ୍ଷରେ ମୃତ ପୂର୍ଣ୍ଣିମାର ବାପା ବନମାଳୀ ବେହେରା ତାଙ୍କ ଝିଅକୁ ଶାଶୁଘର ଲୋକେ ମାରିଦେଇଥିବାର ଶନିବାର ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମୃତ ପୂର୍ଣ୍ଣିମାର ବାପା ବନମାଳିଙ୍କ ଅଭିଯୋଗ ଅଧାରରେ ପୁଲିସ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମଙ୍ଗଳପୁର ତହସିଲଦାର ଶୁଭ୍ରାଂଶୁ ସାହୁଙ୍କ ଉପସ୍ଥିତିରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହି ଘଟଣାକୁ ବିଞ୍ଝାରପୁର ପୁଲିସ କେଶ ନଂ ୫୯୬/୨୫ ଏକ ମାମଲା ରୁଜ କରି ତଦନ୍ତ ଚଳାଇଛି। ପ୍ରକାଶ ଥାଉକି ମୃତ ପୂର୍ଣ୍ଣିମା ଦୁଇବର୍ଷ ତଳେ ନାଉବାଙ୍କ ଗ୍ରାମର ରମେଶ ବେହେରାଙ୍କୁ ପ୍ରେମ ବିବାହ କରିଥିଲେ ତାଙ୍କର ଗୋଟିଏ ଦେଢ଼ବର୍ଷର ଶିଶୁପୁତ୍ର ରହିଥିବା ଜଣାପଡ଼ିଛି।

● ବାଲି ଖାଦାନରେ ଶିଶୁ ବୁଡ଼ି ଘଟଣା

## ଯାଜପୁର ଜିଲ୍ଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ

ବ୍ରହ୍ମବରଦା, ୨୦।୧୨(ସମିସ): ବେଆଇନ ବାଲି ଖନନ ଯୋଗୁଁ ରସୁଲପୁର ତହସିଲ ଅଧୀନସ୍ଥ ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମର ଜଣେ ୩ ବର୍ଷର ଶିଶୁ ମୃତ୍ୟୁ ଘଟଣାକୁ ନେଇ ବେଆଇନ ବାଲି ଖନନ ଓ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାମାଜିକ କର୍ମୀ ପ୍ରତାପ ପୃଷ୍ଟି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗର ଉପସଚିବ ରାଜେଶ ପ୍ରସାଦ ନାୟକ ଆଜି ଚିଠି ନମ୍ବର ୧୨, ୨୯୯ରେ ଯାଜପୁର ଜିଲ୍ଲାପାଳ ଓ ଲଘୁ ଖଣିଜ ପଦାର୍ଥ ନିର୍ଦ୍ଦେଶକ, ଓଡ଼ିଶା ଘଟଣାକୁ ତୁରନ୍ତ ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉକି ଚାନ୍ଦପୁର ଗ୍ରାମର ଶଙ୍କର ଦାସଙ୍କ ୩ ବର୍ଷର ଶିଶୁପୁତ୍ର ମାନସ ଦାସ ଗତ ୯ ତାରିଖ ସକାଳେ ବ୍ରାହ୍ମଣୀ ନଦୀ କୂଳରେ ଖେଳକୁଦ କରୁଥିବା ବେଳେ ନଦୀରେ ବୁଡି ମୃତ୍ୟୁବରଣ କରିଥିଲା। ଘଟଣାକୁ ନେଇ ଗ୍ରାମବାସୀ ବରୁଆଁ-ବାଲିଚନ୍ଦ୍ରପୁର ରାସ୍ତାର ବ୍ରହ୍ମବରଦା ସେତୁ ଉପରେ ଟାୟାର ଜାଳି ରାସ୍ତା ରୋକ କରିଥିଲେ। ମୃତ ଶିଶୁର ପରିବାରକୁ କ୍ଷୟକ୍ଷତି ଦେବା ସହିତ ବେଆଇନ ବାଲିଘାଟ ଓ ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା, ବାଲିଘାଟରେ ବ୍ୟବହୃତ ଭାରୀଯାନ ଗୁଡିକୁ ସିଜ୍ କରିବା, ସ୍ଥାନୀୟ ଥାନା ଅଧିକାରୀଙ୍କୁ ଅନ୍ୟତ୍ର ବଦଳ କରିବା ଭଳି ଦାବି ନେଇ ଦୀର୍ଘ ସମୟ ଟାୟାର ଜାଳି ହୋ-ହାଲ୍ଲା କରି ରାସ୍ତା ରୋକ କରିଥିଲେ। ଏନେଇ ବ୍ରହ୍ମବରଦା ଥାନା ଅଧିକାରୀ ରସୁଲପୁର ତହସିଲଦାର, ଯାଜପୁର ଏସ୍‌ଡିପିଓ ଓ ଲଘୁଖଣି ବିଭାଗୀୟ କନିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମାପଚୁପ କରି ତୁରନ୍ତ ଉଚିତ ପଦକ୍ଷେପ ନେବା ପାଇଁ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଜନସାଧାରଣଙ୍କୁ ଦେଇଥିଲେ। ହେଲେ ଆଜି ଯାଏଁ ଏହାର କୌଣସି ସମାଧାନ କରାଯାଇ ନଥିବା ବେଳେ ୨୬ରୁ ଊର୍ଦ୍ଧ୍ୱ ରାସ୍ତା ଅବରୋଧକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

## ଦୁଇବର୍ଷର ଶିଶୁକୁ ରକ୍ତଦାନ କଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ



ଭୁବନେଶ୍ୱର, ୨୦।୧୨(ସମିସ): କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ୨ ବର୍ଷ ବୟସର ସାନଭି ମହାନ୍ତଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ରକ୍ତଦାନ କରିଛନ୍ତି ୧୦୮ ଆମ୍ବୁଲାନ୍ସ ଇଏମ୍‌ଟି ଯଶୋବନ୍ତ ମହନ୍ତ। ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକର ସାନଭି ମହାନ୍ତ ସିକିଲସେଲ୍‌ଫରେ ପୀଡ଼ିତ ଏବଂ ନିୟମିତ ବ୍ୟବଧାନରେ ରକ୍ତ ଆବଶ୍ୟକ କରନ୍ତି। ଶନିବାର ସକାଳ ୧୦ଟାରେ ଅନ୍ୟ ଜଣେ ରୋଗୀଙ୍କୁ ନେଇ ଗୋଟିଏ ୧୦୮ ଆମ୍ବୁଲାନ୍ସ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇଥିବା ସମୟରେ ସାନଭିଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ସୌଭାଗ୍ୟବଶତଃ ୧୦୮ ଆମ୍ବୁଲାନ୍ସରେ କାର୍ଯ୍ୟରତ ଇଏମଟି ଯଶୋବନ୍ତ ମହନ୍ତଙ୍କ ବ୍ଲଡ଼ ଗ୍ରୁପ ବି-ପଜିଟିଭ୍ ଥିଲା ବେଳେ ସାନଭିଙ୍କର ମଧ୍ୟ ସମାନ ଗ୍ରୁପର ରକ୍ତ ଆବଶ୍ୟକ ଥିଲା। ତେଣୁ ଯଶୋବନ୍ତ ସେହି ରୋଗୀଙ୍କ ପାଇଁ ରକ୍ତଦାନ କରିଥିଲେ। ଏହି ମାନବୀୟ କାର୍ଯ୍ୟ ପାଇଁ ରୋଗୀଙ୍କ ବାପା ଏବଂ ଡାକ୍ତରଖାନା କର୍ତ୍ତୃପକ୍ଷ ଯଶୋବନ୍ତଙ୍କୁ ସାଧୁବାଦ ଜଣାଇଛନ୍ତି।

## ଗୁରୁକୁଳରେ ଆନ୍ତଃ ବିଦ୍ୟାଳୟ ପ୍ରଦର୍ଶନୀ

ଧର୍ମଶାଳା, ୨୦।୧୨(ସମିସ): ଧର୍ମଶାଳା ବ୍ଲକ ହରିଦାସପୁର ସ୍ଥିତ ଗୁରୁକୁଳ ପବ୍ଲିକ ସ୍କୁଲରେ ବାର୍ଷିକ ଆନ୍ତଃ ବିଦ୍ୟାଳୟ ପ୍ରଦର୍ଶନୀ ଉତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡା ଯୋଗ ଦେଇଥିଲେ। ବିଦ୍ୟାଳୟ ର ପ୍ରତିଷ୍ଠାତା ଅଭୟ କୁମାର ଜେନା ସଭାପତିତ୍ୱ କରିଥିବା ବେଳେ, ବିଦ୍ୟାଳୟର ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର ଏହି ପ୍ରଦର୍ଶନୀର ପରିଚାଳନା କରିଥିଲେ। ଉକ୍ତ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀର କୁମାର କର ସଭାରେ ସ୍ୱାଗତ ଭାଷଣ ଦେଇଥିଲେ। ଏହି ପ୍ରଦର୍ଶନୀ ଦିବସର ନାମ 'ଟେରା ଫେୟାର' ରଖାଯାଇଥିଲା। ଏହି ପ୍ରଦର୍ଶନୀରେ ବିଜ୍ଞାନ, ସାହିତ୍ୟ, ସମାଜିକ ବିଜ୍ଞାନ, ଗଣିତ ଓ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଦି ବିଷୟକୁ ଭିତି କରି ଯାଜପୁରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମୁଖ୍ୟ ବିଚାରପତି ଭାବେ ପ୍ରାଧ୍ୟାପକ ବିଜୟ କୁମାର ସାମଲ, ପ୍ରଧ୍ୟାପକ ଅମ୍ବିକା ପ୍ରସାଦ ମିଶ୍ର ଓ ଶିକ୍ଷାବିତ ସୁଦାମ ଚରଣ ପଣ୍ଡା ପ୍ରକଳ୍ପଗୁଡିକର ମୂଲ୍ୟାଙ୍କନ କରିଥିଲେ। ଏହି ପ୍ରଦର୍ଶନୀରେ ୧୨୫ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଏକ ଖାଦ୍ୟ ପ୍ରଦର୍ଶନୀ 'ହାଣ୍ଡିଶାଳ'କୁ ସମାଜସେବୀ ପ୍ରତିମା ଜେନା ଉଦଘାଟନ କରିଥିଲେ। ଏଥବରେ ୪୦ଟି ଖାଦ୍ୟ ଷ୍ଟଲ୍ ପ୍ରଦର୍ଶନ କରାଯାଇଥିଲା। ପ୍ରତିଷ୍ଠାତା ଅଭୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ବାର୍ଷିକ ପ୍ରଦର୍ଶନୀ ପରିଚାଳନା କରାଯାଇଥିଲା।




## ଇମ୍ଫା ତରଫରୁ ସ୍ୱାସ୍ଥ୍ୟ ଶିବିର

ଦାନଗଦି, ୨୦।୧୨(ସମିସ): ଇମ୍ଫା ଶିଳ୍ପ ଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ତରଫରୁ ଏକ ସ୍ୱାସ୍ଥ୍ୟସେବା ଶିବିର ସ୍ଥାନୀୟ କଚେରି ଗାଁ ଓ କୁଡୁମି ସାହିସ୍ଥିତ କମ୍ୟୁନିଟି ହଲ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଇମ୍ଫା ଶିଳ୍ପ ଗୋଷ୍ଠୀର ବରିଷ୍ଠ ସାଧାରଣ ପ୍ରବନ୍ଧକ କିଶୋର ମୋହନ ମହାନ୍ତି ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ଅଞ୍ଚଳର ସମାଜସେବୀ ସଞ୍ଜୟ କୁମାର ମହାନ୍ତି, ହଳଧର ନାୟକ, ରାଜୁ କାଲୁଣ୍ଡିଆ ପ୍ରମୁଖ ଯୋଗ ଦେଇଥିଲେ। ଇମ୍ଫା ତରଫରୁ ଜିଏମ୍ ନିହାର ରଞ୍ଜନ ବଳ, ଜିଏମ୍ ସଞ୍ଜୟ ଗୁଲାଟି, ଡିଜିଏମ୍ ମାନସ ରଞ୍ଜନ କର, ଡିଜିଏମ୍ ବାସୁଦେବ ମୁଣ୍ଡା, ମାନବ ସମ୍ବଳ ଅଧିକାରୀ ସୁଧାଂଶୁ ରାଉତରାୟ, ମୁଖ୍ୟ ସୁରକ୍ଷା ଅଧିକାରୀ ଦୁର୍ଗାପ୍ରସାଦ ଭଞ୍ଜ, ଲୋକ ସମ୍ପର୍କ ବିଭାଗ ଅଧିକାରୀ ପ୍ରିୟବ୍ରତ କେଶି ଯୋଗଦେଇଥିଲେ। ଏହି ଶିବିରରେ ଦାନଗଦି ବ୍ଲକ ସିଏଚ୍‌ସିର ସ୍ତ୍ରୀ ରୋଗ, ଶିଶୁରୋଗ ଓ ବରିଷ୍ଠ ବିଶେଷଜ୍ଞ ଡ. ଜ୍ୟୋତି ମହାପାତ୍ର, ଡ. ପ୍ରୟାଗଜିତ ରାଉତରାୟ ଯୋଗ ଦେଇଥିଲା ବେଳେ ଭେଷଜ ବିଭାଗରେ ବରିଷ୍ଠ ଡ. ଅଭିମନ୍ୟୁ ପ୍ରମୁଖ ଯୋଗ ଦେଇ ରୋଗୀମାନଙ୍କୁ ପରୀକ୍ଷା କରିବା ସହିତ ଚିକିତ୍ସା କରିଥିଲେ। ଶିବିରକୁ ସୁଜିତ କୁମାର ରାଉତ, ଲୋକସମ୍ପର୍କ ଅଧିକାରୀ, ଇମ୍ଫା ଓ ଫାଉଣ୍ଡେସନର ମ୍ୟାନେଜର ଆଶିଷ ଦାସ ପରିଚାଳନା କରିଥିଲେ। ଏହି ସ୍ୱାସ୍ଥ୍ୟସେବା ଶିବିରରେ ସ୍ଥାନୀୟ କଚେରି ଗାଁ ଓ କୁଡୁମି ସାହି ଗ୍ରାମର ପ୍ରାୟ ୧୫୨ ଜଣ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଫାଉଣ୍ଡେସନର ପ୍ରୋଗ୍ରାମ ଅଫିସର ସୁପ୍ରଭା ପ୍ରଧାନ, ମହାମାୟା ମହାଦେବ ପାଳ ପ୍ରମୁଖ ସହଯୋଗ କରିଥିଲେ।



## ବ୍ରହ୍ମବରଦା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବ୍ରହ୍ମବରଦା, ୨୦।୧୨(ସମିସ): ରସୁଲପୁର ବ୍ଲକ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଝାରେସୁଗୁଡ଼ାର ଅବସରପ୍ରାପ୍ତ ଜିଲ୍ଲାପାଳ ସରୋଜ କୁମାର ସାମଲ ମୁଖ୍ୟଅତିଥି ଭାବେ ଏବଂ ବକ୍ତା ଭାବେ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ ଯୋଗଦେଇଥିଲେ। ପୂର୍ବତନ ଅଧ୍ୟକ୍ଷ କିଶୋର ଚନ୍ଦ୍ର ଜେନା, ନୃସିଂହ ଚରଣ ନାୟକ, ପୂର୍ବତନ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ଶ୍ରମିକ ନେତା ପ୍ରଦିପ ଦାସ, ବ୍ରହ୍ମବରଦା ସରପଞ୍ଚ ମମତାଶୁଭଦର୍ଶିନୀ ଦେଓ, ସମିତିସଭ୍ୟା ରୁକସାନା ପରୱିନ, ଗ୍ରାମର ବରିଷ୍ଠ ବିପିନ ବିହାରୀ ଦେଓ, ଅବସରପ୍ରାପ୍ତ ଶିକ୍ଷକ ଆଲ୍ଲାଉଦ୍ଦିନ ଖାନ, ସମାଜସେବୀ ପ୍ରଫୁଲ୍ଲ ଗିରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧପକ ଉଲ୍ଲାସ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧପକ ରଶ୍ମିକାନ୍ତ ଦାଶ କାର୍ଯ୍ୟକ୍ରମର ସଂଯୋଜକ ଥିବା ବେଳେ ଅଧ୍ୟାପକ ସୌଭାଗ୍ୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



## କଳା ପରିଷଦର ବାର୍ଷିକ ଉତ୍ସବ ପ୍ରସ୍ତୁତି

ବରୀ, ୨୦।୧୨(ସମିସ): ଗୁରୁବାର ପୂର୍ବାହ୍ନରେ ଜୟ ଜଗନ୍ନାଥ ବ୍ଲକ ସଙ୍କୀର୍ତ୍ତନ କଳା ପରିଷଦର ବାର୍ଷିକ ଉତ୍ସବ ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ ନୀଳମଣି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ନିକଟ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଉକ୍ତ ବୈଠକରେ ପ୍ରତି ବର୍ଷ ଭଳି ଆସନ୍ତା ୩୦ ତାରିଖରେ ବାର୍ଷିକ ଉତ୍ସବ ପାଳନ କରାଯିବ ବୋଲି ପରିଷଦର ସମ୍ପାଦକ ନଟବର ମହାନ୍ତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିଷଦର ସଦସ୍ୟ ଥିବା ପୁରୁଷ ଓ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀର ସଭ୍ୟ ସଭ୍ୟା ମାନେ ଯୋଗଦେଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ଅନୁରୋଧ କରାଯାଇଛି। ବୈଠକରେ ବରିଷ୍ଠ କଳାକାର ଚକ୍ରଧର ସାମଲ, ବିପିନ ବିହାରୀ ମହାନ୍ତି, ନିତ୍ୟାନନ୍ଦ ସ୍ୱାଇଁ, ମନମୋହନ ଜେନା, ନଟବର ମଳିକ, ପ୍ରଶାନ୍ତ ଦଳେଇ, ଅନାଦି ଜେନା, ପଞ୍ଚାନନ ମଳିକ, ମୁକ୍ତେଶ୍ୱର ମହାନ୍ତି, ନାରାୟଣ ଚନ୍ଦ୍ର ରଣା, ଶ୍ରୀବତ୍ସ ଲଛନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିବାବେଳେ ସମ୍ପାଦକ ନଟବର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଦଶରଥପୁର, ୨୦।୧୨(ସମିସ): ଦଶରଥପୁର ବ୍ଲକ ଅଧୀନସ୍ଥ ଗାନ୍ଧିଜୀ ଉଚ୍ଚ ବିଦ୍ୟାଳୟ ପାଲଟପୁରର ପୂର୍ବତନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ମୁଦୁଲିଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଜିତ କୁମାର ଜେନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କଳ୍ପତରୁ ସାମଲ, ସମ୍ମାନିତ ଅତିଥି ଭାବେ ସିଆରସିସି ଅଶ୍ୱିନୀ କୁମାର ସେନାପତି, ଅବସରପ୍ରାପ୍ତ ଶିକ୍ଷକ ହରିଶ ଚନ୍ଦ୍ର ପଣ୍ଡା, ଶୈଳେନ୍ଦ୍ର କୁମାର ନାୟକ, ଅନିରୁଦ୍ଧ ପତ୍ରି, ସୁରେନ୍ଦ୍ର କୁମାର ପାତ୍ର, ସାମ୍ବାଦିକ ଚନ୍ଦ୍ରଶେଖର ସାହୁ, ଶିକ୍ଷକ ଅନୀଲ କୁମାର ରାୟ, ପାଲଟପୁର ସରପଞ୍ଚ ଲିପିକା ମଲ୍ଲିକ, ଏମସି କମିଟି ସଭାପତି ରାଜେଶ ବିଶ୍ୱାଳ, ଏଏସଏମସି ସଭାପତି ଉତ୍ତମ କୁମାର ପଣ୍ଡା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଦୁର୍ଯ୍ୟୋଧନ ସାମଲ, ଅଶୋକ ନାୟକ, ହରେଶ ଚନ୍ଦ୍ର ମହାରଣା, ଶରତ ଚନ୍ଦ୍ର ସାହୁ, ପୂର୍ବତନ କ୍ରୀଡ଼ା ଶିକ୍ଷକ ରାଜକିଶୋର ରାଉତ, ଶିକ୍ଷୟିତ୍ରୀ ରଶ୍ମିରେଖା ରାଉତ, ଶିକ୍ଷା କର୍ମଚାରୀ ବ୍ରଜକିଶୋର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜେନାପୁର ପୂର୍ବତନ ସରପଞ୍ଚଙ୍କ ପରଲୋକ



କବାଟବନ୍ଧ, ୨୦।୧୨(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ଦୁର୍ଗାପଡ଼ିଆ ଗ୍ରାମର ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ପଟ୍ଟନାୟକ (୭୭)ଙ୍କ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ରାଜନୀତିରେ ସକ୍ରିୟ ଥିଲେ। ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ ଏବଂ ୧୯୯୫ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଦୁଇଥର ଧର୍ମଶାଳା ବ୍ଲକ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ସମ୍ଭାଳି ଥିଲେ। ଜେନାପୁର ପଞ୍ଚାୟତରେ ଦୁଇଥର ସରପଞ୍ଚ ହୋଇଥିଲେ। ପୂର୍ବରୁ କଂଗ୍ରେସରେ ଏବଂ ବିଜେଡିରେ ୨୦୧୭ ମସିହାରୁ ୨୦୨୨ ପର୍ଯ୍ୟନ୍ତ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଏହା ସହିତ ଜେନାପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସଭାପତି, ଜେନାପୁର ଉଚ୍ଚ ବିଦ୍ୟାଳୟର ସକ୍ରିୟ ସଦସ୍ୟତା ଗ୍ରହଣ କରି ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରିଥିଲେ। ଜେନାପୁର ପ୍ରାଥମିକ ଚିକିତ୍ସାଳୟ ସ୍ଥାପନା, ଉନ୍ନତୀକରଣ ତାଙ୍କର ଯଥେଷ୍ଟ ଅବଦାନ ରହିଥିଲା। ତାଙ୍କ ପ୍ରଚେଷ୍ଟାରେ ଜେନାପୁର ଡାକଘରକୁ ରାଜୀବଗାନ୍ଧୀ ସେବା କେନ୍ଦ୍ରକୁ ସ୍ଥାନାନ୍ତରିତ କରିଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ବରିଷ୍ଠ ବ୍ୟକ୍ତି, ସମାଜସେବୀ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଶେଷକୃତ୍ୟ କରାଯାଇଥିଲା। ତାଙ୍କର ପୁତୁରା ଡ୍ୟାନିସ୍ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।

## ଅଲେଖପୁରରେ ଲକ୍ଷ୍ମୀ ନାରାୟଣ ପୂଜା



ଦାନଗଦି, ୨୦।୧୨(ସମିସ): ଦାନଗଦି ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନପୁର ପଞ୍ଚାୟତ ଅଲେଖପୁର ଗ୍ରାମରେ ଲକ୍ଷ୍ମୀ ନାରାୟଣ ପୂଜା ମହୋତ୍ସବ ପାଳିତ ହୋଇଯାଇଛି। ୫ଦିନ ଧରି ଚାଲିଥିବା ଉକ୍ତ ଉତ୍ସବରେ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ, ପ୍ରାକ୍ତନମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ଶରତ ଚନ୍ଦ୍ର ରାଉତଙ୍କ ସମେତ ସମାଜସେବୀ ସୌମ୍ୟରଞ୍ଜନ ମହାପାତ୍ର, କଂଗ୍ରେସର ବ୍ଲକ ସଭାପତି ବିଭୂଭୂଷଣ ରାଉତ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। କୁଶଳେଶ୍ୱର ଆଞ୍ଚଳିକ ସଂକୀର୍ତ୍ତନ ମଣ୍ଡଳି ନେତୃତ୍ୱରେ ଏକାଧିକ ମଣ୍ଡଳି ଖୋଳ କୀର୍ତ୍ତନର ତାଳେ ତାଳେ ନଗର ପରିକ୍ରମା କରିଥିଲେ। ଯାହା ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିବା ବେଳେ ଲୋକାଦୃତ ହୋଇଥିଲା। ପୂଜା ମହୋତ୍ସବରେ ରାଜସ୍ଥାନର ଉଜ୍ଜୟିନୀରୁ ଆସିଥିବା ନାଗା ବାବାଙ୍କ ସମେତ ବହୁ ସାଧୁ ସନ୍ଥ ଯୋଗଦାନ କରିଥିଲେ। ଆଚାର୍ଯ୍ୟ ମାନସ କୁମାର ହୋତା, ଦେବଦତ୍ତ ମିଶ୍ର, ଅଶୋକ କୁମାର ହୋତା, ଶଶିଭୂଷଣ ପତି ସମେତ ସହଯୋଗୀ ପଣ୍ଡିତ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ପୂଜା ଅବସରରେ ସ୍ଥାନୀୟ ମହାଗିରି ପ୍ରେସ କ୍ଲବର ସଭାପତି ମଳୟ କୁମାର ରାଉତଙ୍କ ସମେତ ବହୁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଶିକ୍ଷାବିତ୍ ଅକ୍ଷୟ କୁମାର ରାଉତ, ଆବାହକ ରଣଜିତ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ସଭାପତି ପରେଶ କୁମାର ରାଉତ, ସମ୍ପାଦକ ଅଚ୍ୟୁତ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ପିଏମ୍‌ଶ୍ରୀ ବୁଦ୍ଧରାଜ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ

ଦାନଗଦି, ୨୦।୧୨(ସମିସ): ପିଏମ୍‌ଶ୍ରୀ ବୁଦ୍ଧରାଜ ବିଦ୍ୟାପୀଠ ଦାନଗଦିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କଳିଙ୍ଗନଗର ଭୁବନ୍ଦୋବସ୍ତ ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲ୍ଲିକ, ବିଦ୍ୟାଳୟ ପ୍ରତିଷ୍ଠାତା ପୁରୁଷୋତ୍ତମ ବୁଦ୍ଧରାଜ, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ରାୟ, ପୁରାତନ ଛାତ୍ର ତଥା ପଞ୍ଚସଖା ଶିକ୍ଷା ସେତୁ ସଭାପତି ଲୋକନାଥ ଧୀର, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପବିତ୍ର ମୋହନ ଜେନାମଣି, ବିଇଓ ଶୁଭ୍ରାଂଶୁ ପୁହାଣ ପ୍ରମୁଖ ଯୋଗଦେଇଥିଲେ। ଅ-ରେ ଅଭ୍ୟାସ, ଆ-ରେ ଆଗ୍ରହ, ଇ-ରେ ଇଚ୍ଛା ଶକ୍ତି, ଈ-ରେ ଈଶ୍ୱର ଭକ୍ତି; ଏହି ଚାରୋଟି ଅକ୍ଷରକୁ ନେଇ ବିଦ୍ୟାଳୟ ଆରମ୍ଭ ହୋଇଛି। ଆଜିର ଡିଜିଟାଲ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିପାରିଛି। ବିଦ୍ୟାଳୟ ମାନଙ୍କୁ ଅଗ୍ରଣୀ କରିବା ସହ ଶିକ୍ଷା ବ୍ୟବସ୍ଥାକୁ ପରିବର୍ତ୍ତନ କରିବା ପାଇଁ ସରକାରଙ୍କ ପକ୍ଷରୁ ବହୁତ ବ୍ୟବସ୍ଥା କରାଯାଇଛି। ଭଲ ପରିବେଶ ଭଲ ଶିକ୍ଷା ପାଇବା ପାଇଁ ଏହି ଅନୁଷ୍ଠାନ ସହାୟକ ହୋଇପାରିବ ବୋଲି ଅତିରିକ୍ତ ଆୟୁକ୍ତ ମଲ୍ଲିକ କହିଥିଲେ।



## ମୁକୁନ୍ଦପାତ୍ର ବିଦ୍ୟାଳୟର କ୍ରୀଡ଼ା ଉଦ୍‌ଯାପିତ

କବାଟବନ୍ଧ, ୨୦।୧୨(ସମିସ)



ଧର୍ମଶାଳା ବ୍ଲକ ଅନ୍ତର୍ଗତ ମୁକୁନ୍ଦପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ୨୦୨୫-୨୬ ଉଦ୍‌ଘାଟିତ ହୋଇଯାଇଛି। ଶନିବାର ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବ୍ଲକ ବିଡିଓ ଜ୍ୟୋତିର୍ମୟ କର ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା କ୍ଷେତ୍ରରେ ନିଜ ଭବିଷ୍ୟତ ଗଢ଼ିବା ପାଇଁ ଉତ୍ସାହିତ କରିଥବଲେ। ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବ୍ଲକର ଉପାଧକ୍ଷା ବିଶ୍ୱବିଜୟିନୀ ମିଶ୍ର ଯୋଗ ଦେଇଥିଲେ। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବ ଅଧ୍ୟକ୍ଷଙ୍କ ଦ୍ୱାରା ଉଦଘାଟନ ହୋଇଥିଲା। ଏହି ପ୍ରତିଯୋଗିତାରେ ୧୫ଟି ବିଭାଗରେ ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ଛାତ୍ରୀମାନଙ୍କ ଭିତରେ ଯୁକ୍ତ ୨ର ୧ମ ବର୍ଷର ଛାତ୍ରୀ ତୁଳସୀ ସାହୁ ଓ ଛାତ୍ରମାନଙ୍କ ମଧ୍ୟରୁ ଯୁକ୍ତ ୨ ବିଜ୍ଞାନ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ସୂର୍ଯ୍ୟକାନ୍ତ ସେଠୀ ଚାମ୍ପିଅନ ହୋଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟାପକ ଅରୁଣ କୁମାର ନାୟକ ସ୍ୱାଗତ ଭାଷଣ ଦେବା ସହିତ ଅଧ୍ୟାପକ ନିରାକାର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ସଂଯୋଜକ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ସଂଯୋଜନା କରିଥିଲେ। ତିନିଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟାପକ ବିଭୂତି ମିଶ୍ର, ଅରୁଣ କୁମାର ନାୟକ, ଅଭିମନ୍ୟୁ ସାହୁ, ନିରାକାର ରଥ, ମିନତୀ ବିଶ୍ୱାଳ, ମଧୁସ୍ମିତା ସେନାପତି, ସ୍ୱର୍ଣ୍ଣପ୍ରଭା ଖଟୁଆ, ଶୁଭଲକ୍ଷ୍ମୀ ରାଉତ, ରଘୁନାଥ ରାଉତ, ପୂର୍ଣ୍ଣଚନ୍ଦ୍ର ଦାସ, ହିମାଂଶୁ ନାୟକ, ଶରତ ଚନ୍ଦ୍ର ମିଶ୍ର, ଅକ୍ଷୟ ବଳ, ଭ୍ରମର ବର ସାହୁ, ରମେଶ ପାତ୍ର, ଭରତ ପରିଡ଼ା, କାଠିନାଥ ସାହୁ, ସଙ୍ଗୀତା ଦେଓ, ଅଧ୍ୟାପକ ରଞ୍ଜନ ଦାଶ, ଅଧ୍ୟାପକ ସୁଶାନ୍ତ ପାତ୍ର, ବାସୁଦେବ ପାତ୍ର ସହଯୋଗ କରିଥିଲେ।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ

# ନୂତନ ଶିକ୍ଷାନୀତିକୁ ଗୁରୁତ୍ୱ

**ଦୋବଲ, ୨୦।୧୨(ସମିସ):** ଧାମନଗର ବ୍ଲକ ଖଡ଼ିପଦା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ ସ୍ଥାନୀୟ ପାହାଡ଼ପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସିଆର୍‌ସିସି ଦେବବ୍ରତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କବିତାଞ୍ଜଳି ବେହେରାଙ୍କ ସଭାପତିତ୍ୱରେ ପୂର୍ବତନ ସିଆର୍‌ସିସି ଭରତ ତରାଇ, ବରିଷ୍ଠ ଶିକ୍ଷକ ଗଗନ କୁମାର ତରାଇ, କେଶବ କୁମାର ସାହୁ, ଶିକ୍ଷୟିତ୍ରୀ ମିନତି ସ୍ୱାଇଁ ପ୍ରମୁଖ ଯୋଗଦେଇ ସରକାରଙ୍କ ନୂତନ ଶିକ୍ଷାନୀତି, ମୌଳିକ ସାକ୍ଷରତା ସଂଖ୍ୟା ବୃଦ୍ଧି ଉପରେ ଆଲୋଚନା କରାଯାଇଥିଲା । ତେବେ ଆଞ୍ଚଳିକସ୍ତରୀୟ ୬ଷ୍ଠ ମାସିକ ବୈଠକରେ ୧୪ଟି ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ । ଶିକ୍ଷକ ମହାପ୍ରସାଦ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ରାଜେଶ୍ୱରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ବାରିକପୁର:** ଭଣ୍ଡାରିପୋଖରୀ ବ୍ଲକ ସାରୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସିଆର୍‌ସିସି ଜ୍ୟୋତ୍ସ୍ନା କୁମାରୀ ବାରିକଙ୍କ ସଂଯୋଜନାରେ ସାଧନ କେନ୍ଦ୍ରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଶିକ୍ଷକ ଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷକ ଡ. ପ୍ରଦୀପ କୁମାର ନାୟକ ଓ କିରଣ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜଗବନ୍ଧୁ ସେଠୀ ସ୍ୱାଗତ ଅଭିଭାଷଣ ଏବଂ ପ୍ରାକ୍ତନ ଶିକ୍ଷା ସଂଯୋଜକ କୈଳାସ ଚନ୍ଦ୍ର ସାମଲ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶିକ୍ଷୟିତ୍ରୀ ମାନସୀ ଜେନା ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଅଭିନୟ ପାଠ୍ୟ ଯୋଜନା ଉପସ୍ଥାପନ କରିଥିବାବେଳେ ଅଭିଲିପ୍‌ସା ପତି ସଂଖ୍ୟା ଜ୍ଞାନ ସମ୍ବନ୍ଧୀୟ ପାଠ୍ୟ ଯୋଜନା ଉପସ୍ଥାପନ କରିଥିଲେ । ଏଥିରେ ଶିକ୍ଷକ ତପନ କୁମାର ରାଉତ, ବିମ୍ବାଧର ଶଙ୍ଖୁଆ, ରିନା ମାଝୀ, ସୁଷମା ସେନାପତି, ରବୀନ୍ଦ୍ର କୁମାର ଗୁଡ଼ି, ଅନନ୍ତ କୁମାର ନାୟକ, ରବୀନ୍ଦ୍ର ଦାସ ଉପସ୍ଥିତ ଥିଲେ । ସାଧନ କେନ୍ଦ୍ର ଅଧୀନସ୍ଥ ୧୩ଟି ବିଦ୍ୟାଳୟରୁ ଆସିଥିବା ଶିକ୍ଷକଶିକ୍ଷୟିତ୍ରୀମାନେ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଆପେକ୍ସ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ମେଳା

**ଭଦ୍ରକ, ୨୦।୧୨(ସମିସ):** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅଧୀନ ଧୂଷୁରୀ ଆପେକ୍ସ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଧାମନଗର ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସତ୍ୟସୁନ୍ଦର ପରିଡ଼ା ମୁଖ୍ୟ ଅତିଥି ଓ ମୁରଲୀଧର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଜ୍ୟୋତିରଞ୍ଜନ ମହାପାତ୍ର ବିଚାରକ ଭାବେ ଯୋଗଦେଇଥିଲେ । ବିଇଓ ଶ୍ରୀ ପରିଡ଼ା ବିଜ୍ଞାନ ପ୍ରତି ଛାତ୍ରଛାତ୍ରୀ ଅଧିକ ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରି ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ । ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ପଲାଇ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟକ୍ଷ ସରୋଜ କୁମାର ନାୟକ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରି ଏଭଳି ପ୍ରକଳ୍ପମାନ ନିର୍ମାଣ କରି ଭବିଷ୍ୟତ ଜୀବନରେ ଉନ୍ନତି କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ବିଜ୍ଞାନ ମେଳାରେ ୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ମୁଖ୍ୟ ଅତିଥି ଓ ବିଚାରପତିଙ୍କ ଦ୍ୱାରା ଶ୍ରେଷ୍ଠ ବିବେଚିତ ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା । ଶେଷରେ ଶିକ୍ଷୟିତ୍ରୀ ସୋନାଲି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଏକଦିବସୀୟ ବିଜ୍ଞାନ ମେଳାକୁ କୈଳାଶ ଚନ୍ଦ୍ର ମଣ୍ଡଳ, ବିନୋଦ ଗୁପ୍ତା, ସ୍ମୃତିରଞ୍ଜନ ବିଶ୍ୱାଳ, ସ୍ମୃତିରଞ୍ଜନ ବାରିକ, ଶରତ ପରିଡ଼ା, ସୁଚରିତା ରାୟ, ସ୍ମୃତିରୂପା ଭୂୟାଁ, କାଜଲ ପଣ୍ଡା, ଶତାବ୍ଦୀ ପାଢ଼ୀ, ଶର୍ମିଷ୍ଠା ମହାପାତ୍ର, ସୌମ୍ୟା ସୁଜାତା ମିଶ୍ର, ଅନୀତା ସାହୁ, ଅନୀତା ମଲ୍ଲିକ, ରାଜଲକ୍ଷ୍ମୀ ମହାପାତ୍ର, ସ୍ୱର୍ଣ୍ଣଲତା ତ୍ରିପାଠୀ, ତପସ୍ୱିନୀ ପତି, ତପସ୍ୱିନୀ ଲେଙ୍କା, ରାଧାରାଣୀ ରାଉତ, ସରୋଜ ନାୟକ (ଗୁଲୁ) ପ୍ରମୁଖ ପରିଚାଳନା କରିଥିଲେ ।

# ବ୍ଲକ 'ଓଷ୍ଟା' ପକ୍ଷରୁ ଶିଶୁ ଉତ୍ସବ

**ବାରିକପୁର, ୨୦।୧୨(ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଭଣ୍ଡାରିପୋଖରୀ ବ୍ଲକ ପିରିପୁରସ୍ଥିତ ପ୍ରଭାକର ମହାନ୍ତି ଉଚ୍ଚ ବିଦ୍ୟାଳୟଠାରେ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । 'ଓଷ୍ଟା' ସଭାନେତ୍ରୀ ସୁକାନ୍ତି ଲତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ସଭାପତି ଶଶୀଶେଖରେ କରଶର୍ମା, ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ପୂର୍ବତନ ରାଜ୍ୟ ସହ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାସ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅନିଲ କୁମାର ମିଶ୍ର, ସୁବଳ କୁମାର ପତ୍ରୀ, ବିକସି ସାହୁ, ବ୍ରହ୍ମାନନ୍ଦ ରାୟ, ସନ୍ତୋଷ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିଶୁଶକ୍ତି ବିକାଶକୁ ନେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ । ବ୍ଲକ ସମ୍ପାଦକ ମନୋରଞ୍ଜନ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ନେତା ଜିତେନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ କେଶବ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନେକ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହା ସହିତ ଶିକ୍ଷାବିତ୍ ପଦ୍ମଲୋଚନ ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଦାଶିବ ପତି ଘନଶ୍ୟାମ ସାହୁ, ଦିଗମ୍ବର ରାଉତ, ରତିକାନ୍ତ ବେହେରା, ମଧୁସୂଦନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।

# ରାସ୍ତା ନିର୍ମାଣକୁ ୨ ଦିନ; ଫଡ଼ା ଫଡ଼ା ଉଠୁଛି ପିଚୁ

**ବାସୁଦେବପୁର, ୨୦।୧୨(ସମିସ)**



ରାସ୍ତାରେ ଧୂଳି ସଫା ହୋଇନାହିଁ କି ପଡ଼ିନାହିଁ ପ୍ରାଇମର । ବୁଦା ବୁଦା ଘାସ ଉପରେ ପଡ଼ିଛି ପିଚୁ । ହାତ ମାରିଦେଲେ ଉଠୁଛି ଫଡ଼ା ଫଡ଼ା(ଛେଲା ଛେଲା) ପିଚୁ । ଏମିତି ନିମ୍ନମାନର କାମକୁ ବିରୋଧ କରି ରାସ୍ତା କାମକୁ ବନ୍ଦ କରିଛନ୍ତି ଚିରୋଳ ଗ୍ରାମବାସୀ । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ନ ଆସିଲେ କାମ କରିବାକୁ ଦେବୁନାହିଁ ବୋଲି ଗ୍ରାମବାସୀ ଜିଦ୍ ଧରିଛନ୍ତି ।

ବାସୁଦେବପୁର ବ୍ଲକର ଗୁଆଗଡ଼ିଆ ପଞ୍ଚାୟତର ଚିରୋଳ ଗ୍ରାମର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି । ବିକାଶର ମାଧ୍ୟମ ସାଜିଛି ଯୋଗାଯୋଗ । ଯୋଗାଯୋଗର ବିକାଶ ପାଇଁ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା । ଗାଁରୁ ସହରକୁ ଯୋଡ଼ିବା ପାଇଁ ସବୁ ଦିନିଆ ରାସ୍ତା ନିର୍ମାଣ କରାଯାଉଛି । ବାସୁଦେବପୁର ବ୍ଲକର ଚିରୋଳ ରାସ୍ତାରେ ଚାଲିଛି ଏହି ରାସ୍ତା କାମ । ହାତ ମାରିଦେଲେ ଉଠୁଛି ଫଡ଼ା ଫଡା ପିଚୁ । ରାସ୍ତାର ମଝିରେ ପଡ଼ିନାହିଁ ଅଧାଇଞ୍ଚର ପିଚୁ । ବୁଦା ବୁଦା ଘାସ ଉପରେ ପଡ଼ିଛି ପିଚୁ । ତରବରିଆ ଭାବେ ରାତିଅଧିଆ ଚାଲିଛି ରାସ୍ତା କାମ । ରାସ୍ତାର ପାର୍ଶ୍ୱରେ ନା ପଡ଼ିଛି ପ୍ରାଇମର ନା ହୋଇଛି ସଫେଇ । ଠିକାଦାରଙ୍କ ଉନ୍ନତମାନର କାମରେ ହାତ ମାରିଲେ ଉଠୁଛି ଫଡ଼ା ଫଡ଼ା ପିଚୁ । ଠିକାଦାର ସ୍ପଷ୍ଟ ଦିବାଲୋକରେ ଲୋକମାନଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଲୁଟୁଛନ୍ତି । ପୁନର୍ବାର ନିର୍ମାଣ ହେଉଥିବା ରାସ୍ତାର ଓସାର ୩ ମିଟର ହେବାକୁ ଥିବାବେଳେ କେତେକ ସ୍ଥାନରେ ୩ ମିନିଟରୁ କମ୍ ଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ନିମ୍ନମାନର କାମକୁ ବିରୋଧ କରି କାମ ବନ୍ଦ କରିଛନ୍ତି ଗ୍ରାମବାସୀ । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ନ ଆସିଲେ କାମ କରିବାକୁ ଦେବୁନି ବୋଲି ଜିଦ୍ ଧରିଛନ୍ତି ଗ୍ରାମବାସୀ ।

- ବୁଦା ବୁଦା ଘାସ ଉପରେ ପଡ଼ିଛି ପିଚୁ
- ନିମ୍ନମାନର କାମକୁ ବନ୍ଦ କଲେ ଗ୍ରାମବାସୀ

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ




**ବାରିକପୁର, ୨୦।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଉତରବାଡ଼ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ । ପିଲାମାନଙ୍କ ସୁପ୍ତ ପ୍ରତିଭା ଉନ୍ମୋଚନ ପାଇଁ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଗୁରୁତ୍ୱ ବହନ କରେ ବୋଲି ବିଧାୟକ ମତ ଦେଇଥିଲେ । ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଅମୂଲ୍ୟ ଆଚାର୍ଯ୍ୟ, ସମ୍ମାନିତ ଅତିଥି ବିଡିଓ ଦେବଦତ୍ତ ଦାଶ, ଶିକ୍ଷାବିତ୍ ରତ୍ନମଞ୍ଜରୀ ପଣ୍ଡା, ସ୍ତମ୍ଭକାର କାର୍ତ୍ତିକ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ମତ ଦେଇଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ସେଠୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ଉର୍ବଶୀ ମଲ୍ଲିକ ସ୍ୱାଗତ ଭାଷଣ ଓ ଶିକ୍ଷକ ରଶ୍ମିରଞ୍ଜନ ସାମଲ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲଭିଥିବା ବିଦ୍ୟାର୍ଥୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବାବେଳେ ଶିକ୍ଷକ ନିରଞ୍ଜନ ଓଝା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କରିଥିଲେ ।

# ଚାଷୀଙ୍କୁ ପ୍ରୋତ୍ସାହନ ନାହିଁ; 'ଆଳୁ ମିଶନ' ଫେଲ୍



**ଦୋଲସାହି, ୨୦।୧୨(ସମିସ):** ସରକାର ଚାଷୀଙ୍କ ପାଇଁ ସହାୟତା ଯୋଗାଇ ଦେଉଥିବା ନେଇ ଡିଣ୍ଡିମ ପିଟୁଥିବାବେଳେ ଆଳୁଚାଷୀଙ୍କ ପାଇଁ କୌଣସି ସରକାରୀ ସହାୟତା ନ ଥିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ସରକାରଙ୍କ ଚାଷୀଙ୍କ ପ୍ରତି ଦରଦ ନ ଥିବା ଅଭିଯୋଗ ହୋଇଛି । ତିହିଡ଼ି ବ୍ଲକ ହର୍ଟି କଲ୍‌ଚର ବିଭାଗ ଅଧୀନରେ ଆଳୁଚାଷ କରିଥିବା ଚାଷୀଙ୍କୁ କୌଣସି ସରକାରୀ ସହାୟତା ମିଳୁନାହିଁ । ଫଳରେ 'ଆଳୁ ମିଶନ' ଏହି ବ୍ଲକରେ ଫେଲ୍ ବୋଲି ଅଭିଯୋଗ ହୋଇଛି ।

ସୂଚନାନୁଯାୟୀ, ତିହିଡ଼ି ବ୍ଲକର ୩୧ ପଞ୍ଚାୟତ ମଧ୍ୟରୁ ନୟାନନ୍ଦ, ଦୋଲସାହି, ଗୁଆମାଳ, କୁବେରା, ମହରମପୁର, ତଳଗୋପବିନ୍ଧା, ପାଳିଆବିନ୍ଧା ଓ ଭାଟପଡ଼ା ପଞ୍ଚାୟତର ଆଳୁଚାଷୀ ଚାଷ କରୁଥିବା ଜଣାଯାଇଛି । ଚଳିତ ବର୍ଷ ୧୫୦ ଜଣ ଚାଷୀ ଆଳୁଚାଷ କରୁଛନ୍ତି । ଏହି ଚାଷୀଙ୍କଠାରୁ ସରକାର ଆଳୁ ବିହନ କିଲୋ ପ୍ରତି ୨୦ ଟଙ୍କା ନେଉଥିବାବେଳେ ଆଳୁ ସଂଗ୍ରହ ପରେ ଏହି ଚାଷୀଙ୍କୁ କିଲୋ ପ୍ରତି ୧୦ ଟଙ୍କା ଫେରସ୍ତ କରିବେ ବୋଲି କୁହାଯାଇଥିବାବେଳେ ଅନ୍ୟ କୌଣସି ସରକାରୀ ସହାୟତା ମିଳୁ ନ ଥିବା କହିଛନ୍ତି ବହୁ ଆଳୁଚାଷୀ । ସେହିପରି ଏହି ଚାଷୀଙ୍କ ମଧ୍ୟରୁ ମାତ୍ର ୪ଜଣ ଚାଷୀ ଚାଷ କରୁଥିବା ଆଳୁ ମାଟିରେ ପୋତି ତା' ଉପରେ ଧାନ ନଡ଼ା ପକାଇ ଆଳୁଚାଷ କରୁଥିବା ଜଣାଯାଇଛି । ଏହି ଚାଷୀଙ୍କୁ ସରକାର ପ୍ରୋତ୍ସାହନ ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ବାରିକପୁର, ୨୦।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ କୁଲଣା ସାଧନ କେନ୍ଦ୍ର ପକ୍ଷରୁ ଷଷ୍ଠ ଅଂଶୀଦାର ବୈଠକ ସହିତ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଭାଗଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକ ପ୍ରକାଶ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷା ସଂଯୋଜକ ବିପିନ ବିହାରୀ ଜେନା ଉପସ୍ଥିତ ରହି ଚଳିତ ମାସ ଶିକ୍ଷା ଖସଡ଼ା ପ୍ରସ୍ତୁତି ବିଷୟରେ ସୂଚନା ଦେଇଥିଲେ । ଏହି ଅବସରରେ ଅବସର ଗ୍ରହଣ କରିଥିବା ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅକ୍ଷୟ କୁମାର ଜେନା, ଅବସରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ପହି, ଜ୍ୟୋତ୍ସ୍ନାମୟୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଶିକ୍ଷକ ଡ. ପ୍ରଦୀପ କୁମାର ନାୟକ, ଦେବାଶିଷ ଧଳ, ପ୍ରସନ୍ନ ନାୟକ, ଯଶୋବନ୍ତ ସେଠୀ, ଶଶିକାନ୍ତ ପ୍ରଧାନ, ଆକାଶ ସାମନ୍ତରାୟ, ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିଭଳି ମଉନାବତି ପରିଡ଼ା, ଅଖିଳ ପ୍ରସାଦ ପତି, ପ୍ରସନ୍ନ ରାଉତ, ସାଉରି ମାରାଣ୍ଡି, ରୀନାରାଣୀ ଦଳାଇ, ଶୁଭଶ୍ରୀ ବିଶ୍ୱାଳ, ଛବିରାଣୀ ମାଝୀ, ଅନୁପମା ପଣ୍ଡା, ଉର୍ମିଳା ସାହୁ, ରମାକାନ୍ତ ନାୟକ, ଶାରଦା ପ୍ରସନ୍ନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବିପିଏମ୍‌ଙ୍କ ବଦଳି ଆଦେଶ ରଦ୍ଦ; ସିଏଚ୍‌ସିରେ ଧାରଣା

**ଭଣ୍ଡାରିପୋଖରୀ, ୨୦।୧୨(ସମିସ):** ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ରମ ପରିଚାଳିକା(ବିପିଏମ୍) ରଶ୍ମିରେଖା ପୃଷ୍ଟିଙ୍କୁ ଗତ ନଭେମ୍ବର ୨୯ ତାରିଖରେ ବଦଳି କରାଯିବା ଘଟଣାରେ ଖୁସି ହୋଇଥିବା କେତେକ କର୍ମଚାରୀ ଓ ଆଶାକର୍ମୀ ଶନିବାର ନିରାଶ ହୋଇ ଧାରଣା ଦେଇଥିବା ଜଣାଯାଇଛି । ହାଇକୋର୍ଟଙ୍କ ଆଦେଶ ଅନୁଯାୟୀ, ଶ୍ରୀମତୀ ପୃଷ୍ଟିଙ୍କ ବଦଳି ଆଦେଶକୁ ରଦ୍ଦ କରି ଭଣ୍ଡାରିପୋଖରୀରେ ଯୋଗଦେବାକୁ ଗତ ଶୁକ୍ରବାର ଆଦେଶ ଜାରି କରିଥିଲେ । ଶନିବାର ଶ୍ରୀମତୀ ପୃଷ୍ଟି ଭଣ୍ଡାରିପୋଖରୀରେ ଯୋଗଦେଇଥିଲେ । ଏହାକୁ ହଜମ କରିପାରି ନ ଥିଲେ ଜନୈକ ପୁରୁଷ ସ୍ୱାସ୍ଥ୍ୟକର୍ମୀ । ଆଶାକର୍ମୀ, ଏଏନ୍‌ଏମ୍‌ମାନଙ୍କୁ ପ୍ରରୋଚିତ କରି ଶନିବାର ଅପରାହ୍ଣରେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ମହିଳା ସ୍ୱାସ୍ଥ୍ୟକର୍ମୀ ସୁଶ୍ରୀ ସଙ୍ଗୀତା ଜେନା, ମଧୁସ୍ମିତା ଜେନା ପ୍ରମୁଖ ଡା. କମଳାକାନ୍ତ ସ୍ୱାଇଁଙ୍କୁ ଫେରାଇ ଅଣାଯାଉ ବୋଲି ଦାବି କରି କାର୍ଯ୍ୟାଳୟରେ ତାଲା ପକାଇବା ସହ ଧାରଣା ଦେଇଥିଲେ । ଡା. ସ୍ୱାଇଁଙ୍କୁ ଡେପୁଟେସନ କରାଯିବା ସମୟରୁ ସମ୍ପୃକ୍ତ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଓ ଅନ୍ୟମାନେ ବିପିଏମ୍ ଓ ସିଏଚ୍‌ଓଙ୍କ ବିରୋଧରେ ପ୍ରାୟୋଜିତ ଅଭିଯୋଗ କରିଆସୁଥିଲେ । ଡା. ସ୍ୱାଇଁଙ୍କ ଡେପୁଟେସନ ପାଇଁ ସେମାନେ ବିପିଏମ୍‌ଙ୍କୁ ଦାୟୀ କରିଆସୁଥିଲେ । ଏଥିରେ ବିଫଳ ହେବା ପରେ କ୍ରୋଧ ଜର୍ଜରିତ ହୋଇ ରହିଥିଲେ । ଫଳରେ ଏଭଳି ଧାରଣା ଅନୁଷ୍ଠିତ ହୋଇଥିଲା । ସୂଚନା ପାଇ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଲା ଖୋଲିଥିଲା । ଜିଲ୍ଲାପାଳ ଭାରପ୍ରାପ୍ତ ସିଡିଏମ୍‌ଓଙ୍କୁ ଏଥିପାଇଁ ତାଗିଦ୍ କରିଥିଲେ । ସିଡିଏମ୍‌ଓ ସ୍ୱାସ୍ଥ୍ୟକର୍ମୀ ଅମରଜିତଙ୍କ ସହ ଟେଲିଫୋନ୍ ଯୋଗେ କଥା ହେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।



# ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ଦୋଲସାହି, ୨୧।୧୨(ସମିସ):** ତିହିଡ଼ି ବ୍ଲକ ଅଧୀନ ଦୋଲସାହି ପଞ୍ଚାୟତର ଦୋଲସାହି ହିଡିମଠାରେ ଅବସ୍ଥିତ ରାମନାରାୟଣ ଉଚ୍ଚ ବିଦ୍ୟାଳୟର ୮୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି ୮୧ତମ ବାର୍ଷିକ କ୍ରୀଡ଼ା ଉତ୍ସବରେ ୩୦୦ ଛାତ୍ରଛାତ୍ରୀ ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଦୌଡ଼ ଆଦି ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ବିଜୟୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ସିଲ୍ଡ ପ୍ରଦାନ କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଧୀର ତରାଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚସଖା ବିଦ୍ୟାଳୟର ସଭାପତି ଭରତ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ମିଶ୍ର, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଉମାକାନ୍ତ ରାଉଳ ଯୋଗଦେଇଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦେଇଥିଲେ ।

# ସରକାରୀ ସୁବିଧାରୁ ବଞ୍ଚିତ ଭିନ୍ନକ୍ଷମ ରମା



**ଭଦ୍ରକ, ୨୦।୧୨(ସମିସ):** ସମାଜର ମୁଖ୍ୟ ସ୍ରୋତରେ ଗରିବ, ଅସହାୟ ଓ ଭିନ୍ନକ୍ଷମଙ୍କୁ ସାମିଲ୍ କରିବା ପାଇଁ ସରକାର କରିଛନ୍ତି ମାଳମାଳ ଯୋଜନା । ମାତ୍ର ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁନି ଯୋଜନାର ସୁଫଳ । ଫଳରେ ଦୁଃଖକଷ୍ଟରେ ଜୀବନ ଅତିବାହିତ କରୁଛନ୍ତି ପ୍ରକୃତ ହିତାଧିକାରୀ । ଏଭଳି ଏକ ବିଫଳତାର ଚିତ୍ର ଦେଖିôବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଖଦାଳ ପୋଖରୀ ପଞ୍ଚାୟତ ଖଦାଳ ପୋଖରୀ ଗାଁରେ । ଏହି ଗାଁରେ ରୁହନ୍ତି ଅବିବାହିତ ଭିନ୍ନକ୍ଷମ ରମା ଦାସଙ୍କ ସହିତ ତାଙ୍କର ବୃଦ୍ଧ ବାପା ସନ୍ଥ ଦାସ ଓ ମାଆ ଗୌରୀ ଦାସ । ବୃଦ୍ଧ ଦମ୍ପତିଙ୍କ ଉପରେ ବୋଝ ସାଜିଛି ଭିନ୍ନକ୍ଷମ ଝିଅ ରମା । ରମାଙ୍କ ମସ୍ତିଷ୍କ ବିକୃତି କାରଣରୁ ସରକାରଙ୍କ ତରଫରୁ ମିଳିଛି ଭିନ୍ନକ୍ଷମ ପ୍ରମାଣପତ୍ର । ଯେଉଁଥିରେ ସେ ୮୦ ପ୍ରତିଶତ ଭିନ୍ନକ୍ଷମ ବୋଲି ପ୍ରମାଣିତ ଅଛି । ମାତ୍ର ବିଡ଼ମ୍ବନାର ବିଷୟ କି ଭିନ୍ନକ୍ଷମଙ୍କ ପାଇଁ ଥିବା ସରକାରଙ୍କ ବିଭିନ୍ନ ସୁବିଧାସୁଯୋଗରୁ ବଞ୍ଚିତ ଅଛନ୍ତି ରମା ।

୩୫୦୦ ଟଙ୍କା ଭତ୍ତା ପାଇବାରେ ସେ ଯୋଗ୍ୟା ହୋଇଥିଲେ ମଧ୍ୟ ଏଥିରୁ ରମା ବଞ୍ଚିତ । ଅନ୍ତ୍ୟୋଦୟ ଗୃହ ଯୋଜନାରେ ଭିନ୍ନକ୍ଷମଙ୍କୁ ଘର ଯୋଗାଇଦେବା, ରାସନ କାର୍ଡର ବ୍ୟବସ୍ଥା ଥିବାବେଳେ ସେଥିରୁ ବି ବଞ୍ଚିତ ଅଛନ୍ତି ରମା । କେବଳ ପୂର୍ବ ସରକାରଙ୍କ ସମୟରେ ମିଳୁଥିବା ୧୦୦୦ ଟଙ୍କା ଭତ୍ତା ରମାଙ୍କୁ ବଞ୍ଚାଇ ରଖିଛି । ତା' ସହିତ ବୃଦ୍ଧ ପିତାମାତାଙ୍କୁ ମିଳୁଥିବା ୨ ହଜାର ଭତ୍ତା ଓ ୧୦କିଲୋ ଚାଉଳରେ ମାସସାରା ଚଳୁଛନ୍ତି ଏହି ୩ ଅସହାୟ । ଘର ଖଣ୍ଡେ ନ ଥିବାରୁ ଖରା, ବର୍ଷା, ଶୀତ କାକରରେ ପଲିଥିନ୍ ତଳେ ବିତୁଛି ଜୀବନ । ଗାଁ ନେତାଠାରୁ ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିସାରିଥିଲେ ବି ରମାଙ୍କୁ ମିଳିପାରୁନି ବର୍ଦ୍ଧିତ ଭତ୍ତା କି ଖଣ୍ଡେ ରାସନ କାର୍ଡ । ପ୍ରଧାନମନ୍ତ୍ରୀ ଆବାସ କଥା ତ ଭାବିବା ସ୍ୱପ୍ନ ରମା ପାଇଁ ବୋଲି କହିଛନ୍ତି ତାଙ୍କ ପଡ଼ୋଶୀ ଶାନ୍ତିଲତା ଦାସ ଓ ଚନ୍ଦନ ଦାସ । ଏହି ପରିବାରର ଅବସ୍ଥା ଦେଖିଲେ ମନରେ ପ୍ରଶ୍ନ ଉଠୁଛି ସରକାରଙ୍କ ଯୋଜନା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁନି କାହିଁକି? ଏଠାରେ ଦୋଷ କାହାର ପ୍ରଶାସନର ନା ଗାଁ ନେତାଙ୍କର । ଏଭଳି ଏକ ସମ୍ବେଦନଶୀଳ ଘଟଣା ପ୍ରତି ଜିଲ୍ଲା ପ୍ରଶାସନ ସଦୟ ଦୃଷ୍ଟିଦେବାକୁ ଦାବି କରିଛନ୍ତି ଗ୍ରାମବାସୀ ।

**ବହୁ ଦୁଃଖକଷ୍ଟ ସହୁଛନ୍ତି ବୃଦ୍ଧ ଦମ୍ପତି**

# ବ୍ୟବସାୟୀଙ୍କ ଘରେ ଇଓଡବ୍ଲୁ ଚଢ଼ଉ

**ଭଦ୍ରକ, ୨୦।୧୨(ସମିସ):** ଭଦ୍ରକ ଟାଉନ ସାଳନ୍ଦୀ ବାଇପାସସ୍ଥିତ ନୀଳାଦ୍ରି ବିହାରସ୍ଥିତ ଯୁବ ବ୍ୟବସାୟୀଙ୍କ ଭଦ୍ରକ ଜିଲ୍ଲାସ୍ଥିତ ଘରେ ଇଓଡବ୍ଲୁ ପକ୍ଷରୁ ଚଢ଼ଉ କରାଯାଇଛି । ବାଇପାସସ୍ଥିତ ନୀଳାଦ୍ରି ବିହାରର ବାସଭବନ ସହ ଅନ୍ୟ ଦୁଇ ସ୍ଥାନରେ ମଧ୍ୟ ଚଢ଼ଉ ଜାରି ରହିଛି । ୩ ମାସ ପୂର୍ବେ ବାସଭବନରୁ ତାଙ୍କୁ ଉଠାଇ ନେଇଥିଲା ଇଓଡବ୍ଲୁ ଟିମ୍ । ସୂଚନା ଅନୁଯାୟୀ, ଗତ ୩ ମାସ ପୂର୍ବେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଇଓଡବ୍ଲୁର ଏକ ଟିମ୍ ଭଦ୍ରକ ବାସଭବନରୁ ତାଙ୍କୁ ଉଠାଇ ନେଇଥିଲା । ଏବେ ପୁଣି ଥରେ ଇଓଡବ୍ଲୁ ତରଫରୁ ଚଢ଼ଉ କରାଯାଇଛି । ତେବେ ବ୍ୟାପକ ଆର୍ଥିକ ଅନିୟମିତତା ସହ ଅନେକ ବେଆଇନ କାର୍ଯ୍ୟରେ ଜଡ଼ିତ ଥିବା ସୂଚନା ମିଳିଛି । ଘଟଣାକୁ ନେଇ ତଦନ୍ତ ଜାରି ରହିଛି । ଏନେଇ ଅଧିକାରୀଙ୍କ ପକ୍ଷରୁ କୌଣସି ସୂଚନା ମିଳିପାରି ନାହିଁ । ଚଢ଼ଉବେଳେ ୩ ଗାଡ଼ି ସହ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଇଓଡବ୍ଲୁ ନେଇଯାଇଥିବା କୁହାଯାଉଛି ।

# ମିରାକିଲ୍ ପବ୍ଲିକ୍ ସ୍କୁଲ୍‌ରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ବାସୁଦେବପୁର, ୨୦।୧୨(ସମିସ):** ବାସୁଦେବପୁର ମିରାକିଲ ପବ୍ଲିକ୍ ସ୍କୁଲର ୧୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିନାୟକପୁର ପଡ଼ିଆରେ ଆୟୋଜିତ ୨ଦିନିଆ କ୍ରୀଡ଼ା ଉତ୍ସବକୁ ମୁଖ୍ୟ ଅତିଥି ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମିରାକିଲ ପବ୍ଲିକ୍ ସ୍କୁଲର ଚେୟାରମ୍ୟାନ୍ ଦୁଃଶାସନ ରାଉତ, ଅଧ୍ୟକ୍ଷ ପ୍ରୀତିରଞ୍ଜନ ସାହୁ ଓ ସମ୍ପାଦକ ରାହାସ ବିହାରୀ ମହାନ୍ତି ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ୨ଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ଦୌଡ଼ା, ବସ୍ତା ଦୌଡ଼, ଲମ୍ବ ଡିଆଁ, ଗଣିତ ଦୌଡ଼ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଭାଗର କୁନିକୁନି ଶିଶୁମାନେ ଉତ୍ସାହିତ ହୋଇ ପ୍ରତିଯୋଗିତା କରି ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ମିରାକିଲ୍ ପବ୍ଲିକ୍ ସ୍କୁଲର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହିତ ସମ୍ପାଦକ ରାହାସ ବିହାରୀ ମହାନ୍ତି କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ ।



## EASTERN INVESTMENTS LIMITED

CIN: L65993OR1927GOI034842
Regd. Office: Plot No:255, Pristine Green, Pokhariput, Bhubaneswar-751020

**Statement of Standalone & Consolidated Reviewed Financial Results For the Quarter and Half Year Ended 30th Sept' 2025**

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Half Year Ended | | Year Ended | Half Year Ended | | Year Ended |
| | | 30.09.2025 | 30.09.2024 | 31.03.2025 | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 35.87 | 72.58 | 44.27 | 9,717.44 | 7,054.61 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (8.06) | 24.91 | (28.91) | 525.30 | 342.30 | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (8.06) | 24.91 | (28.91) | 525.30 | 342.30 | (3,525.52) |
| 6 | Net Profit attributable to Non Controlling Interests | - | - | - | 245.25 | 135.63 | (1,791.41) |
| 7 | Net Profit attributable to Owners of the Company | - | - | - | 280.05 | 206.67 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,538.58 | 26,600.46 | 26,546.64 | (9,129.20) | (7,472.03) | (9,409.25) |
| 10 | Earning per share ( Rs) | | | | | | |
| | **(i) Basic:** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |
| | **(ii) Diluted** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |

1. The above results of the Company were approved by the Board of Directors at their respective meetings held on 19.12.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

**Place:** Visakhapatnam
**Date:** 19th December' 2025

Sd/-
**(A.K.Bagchi)**
Managing Director-EIL

ସୃଜନିକା

ସକାଳ
THE SAKALA
www.sakalaepaper.com



# ଠିକଣା



ସୁଚରିତା ବେହେରା

ତା' ସହିତ ଏମିତି ଭେଟ ହେବ ବୋଲି ମୁଁ ଭାବିନଥିଲି । ହୁଏତ ଭ୍ରମ ହୋଇଥାଇପାରେ ଭାବି ବାରମ୍ବାର ତା' ନାଁ ଓ ଠିକଣାକୁ ମେଳ କରୁଥିଲି, କିନ୍ତୁ ମୋ ସବୁ ଆଶଙ୍କାକୁ ମିଛ ପ୍ରମାଣିତ କରି ସେ ସତ ହୋଇ ମୋ' ସାମ୍ନାରେ ଠିଆ ହୋଇଥିଲା । ମୁଁ ତାକୁ ଅଣଦେଖା କରି କିଚେନ୍‌କୁ ଯାଇ କଫି ଆଣିଲି । ଦୁଇ ଜଣ ସାଙ୍ଗ ସହିତ ଫୋନ୍‌ରେ କଥା ହେଲି । ରାତିରେ କେଉଁ ରେଷ୍ଟୁରାଣ୍ଟରୁ ଡିନର୍ ଅର୍ଡର୍ କରିବି ଭାବି ନେଲି । ଅଫିସ୍‌ର କିଛି ବଳକା କାମ ବି କଲି । ତଥାପି ସେ ମୋ' ସହିତ ଥିଲା । ମୁଁ ତାକୁ ଚାଲିଯିବାକୁ କହିବା ସତ୍ତ୍ୱେ ବି ସେ ସେମିତି ଠିଆହୋଇ ରହିଲା । ମୁଁ ପଚାରିଲି "ତୁ କ'ଣ ଚାହୁଁଛୁ ?" ସେ ନିରବ ରହିଲା ।

ମୁଁ ପୁଣି ଥରେ ସେ ସମାନ ପ୍ରଶ୍ନକୁ ଦୋହରାଇଲି । ତଥାପି ସେ ନିରବ ରହିଲା । ମୁଁ ତାକୁ କିଛି ନକହି ବାଲକୋନୀରେ ଆସି ବସିଲି । ଜହ୍ନରାତିର ଜୋସ୍ନା, ତାରାଭର୍ତ୍ତି ଆକାଶ, ମଧୁକାମିନୀ ଫୁଲର ବାସ୍ନା ମତେ ଅମୋଦିତ କରିବା ପରିବର୍ତ୍ତେ ଅଣନିଶ୍ୱାସୀ କରୁଥିଲା । ମୁଁ ଜୋର୍‌ରେ ଚିତ୍କାର କରି କହିଲି "ତୁ କେତେବେଳେ ଏଠୁ ଯିବୁ କହିଲୁ ।" ସେ କହିଲା "ତୁ ମତେ ମୋ ଠିକଣା ଦେଇଦେ, ମୁଁ ଚାଲିଯିବି ।" ଏଥର ମୁଁ ନିରୁତ୍ତର ରହିଲି । ସେ ବି ସେମିତି ଚୁପ୍‌ଚାପ୍ ରହିଲା । କଲିଂବେଲ୍ ଶୁଣି ଡୋର୍ ଖୋଲିଲି । ସେ ସେମିତି ମତେ ବଲ ବଲ କରି ଚାହିଁଥିଲା ।

ଡେଲିଭରି ବୟ ଖାଇବା ଦେଇ କେତେବେଳୁ ଗଲାଣି । ମୁଁ ଥରେ ତାକୁ ଆଉ ଥରେ ଡାଇନିଂ ଟେବୁଲ ଉପରେ ଥୁଆ ହେଇଥିବା ଖାଦ୍ୟକୁ ଦେଖୁଥିଲି । କାହିଁକି କେଜାଣି ହଠାତ୍ ମୋ' ଭୋକ ମରିଗଲା । ମୁଁ କିଛି କରିବାକୁ ଚାହୁଁଥିଲି, କିନ୍ତୁ ଏତେ ରାତିରେ କରିବା ପାଇଁ ମୋ ପାଖରେ କିଛି କାମ ନଥିଲା । ମୁଁ ପୁଣି ଥରେ ତାକୁ ଚାଲି ଯିବାକୁ କହିଲି । କିନ୍ତୁ ସେ ସେମିତି ବସି ରହିଥିଲା ମତେ ଏକ ଲୟରେ ଚାହିଁ ।

ମୁଁ ମନେ ପକେଇବାକୁ ଚେଷ୍ଟା କଲି, ସମୁଦ୍ର କୂଳରେ ବାଲିଘର କରୁକରୁ ହଠାତ୍ ଅନ୍ୟମନସ୍କ ହୋଇ ସେ ଥରେ ମତେ ପଚାରିଥିଲା "ଏଇ ରାସ୍ତାର ଠିକଣା କ'ଣ ?"

ମୁଁ ସାମାନ୍ୟ ହସି କହିଥିଲି, "କହିବି ଖୁବ୍ ଶୀଘ୍ର ।"

ଉଦାସ ଆଖିରେ ସେ ସେଦିନ କହିଥିଲା, "ଦେଖିବୁ, ଯେମିତି ଡେରି ନହୋଇଯାଏ ।" ପରେ ଆମର ଦେଖା ହୋଇନି । ଜାଣିଶୁଣି ନୁହେଁ, ଅଜାଣତରେ । ସେ ବୋଧେ ଆମର ଶେଷ ଦେଖା ଥିଲା । ମୁଁ ଆଉ ପଛକୁ ବୁଲି ଦେଖିନି । ସେ ବି ମତେ ବାଧ କରିନି ଅଟକି ଯିବାକୁ । ତା'ଠୁ ଦୂରେଇ ଯିବା ମୋର ଉଦ୍ଦେଶ୍ୟ ନଥିଲା । କିନ୍ତୁ ନିଜକୁ ପ୍ରମାଣିତ କରିବାର ଦୌଡ଼ରେ କେଉଁଠି ମୁଁ ତା' ହାତ ଛାଡ଼ି ଦେଲି ମନେନାହିଁ । ଏ ଭିତରେ ଦିନ, କେବେ ମାସ ବର୍ଷରେ ପରିଣତ ହେଲା ତା' ବି ମନେ ନାହିଁ। ଏବେ ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି କେମିତି ସେ ମୋ ଦୁନିଆଁରୁ ଅଚାନକ ଅନ୍ତର୍ଦ୍ଧାନ ହୋଇଗଲା । ମୁଁ ମୋ' ରାସ୍ତାରେ ଆଗେଇ ଗଲି, ବହୁତ ଦୂରକୁ । ସେ ବୋଧେ ରହିଗଲା ସେଇଠି, ମତେ ଅପେକ୍ଷା କରି । ଏକ ଅନ୍ତହୀନ ରାସ୍ତାରେ ଚାଲୁ ଚାଲୁ ହଠାତ୍ କେବେ ସ୍ମିତା ମୋ ଜୀବନର ଠିକଣା ପାଲଟି ଗଲା ଆଉ ସେ ଅତୀତ ଭିତରେ ହଜିଗଲା ଭାବିଲେ ଏବେ ସ୍ୱପ୍ନ ପରି ଲାଗୁଛି ।

ହଠାତ୍ କଲିଂ ବେଲ୍ ଶବ୍ଦରେ ନିଦ ଭାଙ୍ଗିଲା ମୋର । କବାଟ ଖୋଲି ଦେଖିଲି ସାମ୍ନାରେ ପ୍ରତ୍ୟୁଷ, ମୋ ସହକର୍ମୀ, ବନ୍ଧୁ । "ଫୋନ୍ କାହିଁକି ରିସିଭ୍ କରୁନୁ, ସବୁ ଠିକ୍ ତ ?" ପ୍ରତ୍ୟୁଷକୁ କୌଣସି ଜବାବ ନଦେଇ ମୁଁ ତାକୁ ଖୋଜୁଥିଲି । କେହି ନଥିଲେ । ସକାଳର ସୂର୍ଯ୍ୟକିରଣ ପରଦା ଦେଇ ମୋ ଡ୍ରଇଂ ରୁମ୍‌ରେ ପଡୁଥିଲା । "ଜାଣିଛୁ, ସମୁଦ୍ର ବେଳାଭୂମିରେ ବାଲି ତଳୁ ଜଣେ ଝିଅର କଙ୍କାଳ ମିଳିଛି । ସନ୍ଧ୍ୟାରେ ଆମେ ଯେଉଁ ଜାଗାରେ ବସୁ... ।" ପ୍ରତ୍ୟୁଷର କଥାଗୁଡ଼ିକ ମୋ କାନରେ ବାଜି, ଧୀରେ ଧୀରେ ମିଳେଇ ଯାଉଥିଲା । ବର୍ତ୍ତମାନ ମୋ ନଜର ଥିଲା କେବଳ ସେଣ୍ଟର ଟେବୁଲରେ ଥୁଆ ହୋଇଥିବା ଗତକାଲିର ପେପର ଉପରେ । ■

ଜସ୍ମିନ ଗ୍ରୋଭ୍, ଗାଜିଆବାଦ
ଉତ୍ତର ପ୍ରଦେଶ

## କାକୁସ୍ଥ



ଦେବାଶିଷ ଚକ୍ରବର୍ତ୍ତୀ

ଥରେ କହିଲ ଦେଖି
କାହାକୁ ଭଲ ଲାଗେନି
ବସିବାକୁ ଛାଇରେ?
ହେଲେ ଭଲ ଲାଗେ କି
ଛାଇ ଲମ୍ବି ଆସିଲେ
ବୟସର ଅପରାହ୍ଣରେ?

ଯେତେ ଚାହିଁଲେ ବି
ସେ କ'ଣ ହୋଇ ପାରିବ
ଫୁଲଫୁଟା ସକାଳ ଭଳି
ବରଂ ତାକୁ ଅହରହ
ଆଖିଠାର ମାରୁ ନଥାଏ କି
ବିଷର୍ଣ୍ଣ ଗୋଧୂଳି ?

ଆପଣା ହାତରେ ରୋପିଥିବା
ଗଛ, ବୃଛ
ନିଜେ ଗଢ଼ିଥିବା ଘରଦ୍ୱାର
ଏପରି କି ନିଜ ରକ୍ତର ସ୍ୱାକ୍ଷର
ସତରେ କେହି ହୋଇ ପାରନ୍ତି କି
ଷୋଳଅଣା ଆପଣାର?

ସଂଶୟର କଳାମେଘ
ମନ ଆକାଶକୁ ଆବୋରିଲେ
ଆପଣାକୁ ମନେ ହୁଏନି କି ଅଲୋଡ଼ା ?
ଉଡ଼ାଣଖୋର୍ ଇଚ୍ଛାମାନେ
ଆଉ ଦେଇପାରନ୍ତି କି ଖଣ୍ଡିଉଡ଼ା?
ଆଖି, ନାକ, କାନ ଭଳି ଇନ୍ଦ୍ରିୟମାନେ ବି
ବିନା ନୋଟିସ୍‌ରେ
କରନ୍ତିନି କି ହରତାଳ ?
ମନ ସିଲଟରେ ଲେଖା ଅକ୍ଷରକୁ
ନିମିଷକରେ ପୋଛି ଦିଏନି କି
ବିସ୍ମୃତିର ଡଷ୍ଟର ?

ସକାଳରେ ଠିଆ ହୋଇଥିବା
ମଣିଷଟି ସିନା ଦେଖି ପାରେନି
ବୟସର ଅପରାହ୍ଣକୁ
ହେଲେ, ଅପରାହ୍ଣରେ
ଠିଆ ହୋଇଥିବା ମଣିଷଟି
ଅହରହ ଲୋଡୁ ନଥାଏ କି
ସକାଳକୁ ?
ବେଳେବେଳେ ଭାବନାଟିଏ
ଉଙ୍କି ମାରେନି କି
ପ୍ରାଚୁର୍ଯ୍ୟର ଡାହାଣୀ ଆଲୁଅ
ପଛରେ ଧାଇଁ ଅର୍ଜିଥିବା
ବ୍ୟାଙ୍କ ବାଲାନ୍ସ, ଗାଡ଼ି, ଘର, ଜମି
ତୁଳନାରେ ଢେଏର୍ ମୂଲ୍ୟବାନ ନୁହେଁ କି
କଙ୍କି ପ୍ରଜାପତି ପଛରେ ଧାଉଁଥିବା
ଶୈଶବର ମଧୁର ଦୁଷ୍ଟାମୀ ? ■

ମଣ୍ଡୁଆ, କେନ୍ଦୁଝର ଗଡ଼
ମୋ : ୯୪୩୭୭୫୨୩୯୫

## ପ୍ରେମିକା



ଅଖିଳ କୁମାର ମିଶ୍ର

ଅସଙ୍ଗତି ବନ୍ଧନର କ୍ଷଣ କ୍ଷଣର ଦହନରେ -
ପ୍ରେମ ଏକ ସଇତାନ ଅନ୍ଧାରୀ ପୋଖରୀ ହୁଡ଼ାରେ/
ବିଳିବିଳାଏ ନହକା ଚିତ୍ର ପ୍ରତିମା ବୁଡ଼ ପ୍ରହରରେ,
ଯୁକ୍ତିତର୍କ ଲହଡ଼ିର ମନରେ ମାଗେ,
ଚାଲିଯିବ ଚାଲିଯିବ କହୁଥାଏ ବାର ବାର,
ପ୍ରେମ ତା'ର ଜିଦ୍ ପିଲାଦିନର,
ସେଇଠି ଥିବ, ସେଇଠି ରହିବ ନାହିଁ,
ସଦାବେଳେ ଡରଉଥିବ ପ୍ରାପ୍ତ ଅଭିଯୋଗେ,
ସେ ସେଇ ପ୍ରେମିକା, ଜୀବନ ପରିକା ।



ତା' ଦେହରେ ଦାଗ ଟିକେ ଲାଗେ ନାହିଁ,
ସବୁ ଦାଗ ଉପହାର ଦେଇ ସାରିଛି,
ଭୁଲ୍ ସବୁ ଘୋଡ଼ାଇବାକୁ
ବନ୍ଧୁ ବାନ୍ଧିଚି କଥାର ମାନ ସରି,
ଯାଇପାରେ ସେ ବଜାର ରାସ୍ତାରେ,
ଦଉଡ଼ାଇ ପାରେ ମତେ ପ୍ରତିଟି ମୋଡ଼ରେ ।

ଚମତ୍କାର ଅଭିନୟ ତା'ର ପ୍ରତିଦିନରେ,
ଅଭିମାନ ତା'ର ରୂପାନ୍ତର ଲାଲ୍ ପଣତରେ,
ଅପରାଧ ଯେତକ ତା'ର
ମୋର ବଞ୍ଚିବାର ରାହା ।

ସେ କାହାକୁ ପ୍ରେମ ବାଣ୍ଟେ ଜଣାନାହିଁ,
ସେ କାହାକୁ ମନ ଦିଏ ସେ ହିଁ ଜାଣେ -

ସେ କିନ୍ତୁ ସଶରୀରେ,
ହାତର ଏ ଦୁନିଆରେ,
ମୋ ପ୍ରାଣ ପ୍ରେମିକା ଚେହେରାରେ । ■

ଅତିରିକ୍ତ ମହାନିର୍ଦ୍ଦେଶକ
ପିଆଇବି, ଭାରତ ସରକାର
ଭୁବନେଶ୍ୱର

## ପୁସ୍ତକ ଓ ପତ୍ରିକା ପରିଚୟ

### ମନ ବଗିଚାର ହସଫୁଲଟି

ହଂସନାଥ ମୁହୁଲି





ପେଜମେକର ପବ୍ଲିକେଶନ
୧୧୭ ବାପୁଜୀ ନଗର, ଭୁବନେଶ୍ୱର
ପ୍ରଥମ ପ୍ରକାଶନ: ୨୦୨୪
ମୂଲ୍ୟ: ୧୭୦ ଟଙ୍କା

"ଫୁଲଟିଏ ମୁଁ ଫୁଲଟିଏ/ ପାଖୁଡ଼ାରେ ମୋର ରଙ୍ଗର ଚମକ/ ଅନ୍ତର ମହକେ ଭରିଥାଏ/ ଫୁଲଟିଏ ମୁଁ ଫୁଲଟିଏ ।" (ଫୁଲଟିଏ ମୁଁ ଫୁଲଟିଏ) ଏମିତି ଫୁଲ, ଜହ୍ନ, ତାରା, ଆକାଶ, ପ୍ରକୃତି ଆଦିକୁ ନେଇ ପ୍ରକାଶ ପାଇଛି ହଂସନାଥ ମୁହୁଲିଙ୍କ ଶିଶୁ / କିଶୋର ଗୀତି କବିତା ପୁସ୍ତକ 'ମନ ବଗିଚାର ହସଫୁଲଟି' । ଏହି ପୁସ୍ତକର କବିତାଗୁଡ଼ିକ ଶିଶୁ ଓ କିଶୋରମାନଙ୍କ ପାଇଁ ଆମୋଦଦାୟକ ସହିତ ଶିକ୍ଷଣୀୟ ମଧ୍ୟ ହୋଇଛି । ଜୀବନକୁ ମନ ଭରି ଉପଭୋଗ କରିବା, ପ୍ରକୃତିକୋଳରେ ହଜିଯିବା, ଶିଶୁ ମୁହଁରେ ହସ ଫୁଟାଇବା ଆଦି ଅନେକ ସାମାଜିକ ଓ ଜୀବନଧର୍ମୀ ବାର୍ତ୍ତା ରହିଛି ଏହି କବିତାଗୁଡ଼ିକରେ । ଏହି ପୁସ୍ତକରେ 'ମନ ବଗିଚାର ହସଫୁଲଟି', 'ଫୁଲଟିଏ ମୁଁ ଫୁଲଟିଏ', 'ଦେଖ ଫୁଲଟେ ଫୁଟିଛି ମୁହିଁ', 'ଜୀବନର ମୂଳ ଥାଏ', 'ଫୁଲଟେ ଫୁଟିଲେ', 'ଆକାଶରୁ ଜହ୍ନ ମୋତେ', 'ଜହ୍ନମାମୁଁ ମୁହିଁ', 'ମୁଁ ଦିନ ଆକାଶର ତାରା', 'ଉଠ ଯିବ ପାଠ ପଢ଼ି', 'ବରଷା ମୁଁ ଯାଏ ଝରି', 'ମୁଁ ଯେ କାଗଜ ଡଙ୍ଗା','ପ୍ରକୃତିମାତାର ହାତର ସୃଜନ', 'ଜୀବନ ଗୋଟିଏ ଫୁଲ', 'ଜୀବନ ଗୋଟିଏ ଗୀତ' ଆଦି ଗୀତି କବିତା ହୃଦୟସ୍ପର୍ଶୀ ହୋଇଛି । ପ୍ରତିଟି କବିତାର ଭାବ, ଭାଷା ବେଶ୍ ବୋଧଗମ୍ୟ । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ବାପା ଓ ସୋଫା

ପ୍ରଦ୍ୟୁମ୍ନ ପଟ୍ଟନାୟକ




କାବ୍ୟଲୋକ
୨୯୭୪, ଗ୍ୟାରେଜ ଛକ
ଲୁଇସ୍ ରୋଡ୍, ଭୁବନେଶ୍ୱର-୨
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୧୬୦ ଟଙ୍କା

ଜୀବନର ଅନେକ ଘଟଣା ଅନୁଭୂତି, ଅନୁଭବ ମନ ଭିତରେ ଗଭୀର ଛାପ ପକାଏ । ସେଇସବୁ ଘଟଣା ସ୍ମୃତି ହୋଇରହିଯାଏ ହୃଦୟରେ । ଘଟଣା ବହୁଳ ଜୀବନର ସେଭଳି କିଛି ସ୍ମୃତି ଓ ଅନୁଭୂତି କାହାଣୀର ରୂପ ନେଇ ପ୍ରକାଶ ପାଇଛି ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ 'ବାପା ଓ ସୋଫା' ଗଳ୍ପ ପୁସ୍ତକ । ଏହି ପୁସ୍ତକରେ ମୋଟ ୨୧ଟି ଗପ ସଂକଳିତ ହୋଇଛି । ପ୍ରତିଟି ଗପର ଭାବ, ଆବେଦନ ଓ କାହାଣୀ ସ୍ୱତନ୍ତ୍ର । 'ବାପା ଓ ସୋଫା', 'ନିରିମାଖି', 'ଅଦୃଶ୍ୟ ଲାଠି', 'ନିରଞ୍ଜନ', 'ରାସ୍ତା', 'ଅମୂଲ୍ୟ ମୋତି', 'ସ୍ୱପ୍ନ', 'ଶେଷ ଦର୍ଶନ', 'ଶେଷଲଗ୍ନ', 'ପ୍ରତୀକ୍ଷମାଣା', 'ମାତୃ ଦିବସ', 'ସାଇତା ସ୍ମୃତି', 'ଧୂମ କୁଣ୍ଡଳୀ', 'ମିଛଗପ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ଏହି ପୁସ୍ତକର ଅନେକ ଗପରେ ମାନବୀୟ ସଂପର୍କ, ସାମାଜିକ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ, ସଂଘାତ, ଜୀବନର ନାନା ଘଟଣା ସାବଲୀଳ ଓ ସରଳ ଭାଷାରେ ପ୍ରକାଶ ପାଇଛି । ସମାଜରେ ନିତି ଘଟୁଥିବା ଅତି ସାଧାରଣ ଘଟଣାକୁ ଗାଳ୍ପିକ ନିଜ କଳାଚାତୁରୀ ମାଧ୍ୟମରେ ରମଣୀୟ ଭାବେ ବର୍ଣ୍ଣନା କରିଛନ୍ତି । 'ବାପା ଓ ସୋଫା' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ସତ୍ୟମେବ ଜୟତେ

ସଂପାଦକ: ମାନସ ରଞ୍ଜନ ଦାଶ




ସତ୍ୟମେବ ଜୟତେ ପରିବାର
ସପନପୁର, ସାଲେପୁର
କଟକ
ମୂଲ୍ୟ: ୮୦ ଟଙ୍କା

ମାନସ ରଞ୍ଜନ ଦାଶଙ୍କ ସଂପାଦନାରେ ପ୍ରକାଶ ପାଇଛି 'ସତ୍ୟମେବ ଜୟତେ' ପତ୍ରିକା । ଏହି ପତ୍ରିକାରେ ଡକ୍ଟର ଗୌତମ ମହାରଣାଙ୍କ 'ସନାତନ ଧର୍ମର ସ୍ୱରୂପ', ଡ. ସନ୍ତୋଷ କୁମାର ପଣ୍ଡାଙ୍କ 'ସଂକ୍ରାନ୍ତି, ଏକ କ୍ରିୟା', ସୁଧୀର ଷଡ଼ଙ୍ଗୀଙ୍କ 'ଶକ୍ତି ପୀଠ: ମାଆ ଉପାଡ଼ି ସ୍ଥଳ', ଜୟଦେବ ଲେଙ୍କାଙ୍କ 'ସ୍ୱରର ରାଣୀ ଆକାଶବାଣୀ', ଆରିଫ୍ କଟକୀଙ୍କ 'ସ୍ୱାଭିମାନୀ ସମାଜ ଗଠନରେ ସୁନାଗରିକର ଭୂମିକା' ଆଦି ପ୍ରବନ୍ଧ ତଥ୍ୟଭିତ୍ତିକ ଓ ଭାବଗର୍ଭକ ହୋଇଛି । ସେହିପରି ଡକ୍ଟର କୃତ୍ତିବାସ ନାୟକଙ୍କ 'ସାନଭାଇ', ଗଗନ ଚନ୍ଦ୍ର ଦାଶଙ୍କ 'ସେଇ ଝିଅଟି', ପ୍ରଜ୍ଞାଲୀନ ସାହୁଙ୍କ 'ସମ୍ମାନ', କୁଞ୍ଜ ବିହାରୀ ସାହୁଙ୍କ 'ସୁନୟନାର ହସ' ଆଦି ଗପ ମନଛୁଆଁ ହୋଇଛି । ସେଭଳି କବିତା ବିଭାଗରେ 'ଶେଷଶିଖାର ଜ୍ୱଳନ ପୂର୍ବରୁ', ସୁନନ୍ଦା ମହାନ୍ତିଙ୍କ 'ଶବ୍ଦ ଶର', ଭକ୍ତ ଚରଣ ସାହୁଙ୍କ 'ସ୍ମୃତି ତୁମେ କେବେ...', ରାହୁଲ ତାଣ୍ଡିଙ୍କ 'ଶପଥ', ଗୀତା ଷଡ଼ଙ୍ଗୀଙ୍କ 'ସେଇ ଲୋକଟି', ସୁଧୀର କୁମାର ଦାସଙ୍କ 'ସ୍ମୃତିରେ ଗାଁ ଘର', ଅଧ୍ୟାପିକା ମନ୍ଦାକିନୀ ପାଢ଼ୀଙ୍କ 'ସ୍ୱପ୍ନ ତୁମେ' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । ଏହି ପତ୍ରିକାର ଲେଖାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

# ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପରେ ସାମାଜିକ ପରିବର୍ତ୍ତନର ସ୍ୱର



ବୈଷ୍ଣବ ମେହେର

ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ଅନନ୍ୟ ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି । ସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ବିଭାଗରେ ନୁହେଁ, ବରଂ କବିତା ବ୍ୟତୀତ ଗଳ୍ପ, ଉପନ୍ୟାସ, ସ୍ତମ୍ଭରଚନା, ସମାଲୋଚନା, ନାଟକ, ଆତ୍ମଜୀବନୀ, ଭ୍ରମଣ କାହାଣୀ ଭଳି ପ୍ରକାଣ୍ଡ ସାହିତ୍ୟ ବୃକ୍ଷର ପ୍ରାୟ ଶାଖାରେ ନିଜ ଛାପକୁ ଯଶସ୍ୱୀ କରାଇ ପାରିଛନ୍ତି । କିନ୍ତୁ ମର୍ମସ୍ପର୍ଶୀ ଶତାଧିକ କ୍ଷୁଦ୍ରଗଳ୍ପ ରଚନା କରିଥିବା ସୁରେନ୍ଦ୍ରଙ୍କ ଅନାବିଳ ଦୁର୍ବଳତା ଯେ ଗଳ୍ପ ସାହିତ୍ୟରେ ରହିଥିଲା, ଏହା ତାଙ୍କ ଗଳ୍ପ ଭିତରକୁ ପ୍ରବେଶ ପରେ ସ୍ୱତଃ ଅନୁମାନ କରିହୁଏ । ବୋଧେ ସେଥିପାଇଁ ହିଁ ଥରେ ଏକ ସାକ୍ଷାତକାରରେ ସେ କହିଥିଲେ - "ଗଳ୍ପ-ଗଳ୍ପ-ଗଳ୍ପ ହେଉଛି ମୋର First Love ।"

ଜଣେ ସଫଳ ରାଜନୈତିଜ୍ଞ, ସାମ୍ବାଦିକ ଭାବରେ ଓଡ଼ିଶାର ପୁରପଲ୍ଲୀ ବୁଲି ବିଭିନ୍ନ ବର୍ଗର ଲୋକଙ୍କ ସଂସ୍ପର୍ଶରେ ସେ ଆସିବା ସୁଯୋଗ ଲାଭ କରିଥିଲେ । ତେଣୁ ସାଧାରଣ ଲୋକଙ୍କ ଜୀବନକୁ ଅତି ନିକଟରୁ ଅନୁଭବ କରିବାର ଅପୂର୍ବ ସୁଯୋଗ ସୁରେନ୍ଦ୍ରଙ୍କ ପ୍ରାୟ ଗଳ୍ପରେ ଗ୍ରାମୀଣ ଜୀବନର ନିଚ୍ଛକତା ଖୁବ୍ ଜୀବନ୍ତ ଭାବରେ ପ୍ରତିଫଳିତ ହୋଇଛି । ପାରମ୍ପରିକ ସ୍ଥିତାବସ୍ଥାକୁ ମୃତାବସ୍ଥା ପ୍ରାୟେ ମଣି ଯେଉଁ ପରିବର୍ତ୍ତନରେ ସାମୂହିକ କଲ୍ୟାଣ ସାଧିତ ହେବାକୁ ସେ ଅନୁଭବ କରୁଥିଲେ, ସକଳ ସମସ୍ୟା ସତ୍ତ୍ୱେ ତାକୁ ଗ୍ରହଣ କରିବାରେ ସେ ତିଳେମାତ୍ର ପଶ୍ଚାତଧାବନ ହୋଇ ନାହାନ୍ତି । ସୁରେନ୍ଦ୍ରଙ୍କୁ ଯେତେବେଳେ ମାତ୍ର ଷୋହଳ ବର୍ଷ ବୟସ, ସେତେବେଳେ ତାଙ୍କର ପ୍ରଥମ କ୍ଷୁଦ୍ରଗଳ୍ପ 'ବନ୍ଦୀ' ପ୍ରକାଶ ପାଏ ୧୯୩୮ ମସିହାରେ ତତ୍କାଳୀନ ପ୍ରସିଦ୍ଧ ଓଡ଼ିଆ ସାହିତ୍ୟ ପତ୍ରିକା 'ଉତ୍କଳ ସାହିତ୍ୟ'ରେ । ଜଣେ ତରୁଣ ଗାଳ୍ପିକର ହୃଦୟର ଭାବାବେଗ ସ୍ୱରୂପ ଅସହ୍ୟ ଅତ୍ୟାଚାରକୁ ସହ୍ୟ କରି ନପାରି ଖଟିଖିଆ ଦରିଦ୍ର ମଣିଷଟି କିପରି ଅତ୍ୟାଚାରୀ ମହାଜନ ଉପରେ ପ୍ରତିଶୋଧ ପରାୟଣ ହୋଇଯାଏ, ତାହା ଏହି ଗଳ୍ପରେ ଗାଳ୍ପିକ ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି ।

ସୁରେନ୍ଦ୍ର ମହାନ୍ତି ଜଣେ ଜୀବନବାଦୀ ଲେଖକ । ତା'ର ପରିଚୟ ତାଙ୍କ ଅନେକ ଗଳ୍ପରେ ମିଳିପାରେ । କର୍ମମୟ ଜୀବନର ଘାତପ୍ରତିଘାତ ଯୁଗେଯୁଗେ ମଣିଷକୁ ବୀତସ୍ପୃହ କରି ପକାଏ । ସୁରେନ୍ଦ୍ରଙ୍କ 'ରୁଟି ଓ ଚନ୍ଦ୍ର' ଗଳ୍ପରେ ସକଳ ବେଦନା ଭିତରେ ଅନୁସନ୍ଧିତ୍ସୁ ମଣିଷ ଜୀବନରେ ପ୍ରକୃତ ଅମୃତର ସନ୍ଧାନ ପାଇପାରେ । ସେଥିପାଇଁ ସେ ଏକ ସାର୍ଥକ ଜୀବନ ବଞ୍ଚିବାରେ ସଫଳ ହୁଏ ବୋଲି ଦର୍ଶାଇ ଦିଆଯାଇଛି । ପ୍ରାଣର ପ୍ରାଚୁର୍ଯ୍ୟରେ ଜଣେ ଯଦି ପରିପୂର୍ଣ୍ଣ, ତେବେ ଗୋଟିଏ କି ଦୁଇ ରାତିର ଉପବାସ ତା' ପାଇଁ ସେତେଟା ବେଦନାସିକ୍ତ ହୋଇ ନପାରେ । ପୂରା ମଜୁରି ଆଉ ପୂରା ପେଟ, ଜୀବନର ପ୍ରୟୋଜନୀୟତା ହୋଇପାରେ, କିନ୍ତୁ ଜୀବନର ଲକ୍ଷ୍ୟ ତ ଆତ୍ମତୃପ୍ତି । ମନମୁଗ୍ଧକର ଝରଝର ଝରଣା, ସଫେଦ ଜ୍ୟୋସ୍ନାର ଆବିଳତା, ସବୁଜ ସୁନ୍ଦର ପରିପୂର୍ଣ୍ଣ ପ୍ରକୃତିର ଆକର୍ଷଣ ଯେ ଚିରାଚରିତ ଜୀବନଠାରୁ ଖୁବ୍ ସ୍ୱତନ୍ତ୍ର । ଏହା ହିଁ 'ରୁଟି ଓ ଚନ୍ଦ୍ର' ଗଳ୍ପରେ ଗାଳ୍ପିକଙ୍କ ଆଭିମୁଖ୍ୟ, ଯାହା ତାଙ୍କ ଗଳ୍ପ ସଂକଳନର ନାମ ବହନ କରି ତାଙ୍କ ବାସ୍ତବ ଜୀବନ ଚରିତ୍ରର ମହନୀୟ ଦିଗକୁ ଯଥାର୍ଥ ଢଙ୍ଗରେ ଉପସ୍ଥାପିତ କରିଛି । ଏହି ପରିପ୍ରେକ୍ଷୀରେ କଥାକାରଙ୍କ 'କୃଷ୍ଣଚୂଡ଼ା' ଗଳ୍ପ ମଧ୍ୟ ସେହି ସମାନ ଆବେଦନରେ ପରିପୁଷ୍ଟ ହୋଇଛି । ଗଳ୍ପ ନାୟକ 'ସଦାନନ୍ଦ' ନିତିଦିନିଆ ସମ୍ବାଦ ଲେଖା ଛାଡ଼ି କମନୀୟ କୃଷ୍ଣଚୂଡ଼ାର ଆକର୍ଷଣକୁ ଏଡ଼ାଇ ନ ପାରି ତାକୁ ତୋଳିବାରେ ନିଜକୁ ନିୟନ୍ତ୍ରଣ କରି ନପାରିବା ମନ ଓ ହୃଦୟର ଆହ୍ୱାନ ହିଁ ଅସଲ ଜୀବନର ପରିଭାଷା ବୋଲି ବୁଝିବାକୁ ପଡ଼େ ।

ପରିସ୍ଥିତି ଯେତେ ନିଷ୍ଠୁର ହେଉନା କାହିଁକି ଆପଣାର ଲୋକଟିଏ ପାଖରେ ଥିଲେ ସବୁ ଦୁଃଖ ଆପେଆପେ ଅପସରି ଯାଏ । ସେହି ଲୋକଟି ଯେତେ ବେଳେ ଦୂରେଇ ଯାଏ, ସେତିକି ବେଳେ ମଣିଷର ଅନ୍ତଃବେଦନା ଦ୍ୱିଗୁଣିତ ହୋଇଯାଏ । ଏକଥା ସୁରେନ୍ଦ୍ରଙ୍କ 'ନୟନପୁର ଏକ୍ସପ୍ରେସ୍' ଗଳ୍ପରେ ପରିଦୃଷ୍ଟ ହୁଏ । ସେହିଭଳି ତାଙ୍କର ଅନ୍ୟତମ ସଫଳ ଗଳ୍ପ ହେଉଛି 'ମହାନଗରୀର ରାତ୍ରି' । ଯେଉଁଠି ଜଣେ ଦୁଃସ୍ଥ ନାରୀର କରୁଣ ଜୀବନ କାହାଣୀର ନିଖୁଣ ଉପସ୍ଥାପନା ପାଠକଙ୍କୁ ଅଭିଭୂତ କରିଦିଏ । ପୁନଶ୍ଚ 'ଖାଦାନୀ' ଗଳ୍ପରେ ମାଟି ଓ ପ୍ରକୃତିର ସରଳ ମଣିଷ କିପରି ଆଧୁନିକତାର ମୋହରେ ପଡ଼ି ନିଜ ଜୀବନକୁ ବିପର୍ଯ୍ୟସ୍ତ କରି ଦେଉଛି । ସେହିପରି 'ଘନିଆର ଗଣେଶ ଚତୁର୍ଥୀ' ଗଳ୍ପରେ ଭଗବାନଙ୍କ ପୂଜାର୍ଚ୍ଚନା ହେଉ କି ବିଦ୍ୟାଳୟରେ ଶିକ୍ଷାଅର୍ଜନ ହେଉ ଏଥିରେ ସମସ୍ତଙ୍କ ସମାନ ଅଧିକାର ରହିବା ପ୍ରସଙ୍ଗ ଚିତ୍ରଣ କରାଯାଇଛି । 'ମେଣ୍ଢାଖାଇ' ଗଳ୍ପରେ ଏକ ସରଳ, ନିଷ୍ପାପ ଗ୍ରାମ୍ୟ ଜୀବନର ବାର୍ତ୍ତାକୁ ଗାଳ୍ପିକ ଜୀବନ୍ତ ଢଙ୍ଗରେ ସଜାଇ ଦେଇଛନ୍ତି । ସେହିପରି 'ଅପରିଚିତର ପରିଚୟ' ଗଳ୍ପ ତ ପ୍ରତିଟି ମଣିଷକୁ ମଣିଷତ୍ୱର ପରିଚୟ କରାଇବାର ଭାର ବହନ କରିଛି । ନିଜେ ଭୋକ ଉପାସରେ ଥାଇ ସୁଦ୍ଧା ଅନ୍ୟ ଜଣେ ଅସହାୟା ପାଇଁ ରିଲିଫ୍ ନେବାକୁ ଆସି ଜଣେ ମାନବଧର୍ମୀକୁ କିପରି ଲହୁଲୁହାଣ ହେବାକୁ ପଡ଼େ ତାହା ଏଠାରେ ଚିତ୍ରିତ ହୋଇଛି । ବାସ୍ତବରେ ଏହି ଗଳ୍ପ ମାନବିକତାର ବାସନାକୁ ବିଚ୍ଛୁରିତ କରେ । ଅପରପକ୍ଷେ ସୁରେନ୍ଦ୍ର ମହାନ୍ତିଙ୍କ ଅନ୍ୟ ଦୁଇଟି ଗଳ୍ପ 'ଓଃ ! କାଲକାଟା' ଓ 'ରାଜଧାନୀ'ରେ ସାଧାରଣ ମଣିଷଙ୍କ ଅସହାୟତା, ଦରିଦ୍ରତାର ନିଦାନ ପାଇଁ କର୍ତ୍ତୃପକ୍ଷଙ୍କ ସ୍ୱାର୍ଥଲିପ୍ସୁ ଅନ୍ତଃସାରଶୂନ୍ୟ ଯୋଜନାକୁ ଯେଉଁଭଳି ଇଙ୍ଗିତ କରାଯାଇଛି, ସେଭଳି ସେତେବେଳର କିଛି ଲୋକଙ୍କ ରୁଗ୍ଣ ମାନସିକତାର ମଧ୍ୟ ଏଠାରେ ପରିପ୍ରକାଶ କରାଯିବା ଏକ ସ୍ୱଚ୍ଛ ସାମାଜିକ ପରିବର୍ତ୍ତନକୁ ଖୋରାକ ଦେଇ ଆସୁଛି । ସୁରେନ୍ଦ୍ର ମହାନ୍ତିଙ୍କ ମତରେ 'ଦାରିଦ୍ର କ୍ଷମତାଲିପ୍ସୁ ରାଜନୈତିକ ନେତାମାନଙ୍କର ଏକ ନ୍ୟସ୍ତସ୍ୱାର୍ଥ । ଦାରିଦ୍ର୍ୟ ଲୋପ ପାଇଗଲେ, ସେମାନଙ୍କର ସହଜ ନେତୃତ୍ୱ ଆଉ ଚଳିବ ନାହିଁ । ଯେତେଦିନ ଯାଏ ଦାରିଦ୍ର ରହିଥିବ, ସେତେଦିନ ପର୍ଯ୍ୟନ୍ତ ସେମାନେ ସୁପ୍ରତିଷ୍ଠିତ ଥିବେ ।" ନିଜେ ରାଜନୀତିରେ ଥାଇ ରାଜନୈତିଜ୍ଞଙ୍କ ପ୍ରତି ଲେଖକଙ୍କ ଏଭଳି ଦୃଷ୍ଟିଭଙ୍ଗୀ କେବଳ ତାଙ୍କ ସ୍ୱଚ୍ଛ ବ୍ୟକ୍ତିତ୍ୱର ପରିଚୟ ଦେଉ ନାହିଁ, ଏହାସହ ସାମାଜିକ ପରିବର୍ତ୍ତନର ବହ୍ନିଟିଏ ସେ ନିଜ ଗଳ୍ପ ମାଧ୍ୟମରେ ସମାଜରେ ଜଳାଇ ରଖିବାର ପ୍ରୟାସକୁ ସ୍ପଷ୍ଟ କରୁଛି । ସେହିପରି ମଣିଷ ଆତ୍ମପ୍ରଚାର ନିମିତ୍ତ କ'ଣ କରିପାରେ ତାହା ଗଳ୍ପ 'ଜୀଅନ୍ତା ଭୂତ'ରେ ପର୍ଯ୍ୟବସିତ ହୋଇଛି ।

ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ ରଚନାର ପୃଷ୍ଠଭୂମି ନିଶ୍ଚିତ ଭାବେ ବିବିଧ । ପୁରାଣ ଓ ଇତିହାସ ପ୍ରସଙ୍ଗକୁ ସେ ଅନେକ ଗଳ୍ପରେ ସ୍ଥାନ ଦେଇଥିଲେ ମଧ୍ୟ ସାମାଜିକ, ରାଜନୈତିକ ଓ ଲୋକଙ୍କ ମାନସିକ ସମସ୍ୟା ପର୍ଯ୍ୟବସିତ ତାଙ୍କ ଅନେକ ଗଳ୍ପରେ ତତ୍କାଳୀନ ଚିରାଚରିତ ପ୍ରଥା, ପରମ୍ପରା ପ୍ରତି ଲେଖକଙ୍କ ଅନ୍ତରର ବିଦ୍ରୋହକୁ ଯେତିକି ଅବଲୋକନ କରିହୁଏ, ସେତିକି ତାଙ୍କ ହୃଦୟ କୋଣରେ ଜାଗ୍ରତ ହୋଇଥିବା ଭିନ୍ନ ଏକ ସମାଜ ଗଠନର ଆକାଂକ୍ଷାକୁ ମଧ୍ୟ ହୃଦୟଙ୍ଗମ କରିହୁଏ । ■

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

# ଅବଶିଷ୍ଟାଂଶ

## ରାଜଧାନୀ ଏକ୍ସପ୍ରେସ୍...

ଡିଭିଜନର ଯମୁନାମୁଖ-କାନପୁର ସେକ୍ସନରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ସ୍ଥଳଟି ଏକ ହାତୀସୂଚୀତ କରିଡର ନଥିଲା। ଅଧିକାରୀଙ୍କ କହିବା ଅନୁଯାୟୀ ଏହି ହାତୀ ପଲ ହଠାତ ଟ୍ରେନ୍ ସାମ୍ନାରେ ଦେଖାଦେଇଥିଲା। ଲୋକୋ ପାଇଲଟ ଜରୁରୀକାଳୀନ ବ୍ରେକ ଲଗାଇଥିଲେ ମଧ ହତୀ ପଲ ସହ ଟ୍ରେନ୍‌ର ଧକ୍କାକୁ ରୋକାଯାଇ ପାରି ନଥିଲା।

ଉଲ୍ଲେଖଯୋଗ୍ୟ ଯେ, ସାଇରଙ୍ଗ- ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍ ମିଜୋରାମର ସାଇରଙ୍ଗ ଓ ଦିଲ୍ଲୀର ଆନନ୍ଦ ବିହାର ଟର୍ମିନାଲକୁ ସଂଯୋଗ କରୁଛି। ଏହି ଦୁର୍ଘଟଣା ଫଳରେ ଏନ୍‌ଏଫ ରେଳବାଇର ଜମୁନାମୁଖ- କାମପୁର ସେକ୍ସନରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି।

## ଆଣ୍ଠେଇଛି ପିଏମ୍...

ଯୁକ୍ତି ଅନୁଯାୟୀ ରୁଫଟପ୍ ସୋଲାରର ଭବିଷ୍ୟତର ଆବଶ୍ୟକତା, ଏଥିରୁ ଉଭୟ ଉପଭୋକ୍ତା ଏବଂ ପରିବେଶକୁ ମିଳୁଥିବା ଫାଇଦା, କମ୍ ଖର୍ଚ୍ଚରେ ଅଧିକ ବିଜୁଳି ଉତ୍ପାଦନ ସର୍ବୋପରି କେନ୍ଦ୍ର ଏବଂ ରାଜ୍ୟ ସରକାର ପ୍ରଦାନ କରୁଥିବା ସବ୍‌ସିଡି ଅର୍ଥ ବାବଦରେ ଉପଭୋକ୍ତାଙ୍କୁ ସେପରି ସଚେତନ କରାଯାଉ ନାହିଁ। ଯାହାଫଳରେ ରାଜ୍ୟର ଉପଭୋକ୍ତା ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାଠାରୁ ମୁହଁ ମୋଡୁଛନ୍ତି ବୋଲି ଶକ୍ତି ସମୀକ୍ଷକ ଯୁକ୍ତି ବାଢୁଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ରୁଫଟପ୍ ସୋଲାର ପ୍ୟାନେଲଜରେ ୧ କିଲୋୱାଟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୫ ହଜାର ଟଙ୍କାର ସବ୍‌ସିଡି ପ୍ରଦାନ କରୁଛନ୍ତି। ସେହିପରି ୨ କିଲୋୱାଟ ପାଇଁ ୧.୧୦ ଲକ୍ଷ ଏବଂ ୩ କିଲୋୱାଟ ପାଇଁ ୧.୩୮ ଲକ୍ଷ ଟଙ୍କା ସବ୍‌ସିଡି ପ୍ରଦାନ କରୁଛନ୍ତି। ମାତ୍ର ଏହାର ସୁଫଳ ଉପଭୋକ୍ତା ଯେତିକି ଉଠାଇବା କଥା, ତାହାଠାରୁ ଢେର୍ ପଛରେ ରହିଥିବା ଜଣାପଡ଼ିଛି।

ଅପରପକ୍ଷେ ପିଏମ୍ ସୂର୍ଯ୍ୟଘର ଯୋଜନାର ୟୁଏଲଏ(ୟୁଟିଲିଟି ଏଗ୍ରିଗେସନ ମଡେଲ) ଅଧୀନରେ ଘରୋଇ ଉପଭୋକ୍ତାଙ୍କ ପାଇଁ ସବସିଡି ଅର୍ଥ ରାଶିକୁ ଆହୁରି ବୃଦ୍ଧି କରାଯାଇଛି। ଏଥିରେ ପୂର୍ବରୁ ୧ କିଲୋୱାଟ ସୋଲାର ପ୍ୟାନେଲ ପାଇଁ ଉପଭୋକ୍ତାଙ୍କୁ ୫ ହଜାର ଟଙ୍କା ପ୍ରଦାନ କରିବାକୁ ପଡୁଥିବା ବେଳେ ଏଣିକି ମାତ୍ର ୧୮ ୭୫ ଟଙ୍କା ଦେବାକୁ ପଡ଼ିବ ବୋଲି ଜଣାପଡ଼ିଛି।

## ଘର ସହ ନାବାଳିକାଙ୍କୁ...

ପଛରେ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସଆଇର ଢାକା ସେଲ୍ ଥିବା ସୂଚନା ମିଳିଛି। ଏପରି ଏକ ସେଲ୍ ହିଁ ଶ୍ରୀଲଙ୍କାରେ ଅସ୍ଥିରତା ସୃଷ୍ଟି କରିଥିଲା। ଏବେ ସେହି ପୁରୁଣା କୌଶଳକୁ ବାଂଲାଦେଶରେ ଆପଣା ଯାଇଛି। ଏହାକୁ ସରକାର ଏବଂ ଆମେରିକା ମଧ ସମର୍ଥନ ଦେଉଛି।

ବାଂଲାଦେଶ ନିର୍ବାଚନ ପୂର୍ବରୁ ଜାଣିଶୁଣି ଏହି ହିଂସା ଆରମ୍ଭ କରାଯାଇଥିବା କୁହାଯାଉଛି। ନିର୍ବାଚନକୁ ଘୁଞ୍ଚାଇବା ପାଇଁ ପାକିସ୍ତାନ ସହ ମିଶି କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଏହି ଷଡ଼ଯନ୍ତ୍ର କରିଛନ୍ତି। ଆଉ ଏହାକୁ ଆମେରିକା ସମର୍ଥନ ମଧ ମିଳିଥିବା କୁହାଯାଉଛି। ସଂଖ୍ୟାଲଘୁ ହିନ୍ଦୁ ଯୁବକଙ୍କୁ ହତ୍ୟା କରି ଜାଳିଦେବା ପରେ ଚରମପନ୍ଥୀ ଏବେ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନପି)ର ନେତାଙ୍କୁ ନିଶାଣ କରିଛନ୍ତି। ନିର୍ବାଚନୀ ସର୍ଭେରେ ଏହି ପାର୍ଟି ବିଜୟୀ ହେଉଥିବା ଜଣାପଡ଼ିବା ପରେ ବିରୋଧୀ ରକ୍ତଚାଉଳ ଚୋବାଉଛନ୍ତି। ତେଣୁ ଜାଣିଶୁଣି ନିର୍ବାଚନ ଭଣ୍ଡୁର କରିବାକୁ ପ୍ରୟାସ କରୁଛନ୍ତି। ଏହି କ୍ରମରେ ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧ଟାରେ ବିକ୍ଷୋଭକାରୀ ଲକ୍ଷ୍ମୀପୁର ସଦର ସ୍ଥିତି ବିଏନପି ନେତା ବିଲାଲ ହୁସେନଙ୍କ ଘରେ ଆକ୍ରମଣ କରିଛନ୍ତି। ବାହାର ପଟୁ ତାଲା ଲଗାଇ ଘର ଜାଳି ଦେଇଛନ୍ତି। ଏହି ହିଂସାର ନିଆଁରେ ବିଲାଲଙ୍କ ସାନ ଝିଅ ଆୟଶା ଅଖତର (୭) ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ହୁସେନଙ୍କ ସମେତ ତାଙ୍କର ଆଉ ଦୁଇ ଝିଅ ସଲମା ଅଖତାର (୧୬) ଏବଂ ସାମିଆ ଅଖତାର (୧୪) ଜଳି ଯାଇଛନ୍ତି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଦୁଇ ଝିଅଙ୍କୁ ଢାକା ହସ୍ପିଟାଲକୁ ପଠାଇ ଦିଆଯାଇଛି।

ଭାରତ ବିରୋଧୀ ନେତା ଭାବେ ପରିଚିତ ଉସମାନ ହାଦିଙ୍କୁ ଆଜି ରାଷ୍ଟ୍ରୀୟ କବିଙ୍କ ପାର୍ଶ୍ୱରେ କବର ଦିଆଯାଇଛି। ଏହା ପୂର୍ବରୁ ଦ୍ୱିପହର ୨ଟା୩୦ରେ ସଂସଦ ଭବନର ଦକ୍ଷିଣ ପ୍ଲାଜାରେ ହାଦିଙ୍କ ପାଇଁ ନମାଜ କରାଯାଇଥିଲା। ଏଠାରେ ଇନ୍‌କିଲାବ ମଞ୍ଚର ସଚିବ ଅବଦୁଲ୍ଲା ଅଲ ଜାବେର ତାଙ୍କ ସମର୍ଥକଙ୍କୁ ବିକ୍ଷୋଭରେ ସାମିଲ ହେବା ପାଇଁ ଶାହବାଗ ଯିବାକୁ କହିଥିଲେ। ସେ କହିଥିଲେ ଯେ ଆମେ ଶୋକ ମନାଇବାକୁ ଆସିନାହୁଁ। ଆମ ଭାଇ ନ୍ୟାୟ ମାଗିବାକୁ ଆସିଛୁ। ହାଦିଙ୍କୁ ଗୁଳି ମାଡ଼ ଘଟଣାକୁ ସପ୍ତାହେ ବିତି ଯାଇଥିଲେ କାହାକୁ ଗିରଫ କରାଯାଇ ନାହିଁ। ସେ ସରକାରଙ୍କୁ ଏ ନେଇ ୨୪ ଘଣ୍ଟା ଭିତରେ ଜବାବ ମାଗିଛନ୍ତି। ଏହା ମଧ୍ୟରେ ହାଦିଙ୍କୁ ନେଇ ଚାଞ୍ଚଲ୍ୟକର ସୂଚନା ଆସିଛି। ହାଦି ନିର୍ବାଚନରେ କାହାକୁ ସମର୍ଥନ ଦେଉ ନ ଥିଲେ। ସେ ବିଏନପି, ମହମ୍ମଦ ୟୁନୁସ୍ ଏବଂ ଜମାତ-ଇ-ଇସଲାମି ସରକାର ଗଠନ କରୁ ବୋଲି ଚାହୁଁ ନ ଥିଲେ। ଏହି ତିନି ଦଳ ଦୁର୍ନୀତିରେ ଲିପ୍ତ ଥିବା ସେ କହୁଥିଲେ। ତେଣୁ ସେ ନୂଆ ବାଂଲା ଗଢ଼ିବାକୁ ଆହ୍ୱାନ ଦେଇଥିଲେ। ମାତ୍ର ଏହି ଆଭିମୁଖ୍ୟ ତାଙ୍କ ପାଇଁ କାଳ ପାଲଟି ଯାଇଥିଲା। କାରଣ ଆଇଏସଆଇର ଢାକା ସେଲ୍ ଇନକିଲାବ ମଞ୍ଚ ଏବଂ ବିଏନପି ସରକାର ଗଠନ ନ କରୁ ବୋଲି ଚାହୁଁଥିଲା। ପାକିସ୍ତାନ ମହମ୍ମଦ ୟୁନୁସ ଏବଂ ଜମାତକୁ ସମର୍ଥନ ଦେଉଥିଲା। ହାଦିର ଲୋକପ୍ରିୟତା ଏବଂ ନିର୍ବାଚନ ସର୍ଭେରେ ବିଏନପି ସଂଖ୍ୟାଗରିଷ୍ଠତା ପାଉଥିବା ଜଣା ପଡ଼ିବା ପରେ ଆଇଏସଆଇ ହାଦିଙ୍କ ହତ୍ୟା ଷଡ଼ଯନ୍ତ୍ର କରିଥିଲା। ଏହା ପଛରେ ନିର୍ବାଚନ ଘୁଞ୍ଚାଇ ନିଜ ସ୍ଥିତି ମଜବୁତ ଏବଂ ଭାରତକୁ ବଦନାମ କରିବା ଉଦ୍ଦେଶ୍ୟ ଥିଲା।

ଅନ୍ୟପକ୍ଷରେ ଇନକିଲାବ ମଞ୍ଚ ଏବଂ ଜମାତର ଚରମପନ୍ଥୀ ଶୁକ୍ରବାର ବେନାପୋଲର ଭାରତ ସୀମା ପର୍ଯ୍ୟନ୍ତ ମାର୍ଚ୍ଚ କରିଥିଲେ। ସେମାନେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କୁ ଫେରାଇବାକୁ ଦାବି କରିଥିଲେ। ଚଟଗାଁଓରେ ଚନ୍ଦ୍ରନାଥ ମନ୍ଦିର ବାହାରେ ମଧ ଚରମପନ୍ଥୀ ଧାର୍ମିକ ସ୍ଲୋଗାନ ଦେଇଥିଲେ। ସ୍ଥିତିକୁ ଦେଖି ଭାରତୀୟ ସେନା ସକ୍ରିୟ ହୋଇଯାଇଛି। ବାଂଲାଦେଶ ସ୍ଥିତି ଉପରେ ତୀକ୍ଷଣ ନଜର ରଖିଛି। ଇଷ୍ଟର୍ଣ୍ଣ କମାଣ୍ଡ ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଆରସି ତିୱାରୀ ମଧ ବାଂଲାଦେଶ ସୀମା ଗସ୍ତରେ ଯାଇଥିଲେ। ଏହା ମଧ୍ୟରେ ଭାରତୀୟ ସ୍ଥଳ ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଆଜି ଢାକା ସେନାମୁଖ୍ୟଙ୍କ ସହ କଥା ହୋଇଛନ୍ତି। ସେ ଭାରତୀୟ ଦୂତାବାସ ଏବଂ ଅନ୍ୟ ସମ୍ପତ୍ତିର ସୁରକ୍ଷା ନେଇ ଗ୍ୟାରେଣ୍ଟି ଦେଇଛନ୍ତି। ଏହା ମଧ୍ୟରେ ବାଂଲାଦେଶ ସରକାର ହାଦିଙ୍କ ହତ୍ୟାରେ ସାମିଲ ୭ ଜଣଙ୍କୁ ଗିରଫ କରିଛନ୍ତି। ତେବେ ହିଂସା ଆରମ୍ଭ ସମୟରେ ସରକାର ଏହାକୁ ଅଟକାଇବା ପାଇଁ କୌଣସି ପଦକ୍ଷେପ ନେଇ ନଥିଲେ। ସେନା ଏବଂ ପୁଲିସକୁ ଘଟଣାସ୍ଥଳକୁ ପଠାଇ ନ ଥିଲେ ବୋଲି ଜଣାପଡିଛି। କାରଣ ସେ ଫେବୃଆରୀ ୧୨ରେ ହେବାକୁ ଥିବା ନିର୍ବାଚନ ଘୁଞ୍ଚାଇବାକୁ ଚାହୁଁଛନ୍ତି। ଆୱାମୀ ଲିଗ୍‌କୁ ନିଷିଦ୍ଧ କରାଯାଇଥିବାବେଳେ ବିଏନପିକୁ ସେ ସମର୍ଥନ ଦେଉନାହାନ୍ତି। ୟୁନୁସ ଆମେରିକା ଏବଂ ପାକିସ୍ତାନ ସମର୍ଥନରେ ଚିର ଦିନ ପାଇଁ ରାଜ କରିବାକୁ ଚାହୁଁଛନ୍ତି। ତେଣୁ ସେ ଅରାଜକତାକୁ ପ୍ରୋତ୍ସାହନ ଦେଇଥିଲେ।

## ୫ ବର୍ଷରେ କଟିଛି...

ଏହି ଦୁଇଟି ରାଜ୍ୟକୁ ବାଦ୍ ଦେଲେ ଓଡ଼ିଶା, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଓ ରାଜସ୍ଥାନରେ ମଧ ସର୍ବାଧିକ ଜବ କାର୍ଡ ହଟାଯାଇଛି। ଓଡ଼ିଶାରେ ୪୧ ଲକ୍ଷ୬୦ ହଜାର ଜବକାର୍ଡ କଟାଯାଇଥିବା ବେଳେ ମଧ୍ୟପ୍ରଦେଶରେ ୩୨ ଲକ୍ଷ ୭୦ ହଜାର, ପଶ୍ଚିମବଙ୍ଗରେ ୨୪ ଲକ୍ଷ ୨୦ ହଜାର ଓ ରାଜସ୍ଥାନରେ ୧୦.୫ ଲକ୍ଷ ଜବ କାର୍ଡ କଟାଯାଇଛି। କଟାଯିବାର ଏହି ପ୍ରକ୍ରିୟା ନିୟମିତ ଭାବେ କରାଯାଇଥାଏ।

## 'ପ୍ରତୀକ୍ଷା କେନ୍ଦ୍ର'ରେ ତାଲା...

କାକରରେ ଛିଡ଼ା ହେବାକୁ ବାଧ ହେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି ଏମସ୍ ନିକଟ ଡୁମୁଡୁମା ରାସ୍ତା କଡ଼ରେ।

ସୂଚନା ଅନୁସାରେ, ଶ୍ରମିକମାନଙ୍କ ସୁବିଧା ନିମନ୍ତେ ଭୁବନେଶ୍ୱରର ୨ଟି ସ୍ଥାନ ଯଥା ଡୁମୁଡୁମା ଓ କଳ୍ପନାରେ ନିର୍ମାଣ କରାଯାଇଛି 'ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର'। ବିଡିଏ ପକ୍ଷରୁ ନିର୍ମାଣ କରାଯାଇଥିବା ଏହି ପ୍ରତୀକ୍ଷା କେନ୍ଦ୍ର ବିଏମସିକୁ ହସ୍ତାନ୍ତରିତ କରାଯାଇଛି। ଏହି ଦୁଇଟି କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ଶ୍ରମିକ ଦିବସରେ ଉଦ୍‌ଘାଟନ କରିଥିଲେ। ଶ୍ରମଜୀବୀମାନଙ୍କ ଗାରିମା ବୃଦ୍ଧିରେ ସହାୟକ ହେବା ଉଦ୍ଦେଶ୍ୟରେ ନିର୍ମିତ ଡୁମଡୁମାସ୍ଥିତ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରାଯିବାର ପ୍ରାୟ ୭ମାସ ବିତିଯାଇଥିଲେ ମଧ ଏଯାଏ ତାହା ଶ୍ରମିକଙ୍କ କାମରେ ଲାଗିପାରିଲା ନାହିଁ। କାରଣ ଉଦ୍‌ଘାଟନ ଦିନରୁ ଏଠାରେ ତାଲା ଝୁଲୁଛି। ପୂର୍ବଭଳି ସକାଳୁ ସକାଳୁ ରାସ୍ତାରେ ଭିଡ଼ ଜମୁଛି। ତେବେ ପ୍ରାୟ ୧ କୋଟି ଟଙ୍କା ବ୍ୟବୟରେ ନିର୍ମିତ ଏହି କେନ୍ଦ୍ରରେ ଶ୍ରମଜୀବୀମାନଙ୍କ ପାଇଁ ସାମୟିକ ଆଶ୍ରୟସ୍ଥଳୀ ସୁବିଧା ରହିଛି। ଯେଉଁଠି ଉଭୟ ମହିଳା ଓ ପୁରୁଷ ପ୍ରାୟ ୪ଶହରୁ ଉଦ୍ଧ୍ୱର୍ ଶ୍ରମଜୀବୀମାନେ ଆଶ୍ରୟ ନେଇପାରିବେ। ସେହିପରି କେନ୍ଦ୍ର ପରିସରରେ ଏକ ଦୋକାନ ଘର ରହିଛି, ଯେଉଁଠାରେ ଚା, ପାନ, ଜଳଖିଆ ଆଦି ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଉପଲବ୍ଧ ସମେତ ପାନୀୟ ଜଳ, ଶୌଚାଳୟ ଏବଂ ପାର୍କର ମଧ ସୁବିଧା ରହିଛି। ହେଲେ ଏଯାଏ ତାହା କାର୍ଯ୍ୟକାରୀ ହେଉନଥିବାରୁ ସ୍ଥାନୀୟ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ୱାର୍ଡର କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ କହିଛନ୍ତି, ଏହି କେନ୍ଦ୍ରରେ ରହିଥିବା ଶୌଚାଳୟର ସଫାସୁତୁରା ଓ ପରିଚାଳନା ଠିକ୍ ଭାବେ କରାଯିବା ଜରୁରୀ ହୋଇଥିବା ବେଳେ ଏଥିପାଇଁ କାହାରିକୁ ନିଯୁକ୍ତି କରାଯାଇନାହିଁ। ସେହିପରି ପାର୍କର ଦାୟିତ୍ୱ ଏବଂ କେନ୍ଦ୍ର ସୁରକ୍ଷା ନିମନ୍ତେ ସୁରକ୍ଷାକର୍ମୀଙ୍କୁ ନିଯୁକ୍ତି କରାଯିବା ପରେ ଏହାକ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ଏକ ଘରୋଇ ସଂସ୍ଥାକୁ କାର୍ଯ୍ୟ ହସ୍ତାନ୍ତର କରାଯାଇଛି। ଖୁବଶିଘ୍ର ଉକ୍ତ ସଂସ୍ଥା ନିଯୁକ୍ତି କରିବାକୁ ଆଲୋଚନା ହୋଇଛି। ଏହାପରେ ସପ୍ତାହେ କି ୨ସପ୍ତାହ ମଧ୍ୟରେ ଏହି କେନ୍ଦ୍ର ଖୋଲାଯାଇ ବ୍ୟବହାର କରାଯିବ। ପ୍ରତିଦିନ ସକାଳ ୬ଟାରୁ ସନ୍ଧ୍ୟା ୫ଟା ଯାଏ ଏହି କେନ୍ଦ୍ର ଖୋଲା ରହିବ ବୋଲି ସୂଚନା ରହିଛି।

ସେହିପରି କଳ୍ପନାରେ ନିର୍ମିତ ଏହି ପ୍ରତୀକ୍ଷା କେନ୍ଦ୍ର ଯଦିଓ ଖୋଲା ରହିଛି କିନ୍ତୁ ଏହାକୁ ସଠିକ୍ ଭାବେ ପରିଚାଳନା କରାଯାଉନଥିବା ଅଭିଯୋଗ ହୋଇଛି। ଏଠାରେ କେହି ସୁରକ୍ଷାକର୍ମୀ ନଥିବାରୁ ସନ୍ଧ୍ୟା ହେଲେ ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର ପାଲଟୁଛି ନିଶାଡିଙ୍କ ଆଡ୍ଡାସ୍ଥଳୀ। ତେଣୁ ଯଥାଶିଘ୍ର ବିଏମସି ଏହାର ପରିଚାଳନା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସ୍ଥାନୀୟ ଶ୍ରମିକମାନେ ନିବେଦନ କରିଛନ୍ତି।

## ଦାଦନଗଡ଼ରେ ଶ୍ରମିକଙ୍କ...

କେରଳରେ ୨ଜଣ, ତାମିଲନାଡୁରେ ୬ ଓ ଆନ୍ଧ୍ର ପ୍ରଦେଶରେ ୭ଜଣ ଶ୍ରମିକ ନିଜ ଜୀବନ ହାରିଥିବା ଅତିରିକ୍ତ ଶ୍ରମ ଅଧିକାରୀ ଶୁଭଲକ୍ଷ୍ମୀ ବେହେରା ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲ୍ଲାରୁ ଦେଶର ବିଭିନ୍ନ ରାଜ୍ୟକୁ ପ୍ରତିଦିନ ଶହ ଶହ ଶ୍ରମିକ ଚାଲାଣ ହେଉଛନ୍ତି। ଶେରଗଡ଼, ହିଞ୍ଜିଳି, ଭଞ୍ଜନଗର ଓ ଆସିକା ସମେତ ଅନ୍ୟାନ୍ୟ ବ୍ଲକରୁ ଦଲାଲ୍ ମାନେ ବେଧଡ଼କ ଭାବେ ଗୁଜରାଟ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ତାମିଲନାଡୁ ଭଳି ବିଭିନ୍ନ ରାଜ୍ୟକୁ ଯୁବକଯୁବତୀଙ୍କୁ କାମ ଲାଳସା ଦେଖାଇ ନେଉଛନ୍ତି। ଦୁଃଖର ବିଷୟ ହେଉଛି କର୍ମ ସଂସ୍ଥାରେ ନିୟୋଜିତ ପରେ ଶ୍ରମିକଙ୍କୁ କାର୍ଯ୍ୟ କ୍ଷେତ୍ରରେ ଆବଶ୍ୟକ ମୁତାବକ ପ୍ରତିକାରକ ମୂଳକ ପଦକ୍ଷେପ କିମ୍ବା ସ୍ୱାସ୍ଥ୍ୟ ସେବା ଜନିତ ମିଳୁନଥିବାରୁ ଅକାରଣରେ ପ୍ରାଣ ହରାଉଛନ୍ତି। ଫଳରେ କର୍ମ ସନ୍ଧାନରେ ଯାଇ ମର ଶରୀର ଭିଟାମାଟିକୁ ଫେରୁଛି। ଦୁର୍ଭାଗ୍ୟର ବିଷୟ ମୃତ୍ୟୁବରଣ କରିଥିବା ୨୪ଜଣଙ୍କ ମୃତ୍ୟୁ ଶ୍ରମଙ୍କ ମଧ୍ୟରୁ ମାତ୍ର ଜଣେ ଶ୍ରମିକଙ୍କ ଶ୍ରବ କାଡର୍ ରହିଛି। ବିଭିନ୍ନ ସମୟରେ ତୃଣମୂଳ ସ୍ତରରେ ବିଭାଗର ସଚେତନତା ଅଭାବ କାରଣରୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହେଉନଥିବା ସହ ଏହାର ଲାଭ ପାଉପାରୁ ନାହାନ୍ତି। ଅନ୍ୟପକ୍ଷେ ଜିଲ୍ଲାରେ ସଚେତନତା ଅଭାବରୁ ଶ୍ରମିକ ମାନେ ପଞ୍ଜୀକରଣ କରୁନଥିବାରୁ ମୃତ୍ୟୁକାଳୀନ ସହାୟତା ରାଶି ମଧ ମିଳିପାରୁନାହିଁ। ଶ୍ରମିକ ମାନଙ୍କୁ ଚାଲାଣ କରୁଥିବା ପଞ୍ଜୀକୃତ ଦଲାଲଙ୍କ ସୂଚୀ ବିଭାଗ ପାଖରେ ଉପଲବ୍ଧ ନାହିଁ। ଯଦ୍ୱାରା ଜିଲ୍ଲର କେଉଁ ପଞ୍ଚାୟତରୁ କେତେ ଲୋକ ଦାନ ଖଟିବାକୁ କେଉଁ କେଉଁ ରାଜ୍ୟକୁ ଯାଉଛନ୍ତି ତାହାର ହିସାବ ରହୁନି। ଏହା ଦ୍ୱାରା ଦିନକୁ ଦିନ ଗଞ୍ଜାମ ଜିଲ୍ଲାରେ ଦାଦନ ଦୁଖଃ କମୁନଥିବା ବେଳେ ଶ୍ରମିକଙ୍କ ମୃତ୍ୟୁ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏଥିପ୍ରତି ଶ୍ରବ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଧ୍ୟାନ ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଅପରପକ୍ଷେ ପଞ୍ଜିକୃତରୁ ବାଦ ପଡ଼ିଥିବା ଶ୍ରମିକଙ୍କ ମୃତ୍ୟୁ ହିସାବ ବିଭାଗ ପାଖରେ ରହୁନି। ବର୍ଷକୁ ଶତାଧିକ ଦାଦନଙ୍କ ମୃତ୍ୟୁ ହେଉଥିବା ବେଳେ ସରକାରୀ ସ୍ତରରେ ଏହାର ତଥ୍ୟ ରହୁନଥିବା ପରିତାପର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ୪ ନାବାଳିକାଙ୍କୁ ଅପହରଣ ପରେ ରାଜସ୍ଥାନରେ ବିକ୍ରି ଓ ଦୁଷ୍କର୍ମ ଘଟଣା

# ୨ ଦୋଷୀଙ୍କୁ ଆଜୀବନ, ଜଣକୁ ୭ ବର୍ଷ କାରାଦଣ୍ଡାଦେଶ

ବାରିପଦା,୨୦।୧୨(ସମିସ): ୪ ନାବାଳିକାଙ୍କୁ ଅପହରଣ କରି ରାଜସ୍ଥାନରେ ବିକ୍ରି ଓ ଦୁଷ୍କର୍ମ ଘଟଣାର ରାୟ ପ୍ରକାଶ ପାଇଛି। ବାରିପଦା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ସ୍ପେସାଲ ପୋକସୋ କୋର୍ଟର ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୁଇଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥବା ବେଳେ ଜଣକୁ ୭ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଆଜୀବନ କାରାଦଣ୍ଡାଦେଶ ପାଇଥିବା ଅଭିଯୁକ୍ତଦ୍ୱୟ ହେଲେ ଶରତ ଥାନା ଅଧୀନ କଟୁରିଆ ମାହାରା ସାହିର ଧନେଶ୍ୱର ମୁର୍ମୁ(୨୩) ଓ ପଶ୍ଚିମବଙ୍ଗ ରାଜ୍ୟ ଝାଡ଼ଗ୍ରାମ ଜିଲା ଗୋପିବଲ୍ଲଭପୁର ଥାନା ପଠାଣୀ ଅର୍ମଦା ଗ୍ରାମର ଶ୍ୟାମ ସୁନ୍ଦର ରଣା(୪୩)। ଉଭୟଙ୍କୁ ୩୦ହଜାର ଟଙ୍କା ଜରିମାନା, ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସେହିପରି ଅନ୍ୟ ଅଭିଯୁକ୍ତ ଜଣଙ୍କ ହେଲେ, ରାଜସ୍ଥାନର ବରଦା ଥାନା ଅଧୀନ ବରଣସଦର ଅଞ୍ଚଳର ରାମ ସୁମନ(୨୯)। ତାଙ୍କୁ ୧୦ହଜାର ଟଙ୍କା ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସୂଚନା ମୁତାବକ, ଚଳିତବର୍ଷ ଏପ୍ରିଲ ମାସରେ ପଶ୍ଚିମବଙ୍ଗ ଓ ରାଜସ୍ଥାନର ଦୁଇ ଅଭିଯୁକ୍ତ ଶ୍ୟାମସୁନ୍ଦର ଓ ରାମ ସୁମନ ଶରତ ଥାନା ଅଞ୍ଚଳରୁ ଧନେଶ୍ୱରଙ୍କ ଜରିଆରେ ୪ ନାବାଳିକାଙ୍କୁ କାମ ଯୋଗାଇବା ପାଇଁ ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିଲେ। ନାବାଳିକାଙ୍କ ପରିବାରଲୋକଙ୍କୁ ଅବଗତ ନକରି ଗତ ଏପ୍ରିଲ ୧ରେ ରାଜସ୍ଥାନକୁ ଅପହରଣ କରି ନେଇଯାଇଥିଲେ। ସେଠାରେ ସମସ୍ତ ନାବାଳିକାକୁ ବିକ୍ରି କରି ପୁର୍ନବାର ଧନେଶ୍ୱର ନିଜ ଅଞ୍ଚଳକୁ ଫେରି ଆସିଥିଲା। ନାବାଳିକାମାନଙ୍କ ସହ ପରିବାରଲୋକେ କୌଣସି ସମ୍ପର୍କ ରଖିନପାରିବାରୁ ବହୁ ଖୋଜାଖୋଜି କରିବା ପରେ ଘଟଣା ପଦାକୁ ଆସିଥିଲା। ଏହି ନାବାଳିକାଙ୍କ ମଧ୍ୟରୁ ଜଣଙ୍କୁ ଜବରଦସ୍ତି ବିବାହ କରାଯାଇଥିବା ବେଳେ ଅନ୍ୟମାନଙ୍କ ସହ ବଳାତ୍କାର କରାଯାଇଥିବା ନେଇ ପରିବାରଲୋକଙ୍କ ପକ୍ଷରୁ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତି କରି ପୁଲିସ ପୋକସୋ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରି ସମସ୍ତ ନାବାଳିକାକୁ ଉଦ୍ଧାର ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସମସ୍ତଙ୍କ ବୟାନ ରେକର୍ଡ କରିବା ପରେ ଡାକ୍ତରୀମାଇନା କରିଥିଲା। ୧୭ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟପ୍ରକାଶ କରିଛନ୍ତି। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

■ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧିକୁ ବିରୋଧ

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ, ୨୦।୧୨ (ସମିସ): ବିଧାୟକଙ୍କ ଦରମା ଓ ଭତ୍ତା ଅହେତୁକ ବୃଦ୍ଧି କରାଯିବା ନିଷ୍ପତ୍ତିକୁ ବିରୋଧ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆଇନଜୀବୀ କବିତା ପାତ୍ର ଏହି ମାମଲା ଦାୟର କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ ସରକାରଙ୍କ ଏପରି ନିଷ୍ପତ୍ତିକୁ ନେଇ ରାଜ୍ୟବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରିକି, କିଛି ରାଜନୈତିକ ଦଳ ଓ ବୁଦ୍ଧିଜୀବୀ ମଧ ଏହି ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବି କରିଛନ୍ତି। ଏଣୁ ଏହି ଜନବିରୋଧୀ ନିଷ୍ପତ୍ତି ପ୍ରତ୍ୟାହାର ହେବା ଉଚିତ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ବର୍ଦ୍ଧିତ ଦରମା ଓ ଭତ୍ତା ଦିଆଗଲେ ରାଜ୍ୟ ରାଜକୋଷରୁ ପ୍ରତି ମାସରେ ୫ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେବ। କେତେକ ବିଧାୟକ ମଧ ବର୍ଦ୍ଧିତ ଦରମା ଗ୍ରହଣ କରିବେ ନାହିଁ ବୋଲି ସ୍ପଷ୍ଟ କରିଥିବା ବେଳେ କେଉଁ କାରଣରୁ ବିଧାୟକଙ୍କ ଦରମା ଏତେ ପରିମାଣରେ ବୃଦ୍ଧି କରାଯାଇଛି ବୋଲି ସରକାର ସ୍ପଷ୍ଟ କରିବା ଦରକାର ବୋଲି ଆବେଦନକାରୀ କହିଛନ୍ତି। ଶେଷଥର ପାଇଁ ୨୦୧୭ ମସିହାରେ ବିଧାୟକଙ୍କ ଦରମା ସଂଶୋଧିତ ହୋଇଥିଲା। ମାସିକ ପାଖାପାଖି ଏକ ଲକ୍ଷ ଟଙ୍କା ପାଉଥିବା ବିଧାୟକ ଏବେ ସଂଶୋଧନ ପରେ ମୋଟ୍ ୩.୪୫ଲକ୍ଷ ଟଙ୍କା ପାଇବେ ବୋଲି ଜଣାପଡ଼ିଛି।


**OFFICE OF THE DIVISIONAL FOREST OFFICER, ATHMALLIK FOREST DIVISION.**

MM-404

**AT/PO: ATHMALLIK, DIST-ANGUL-759125.**

E-mail: dfoathmallikt@gmail.com Mob: +91 9437004236.

Letter No. 5966/1F Section/ (55/2025-26) / Dt. 17. Dec., 2025

**INVITATION FOR BIDS (IFB)**

**E- Procurement Bid Identification No. DFO(ALK)-FE & CC-02/2025-26**

1. The Divisional Forest Officer, Athmallik, Odisha on behalf of Governor of Odisha, invites percentage rate in Single cover system in ONLINE MODE only, for the work **Construction of staff barrack at Ghodagadi under Madhapur Range.**
2. Nature of Work : Building Works
3. Class of Contractor : C&D Class
4. Estimated Cost : **1504726.00**
5. Completion Period : 2.5 Calendar Months
6. Availability of Bid Documents : 22.12.2025 (11.00 AM) to 04.01.2026(05.00 PM)
7. Last Date for Receipt of Bids : 04.01.2026 up to 05.00 PM
8. Opening of Bids : 05.01.2026 at 11:30 AM

Furter details can be seen from the e-Procurement portal www.tendersodisha.gov.in. The Addendum/ Corrigendum/Cancellation of tender, if any, will be hosted on the website only.

Sd/-
Divisional Forest Officer
Athmallik Forest Division

OIPR-08125/11/0025/2526



**INTEGRATED TRIBAL DEVELOPMENT AGENCY, KORAPUT, DIST: KORAPUT (GOVT. OF ODISHA)**

**TENDER CALL NOTICE**

CAD-2784

**Bid Identification No: PA (ITDA) -KPT- 06/25-26**

**Letter No: 4173 /Dated: 19/12/2025**

| SI. No. | Particulars | Date | Time |
|---|---|---|---|
| 01 | Dale of Publication | 19.12.2025 | 10.00 AM |
| 02 | Last date for receipt of Hard Copies to this office (Through Registered Post / Speed Post). | 03.01.2026 | 5.30 PM |
| 03 | Date of Opening of Bid & Finalization / Selection of Bidder | 06.01.2026 | 11.00 AM |

1. The Project Administrator, ITDA, KORAPUT on behalf of Governor of Odisha invites Percentage rate tenders under I.T.D.A Koraput from the eligible class "B", "C" & "D" contractors and must submit experience certificate of the same failing which bid will be rejected.
2. The Tender Paper can be purchased online from tendersodisha.gov.in from I.T.D.A Koraput.
3. The Bidder or Authorize representative must attend this Office on 06.01.2026 as the Bid will be finalize on the same day.
4. The undersigned reserves all the right to reject / cancel any or all of the Bids without assigning any reason thereof.

Project Administrator
I.T.D.A., Koraput

OIPR-19271/11/0006/2526



**THE ORISSA MINERALS DEVELOPMENT COMPANY LTD.**

(A Government of India Enterprise)
CIN: L51430OR1918GOI034390
Regd. Office: Ground Floor, SAIL Building, Plot-271, Bidyut Marg, Unit-IV, Shastri Nagar, Bhubaneswar, Khordha, Odisha, India-751001
Email: info.birdgroup@birdgroup.co.in, Website: www.birdgroup.co.in

**STATEMENT OF UNAUDITED STANDALONE FINANCIAL RESULTS FOR THE HALF YEAR ENDED 30th SEP'2025 - IND-AS COMPLIANT**

(Rs.in Lakhs)

| SL. NO. | PARTICULARS | Half Year Ended | | Year Ended |
|---|---|---|---|---|
| | | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) |
| 1 | Total Income from Operation / Other Income | 4,744.05 | 3,858.04 | 7,100.17 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 47.96 | (88.63) | (4,840.40) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 47.96 | (88.63) | (4,840.40) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 47.96 | (88.63) | (4,840.40) |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | 35.49 | (128.68) | (4,022.39) |
| 6 | Paid up Equity Share Capital | 60.00 | 60.00 | 60.00 |
| 7 | Reserves (Excluding revaluation reserve) as shown in the audited balance sheet of the previsous year | (5,182.31) | (1,262.60) | (5,217.81) |
| 8 | Net Worth | (5,122.31) | (1,202.60) | (5,157.81) |
| 9 | Earning per share (of Re. 1/-each) (for continuing and discontinued operations):- | | | |
| | 1. Basic: | 0.59 | (2.14) | (67.04) |
| | 2. Diluted | 0.59 | (2.14) | (67.04) |

1. The above results of the Company were approved by the Board of Directors at their respective meetings held on 19th December'2025.
2. The above is the extract of the detail format of Annual Financial Result filed with the Stock Exchange under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full Format of the Annual Financial Results are available on the Company's Website: www.birdgroup.co.in, the NSE (www.nseindia.com), the BSE (www.bseindia.com) and the CSE (www.cse-india.com).

Place: Bhubaneswar
Date: 19th December'2025

For and on behalf of the Board of Director
Sd/-
(Vasudha Chandra Suratkal)
Managing Director



**AFFIDAVIT**

I, Dasarath Aditya Murmu, aged about 37 years, S/o- Surai Majhi, resident of Balaram Bihar, Jubuli Town, Dhenkanal Sadar, Po- Dhenkanal, Ps- Dhenkanal, Dist- dhenkanal, Odisha, Pin- 759001, declare by this affidavit No. 2571, dtd- 20/12/2025, that now onwards I shall be known as **ADITYA MAJHI** for all future purposes.

**AFFIDAVIT**

I, Surai Murmu, aged about 74 years, S/o- Dasa Mathi, resident of Balaram Bihar, Jubuli Town, Dhenkanal Sadar, Po- Dhenkanal, Ps- Dhenkanal, Dist- Dhenkanal, Odisha, Pin- 759001, declare by this affidavit No. 2572, dtd- 20/12/2025, that now onwards I shall be known as **SURAI MAJHI** for all future purposes.

**AFFIDAVIT**

By virtue of an affidavit No.2533 before the Executive Magistrate, Sukinda, Jajpur, dtd. 11.09.2025. I, CHANCHALA MOHANTA, W/o- Budhiram Mohanta, of Vill- Sansailo Tata Colony, P.O. Sansailo, P.S. Sukinda, Dist.- Jajpur declare that my correct name is CHANCHALA MOHANTA & DOB is 01.04.1964 but in my Aadhar card bearing no. 578276803340 it is mentioned as CHANCHAKLA MOHANTA and DOB 01.01.1943. Henceforth, **CHANCHALA MOHANTA, DOB: 01.04.1964** shall be treated as correct for all purposes.

**AFFIDAVIT**

By virtue of an affidavit sworn before the Notary Public, Sonepur, dtd.15.12.2025, I, Dwitikrushna Badamali, At- Kadodar, P.O. Kadodar, P.S. Birmaharajpur, Dist. Subarnapur hereby declare that I have changed my name from Ditikrushna Badamali to Dwitikrushna Badamali. Henceforth I shall be known as **Dwitikrushna Badamali** for all purposes.

**Sd/- Dwitikrushna Badamali**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, vide no 1266, dated 19.12.2025 I, BALMATI MUDULI, W/o - Binod Muduli , Residences of Village - Charamula, Po- Charamula, Ps- Tentulikhunti, Dist - Nabarangpur, Odisha, Pin - 764070, declare that I have changed the name of my Daughter from RASAMATI MUDULI to ANJANA MUDULI. Henceforth, she shall be known as **ANJANA MUDULI** for all purposes.

**Sd/- Balmati Muduli**

**AFFIDAVIT**

By virtue of an Affidavit before the Court of the Executive Magistrate, Angul, **I, Reeta Behera,** W/o.: Ghadisen Behera, resident of At/PO.: Natada, PS: Angul Sadar, Dist.: Angul, Odisha-759123, declare by this Affidavit No.: 6239, Dated: 20.12.2025 that I have changed my name from **Rupa Behera** to **Reeta Behera**. Henceforth I shall be known as **Reeta Behera** for all future purposes.

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

*Campus:*
262, Puranpadhan, Balakati, Bhubaneswar

Mob. 7019799641, 7978608747 9853801459

Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**

By virtue of an affidavit sworn before the Notary Public, Sonepur, dtd.20.12.2025, I, SUCHITRA MAHAKUD, At- Sindurpuri, P.O. Khakata, P.S. Manamunda, Dist. Boudh hereby declare that my correct name is SUCHITRA MAHAKUD. but in my Voter Card It is mentioned as LIPSARANI MAHAKUD. That both the name s are refer to same and one person i.e. myself. Henceforth I shall be known as **SUCHITRA MAHAKUD** for all purposes.

**Sd/- SUCHITRA MAHAKUD**

**AFFIDAVIT**

By virtue of an Affidavit sworn before the Executive Magistrate, Bhubaneswar dated 15/12/2025. I, Sasmi Rekha Mohapatra, W/O. Sunil Kumar Panda, R/o. Plot No.249/2439, Barabari, Jagamara, Ps- Khandagiri, BBSR-751030, Dist- Khordna, Odisha, declare by this affidavit. that, now onwards I shall be known as **'Sashmirekha Mohapatra'** for all future purposes

**AFFIDAVIT**

By virtue of an affidavit sworn before the Notary Public, Sonepur, dtd.19.12.2025, I, JANGYASINI BAGH, At- Bankbija, P.O. S. Kalapathar, P.S. Sonepur, Dist. Subarnapur hereby declare that my correct name is JANGYASINI BAGH and DOB is 17.06.1989. It is clarified that the name JAINASENI BAGH and date of birth 01.01.1988 appearing in my Aadhaar Card pertain to myself only due to clerical error. Henceforth, **JANGYASINI BAGH (DOB: 17.06.1989)** shall be treated as correct for all purposes.

**AFFIDAVIT**

By virtue of an affidavit (CF No. 01, dtd- 20/12/2025) sworn before the Executive Magistrate, Padampur. I, **Abhikesh Chhatar,** S/o- Phulkumar Chhatar, permanent & current resident of AT- Angul, PO- Dava, Dist- Bargarh, PIN- 768042, Odisha declare that I have changed my name from **Abhisek Chhatar to Abhikesh Chhatar.** Henceforth, I shall be known as **Abhikesh Chhatar** (new name) for all purposes.

**Abhikesh Chhatar**

**LOST**

I, **Saroj Kumar Sahu,** S/o- Jagadananda Sahu, resident of Vill/PO: Purena, PS/Teh: Padampur, Dist: Bargarh, Odisha do hereby declare that, the original Regd. Sale Deed bearing No. 10171401541 dtd- 31.07.2014 & the original patta of M.S.R.O.R Khata No. 152/339 (Issue dtd. 23.09.2021) Mouza- Purena, PS- Padampur, Dist: Bargarh has been lost somewhere while I was going from my house at Purena to Padampur on dt. 29/10/2025. If anyone finds it kindly contact to my address. If anyone will misutilize it, we will not be responsible for it.

**Saroj Kumar Sahu**

**AFFIDAVIT**

By virtue of an affidavit (CF No. 41) sworn before The Notary Public, Jharsuguda dated- 03/12/2025. I, **Sudish Sah,** S/o- Mahesh Sah, resident of Near Durga Mandir, Beheramal, P.O. Industrial Estate, Jharsuguda, Odisha, do hereby declare that my name has been wrongly mentioned as **Sudishta Sah** in the Aadhaar Card and PAN Card of my son, **Chunnu Kumar.** I clarify that **Sudish Sah, Sudisti Sah** and **Sudishta Sah** all refer to one and the same.

**LOST**

By virtue of an affidavit sworn before the Notary, Angul, dtd- 19.12.2025, I, **Koushal Kishorre Agrawalla,** 55 years, S/o- Late Bipin Kumar Agrawalla, resident of Vill- Shanti Bazar, Angul Town, Po/Ps/Dist- Angul, PIN- 759122, Odisha declare that vide Khata No. 151, Plot No.1383, Area Ac.0.26 dec, Kissam Sarad-I of Mouza Hulurisingha. The registered Sale Deed bearing No. 10011502681 has been lost. I shall not be held responsible for any misuse of the same.

**Koushal Kishorre Agrawalla**

**ହଜିଛି**

ମୁଁ, ବିଭୁତି ଭୁଷଣ ସାହୁ, ପିତା: ୰ ଗୌରାଙ୍ଗ ସାହୁ, ବାସସ୍ଥାନ: ସତଲମା, ଥାନା: ବରପାଲି, ଜିଲ୍ଲା: ବରଗଡ, ବୟସ: ୬୩ ବର୍ଷ, ଏତଦ୍ୱାରା ଶପଥପାଠ ମାଧ୍ୟମରେ ଘୋଷଣା କରୁଅଛି କି, ମୋ ପରିବାରର ମୂଳ "ପଟ୍ଟା" ଦର୍ଶିତ ମୌଜା: ସତଲମା, ତହସିଲ: ବରପାଲି, ଖାତା ନଂ.: ୧୨୫, କ୍ଷେତ୍ର: ଏକର ୫.୭୫ ଡିସିମିଲି, ବରପାଲି ଠାରେ ତା.୧୬.୧୨.୨୦୨୫ରିଖରେ କେଉଁଠାରେ ହଜି ଯାଇଛି। କଥିତ ଦଲିଲ୍‌କୁ ମୁଁ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରି ନାହିଁ। ଯଦି ଭବିଷ୍ୟତରେ ମୁଁ ଏହାକୁ ପାଏ, ତାହାକୁ ବ୍ୟାଙ୍କ ଅଫ୍ ବରୋଦା ବରପାଲିରେ ଜମା ଦେବି। ଯଦି କୌଣସି ବ୍ୟକ୍ତି ଏହି ଦଲିଲ୍ ପାଆନ୍ତି ତେବେ ନିମ୍ନଲିଖିତ ଆଇନଗତ ଉତ୍ତରାଧିକାରୀଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ। (୧) ବିଭୁତି ଭୁଷଣ ସାହୁ: ୯୮୬୧୪୨୭୯୧୦, (୨) ସୁଧିର କୁମାର ସାହୁ: ୯୯୩୮୭୨୯୪୬୫, (୩) ବିବେକାନନ୍ଦ ସାହୁ: ୯୯୩୭୪୩୭୩୨୨

# ଅଭିଯୁକ୍ତଙ୍କୁ ପାସ୍‌ପୋର୍ଟ ପ୍ରଦାନ କ୍ଷେତ୍ରରେ ସମ୍ପୂର୍ଣ୍ଣ ଆଇନଗତ ପ୍ରତିବନ୍ଧକ ନାହିଁ: ହାଇକୋର୍ଟ

କଟକ, ୨୦ ।୧୨ (ସମିସ): ଫୌଜଦାରୀ ମାମଲା ବିଚାରାଧୀନ ଥିବା କାରଣରୁ ପାସ୍‌ପୋର୍ଟ ଜାରି ଏବଂ ନବୀକରଣ କ୍ଷେତ୍ରରେ ସମ୍ପୂର୍ଣ୍ଣ ଆଇନଗତ ପ୍ରତିବନ୍ଧକ ନାହିଁ ବୋଲି ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ଭଦ୍ରକ ସାମ୍ପ୍ରଦାୟିକ ହିଂସା ଘଟଣାରେ ଜନୈକ ଅଭିଯୁକ୍ତଙ୍କୁ ହଜ୍ ଯାତ୍ରା ପାଇଁ ପାସ୍‌ପୋର୍ଟ ପ୍ରଦାନ ନିମନ୍ତେ ଆବଶ୍ୟକ ଏନ୍‌ଓସି ପ୍ରଦାନ କରିବାକୁ ନିମ୍ନ ଅଦାଲତଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ । ଶେଖ୍ ତାଜଉଦ୍ଦିନଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଭଦ୍ରକ ଜେଏମ୍‌ଏଫ୍‌ସି-୧ଙ୍କ ଦ୍ୱାରା ଗତ ମାର୍ଚ୍ଚ ୬ ତାରିଖର ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି । ଆବେଦନକାରୀ ସାଉଦିଆରବକୁ ହଜ୍ ଯାତ୍ରା ପାଇଁ ଯିବା ନିମନ୍ତେ ପାସ୍‌ପୋର୍ଟ ପାଇଁ ଆବଶ୍ୟକ ପଡୁଥିବା ଏନ୍‌ଓସିକୁ ଏକ ବର୍ଷ ଅବଧି ପାଇଁ ପ୍ରଦାନ କରାଯିବ ଏବଂ ଏଥିପାଇଁ ନିମ୍ନ ଅଦାଲତ ମଧ୍ୟ ସିକ୍ୟୁରିଟି ଆକାରରେ ଆବଶ୍ୟକ ସମ୍ପତ୍ତି ଜମା ପାଇଁ ସର୍ତ୍ତ ରଖିବେ ବୋଲି ଅଦାଲତ କହିଛନ୍ତି । କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ ଫୌଜଦାରୀ ମାମଲାରେ ଅଭିଯୁକ୍ତଙ୍କୁ ପାସପୋର୍ଟ ପ୍ରଦାନ ପୂର୍ବରୁ ସମ୍ପୃକ୍ତ ନିମ୍ନ ଅଦାଲତ ଆବଶ୍ୟକ ଏନ୍‌ଓସି/କ୍ଲିଅରାନ୍ସ ପ୍ରମାଣପତ୍ର ପ୍ରଦାନ କରିବେ । ପ୍ରକାଶଥାଉକି, ୨୦୧୭ ମସିହାରେ ଭଦ୍ରକ ସାମ୍ପ୍ରଦାୟିକ ହିଂସା ଘଟଣାରେ ଆବେଦନକାରୀଙ୍କ ନାମରେ ଦୋକାନ ଭଙ୍ଗାରୁଜା, ପୋଡ଼ାଜଳା ଅଭିଯୋଗ ଥିଲା । ଏହି ମାମଲା ବିଚାରାଧୀନ ଥିବା ବେଳେ ସେ ହଜ୍ ଯାତ୍ରା ପାଇଁ ପାସ୍‌ପୋର୍ଟ ନିମନ୍ତେ ଆବେଦନ କରିଥିବା ବେଳେ ତାଙ୍କୁ ନିମ୍ନ ଅଦାଲତରେ ଏନ୍‌ଓସି ଆଣିବାକୁ କୁହାଯାଇଥିଲା । ସେ ଏଥିପାଇଁ ଆବେଦନ କରିଥିଲେ ସୁଦ୍ଧା ନିମ୍ନ ଅଦାଲତ ଗତ ୨୦୨୫ ମାର୍ଚ୍ଚ ୬ରେ ଖାରଜ କରିଦେଇଥିଲେ । ଏହାକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

● ଭଦ୍ରକ ସାମ୍ପ୍ରଦାୟିକ ହିଂସା ଅଭିଯୁକ୍ତଙ୍କୁ ଆବଶ୍ୟକ ଏନଓସି ପ୍ରଦାନ ନିର୍ଦ୍ଦେଶ

### ଜମିଜମା ବିବାଦକୁ ନେଇ ସାନଭାଇ ଜାଳିଦେଲା ୨ ବଡ଼ଭାଇଙ୍କ ଘର

# ଏସ୍‌ପିଙ୍କୁ ଭେଟିଲେ ବିପନ୍ନ ପରିବାର

ଭଦ୍ରକ,୨୦ ।୧୨(ସମିସ):ଭାଇ ସାଜିଲା ବଇରୀ । ୩ ବଖରା ଘରକୁ ଜାଳି ଦେଇ ୨ ଭାଇଙ୍କୁ ନିରାଶ୍ରୟ କରିଦେଲା ସାନଭାଇ । ଏଭଳି ଅଭାନୀୟ ଘଟଣା ନେଇ ଥାନାରେ ଅଭିଯୋଗ ପରେ କେବଳ ମାମଲା ଦାୟର କରି ଚୁପ ବସିଛି ପୁଲିସ । ଶେଷରେ ନ୍ୟାୟ ଭିକ୍ଷା କରି ଭଦ୍ରକ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ଦୁଇ ବିପନ୍ନ ପରିବାର । ଏପରି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ଭଦ୍ରକ ଜିଲ୍ଲା ତିହିଡି ଥାନା ଫତେପୁର ପଞ୍ଚାୟତ ବିଭୁତିପୁର ଗାଁର ରଞ୍ଜନ ରାଉତ ଓ ଗୌରାଙ୍ଗ ରାଉତ । ସାନବାପାଙ୍କ ପୁଅ ସୁନୀଲ ରାଉତ ଜମିବାଡି ଝଗଡାକୁ କେନ୍ଦ୍ର କରି ଗତ ନଭେମ୍ବର ୨୦ ତାରିଖ ବିଳମ୍ବିତ ରାତିରେ ଉଭୟ ବଡ଼ଭାଇଙ୍କ ଘରକୁ ପୋଡିଦେଇଥିବା ସେମାନେ ଅଭିଯୋଗ କରିଛନ୍ତି । ଏପରିକି ପିଢାରେ ଚଢି ନିଆଁ ଲଗାଉଥିବାବେଳେ ଶବ୍ଦ ଶୁଣି ଉଭୟ ଭାଇ ସୁନୀଲକୁ କାବୁ କରିବାକୁ ଚେଷ୍ଟା କରିଥିବାବେଳେ ରଞ୍ଜନଙ୍କୁ ଏକ ଧରୁଆ ଅସ୍ତ୍ରରେ ଶକ୍ତ ଆଘାତ ଦେଇ ସୁନୀଲ ସେଠାରୁ ଖସି ପଳାଇଥିଲା । ପରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିବାବେଳେ ପୁଲିସ ମାମଲା ମଧ୍ୟ ରୁଜୁ କରିଛି । ମାତ୍ର ଘଟଣାକୁ ମାସେ ବିତିଯାଇଥିଲେ ମଧ୍ୟ ପୁଲିସ ଅଭିଯୁକ୍ତକୁ ଗିରଫ କରୁ ନ ଥିବା ଅଭିଯୋଗ ହୋଇଛି । ଉଭୟ ପରିବାର ଏବେ ନିରାଶ୍ରୟ ହୋଇ ଖୋଲା ଆକାଶ ତଳେ ଦିନ କାଟୁଥିବାବେଳେ ଆଜି ସମସ୍ତ ପରିବାର ସଦସ୍ୟ ଭଦ୍ରକ ଏସପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି ।

# ନଇଛଣପୁର ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ବାସୁଦେବପୁର,୨୦ ।୧୨(ସମିସ): ବାସୁଦେବପୁର ବ୍ଲକ ଆରୁହା ପଞ୍ଚାୟତର ନଇଛଣପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୨ଦିନ ଧରି ଚାଲିଥିବା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦଯାପିତ ହୋଇଛି । ଉଦଯାପନୀ ଉତ୍ସବର ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସୁଧାଂଶୁ ଶେଖର ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଆରୁହା ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ସାହୁ, ପୂର୍ଣ୍ଣଚନ୍ଦ୍ର ପରିଡା, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସ ଯୋଗଦେଇ ଉଦବୋଧନ ଦେଇଥିଲେ । ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଗଗନ ଓଝା, ସମ୍ପାଦକ ହରିଶ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଅପୋଇ ମାଝୀ, ନାରାୟଣ ବେହେରା, ହେମନ୍ତ ପାଣିଗ୍ରାହୀ, ସିଆରସିସି ରାଜେନ୍ଦ୍ର ପାଣିଗ୍ରାହୀଙ୍କ ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଉତ୍ସବକୁ ଅଜୟ ସାହୁ ସଂଯୋଜନା କରିଥିଲେ । କୁନି କୁନି ଶିଶୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ପୁରାତନ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ ।

# ଶ୍ରେଷ୍ଠ ଜନଆରୋଗ୍ୟ ସମିତି ପୁରସ୍କାର ପ୍ରଦାନ

ଅସୁରାଳି,୨୦ ।୧୨(ସମିସ):ଧାମନଗର ବ୍ଲକର ଧୂଷୁରୀ ସ୍ୱାସ୍ଥ୍ୟ ଉପକେନ୍ଦ୍ର-ଆରୋଗ୍ୟ ମନ୍ଦିରର ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଅବଦାନ ଅତୁଳନୀୟ । ସେମାନଙ୍କ ନିଷ୍ଠାପର ସେବା ପାଇଁ ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଶ୍ରେଷ୍ଠ ଜନଆରୋଗ୍ୟ ସମିତି ପୁରସ୍କାର(୨୦୨୫-୨୬) ପ୍ରଦାନ କରାଯାଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ ଉକ୍ତ ପୁରସ୍କାରକୁ ଧୂଷୁରୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସବ୍ୟସାଚୀ ରାଉତ, ସ୍ୱାସ୍ଥ୍ୟକର୍ମୀ କାମିନୀରାଣୀ ମାଝୀ ଓ ତାପସ ମାଝୀଙ୍କୁ ପ୍ରଦାନ କରିଛନ୍ତି । ଏହି ପୁରସ୍କାର ଗ୍ରହଣ କରି ଧୂଷୁରୀ ଉପସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟକର୍ମୀ ଭଦ୍ରକ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ଅବସରରେ ଧୂଷୁରୀ ସରପଞ୍ଚ ତଥା ଧୂଷୁରୀ ଉପସ୍ୱାସ୍ଥ୍ୟକେନ୍ଦ୍ର ଆରୋଗ୍ୟ ମନ୍ଦିରର ସଭାପତି ଅନ୍ତର୍ଯ୍ୟାମୀ ପତି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଧୂଷୁରୀ ଉପସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି । ଆଗକୁ ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ସବ୍ୟସାଚୀ ରାଉତ ଓ ସ୍ୱାସ୍ଥ୍ୟ କର୍ମୀ କାମିନୀରାଣୀ ମାଝୀ ଓ ତାପସ ତରାଇ କହିଛନ୍ତି ।

### ବେସାହାରା ପୋଷ୍ୟଗ୍ରାମ

# ଆଜି ଯୋଜନାକୁ ୯ ବର୍ଷ ପୂରିବ

ବନ୍ତ/ଆଗରପଡ଼ା,୨୦।୧୨(ସମିସ):

୨୦୧୫ରେ ଗ୍ରାମାଞ୍ଚଳର ବିକାଶ ସକାଶେ ପ୍ରଧାନମନ୍ତ୍ରୀ ଆରମ୍ଭ କରିଥିଲେ ସାଂସଦଙ୍କ ପୋଷ୍ୟଗ୍ରାମ ଗ୍ରହଣ ଯୋଜନା । ଦେଶର ସାଂସଦଙ୍କୁ ପର୍ଯ୍ୟାୟକ୍ରମେ ନିଜ ଅଞ୍ଚଳରେ ଥିବା ଗୋଟିଏ ଗୋଟିଏ ପଞ୍ଚାୟତକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରି ଏହାର ସାମଗ୍ରୀକ ବିକାଶ ପ୍ରତି ଧ୍ୟାନ ଦେବାକୁ କୁହାଯାଇଥିଲା । ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣାକୁ ଆଧାର କରି ତତ୍କାଳୀନ ଭଦ୍ରକ ସାଂସଦ ସ୍ୱର୍ଗତ ଅର୍ଜ୍ଜୁନ ଚରଣ ସେଠୀ ବନ୍ତ ବ୍ଲକ ପୁରୁଷଣ୍ଡ ପଞ୍ଚାୟତକୁ ପ୍ରଥମ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରିଥିଲେ । ଗ୍ରାମର ବିକାଶ ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରି ନିଜ ହାତ ପାଣ୍ଠିରୁ ଅର୍ଥ ମଧ୍ୟ ମଞ୍ଜୁର କରିଥିଲେ । ଉକ୍ତ ଯୋଜନା ମଧ୍ୟରୁ ପୋଷ୍ୟଗ୍ରାମ ଆଲୋକୀକରଣ ଯୋଜନା ଅନ୍ୟତମ । ୨୦୧୬ ଡିସେମ୍ବର ୨୧ ତାରିଖରେ ସାଂସଦଙ୍କ ହାତପାଣ୍ଠି ଅର୍ଥରେ ଲୋକାର୍ପିତ ହୋଇଥିଲା ପୋଷ୍ୟଗ୍ରାମ ଆଲୋକୀକରଣ ଯୋଜନା । ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୯୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୫୩ଟି ଆଲୋକ ସ୍ତମ୍ଭ ଲୋକାର୍ପଣ କରାଯାଇଥିଲା । ଇତିମଧ୍ୟରେ ଉକ୍ତ ଯୋଜନାକୁ ଆସନ୍ତାକାଲି ୯ ବର୍ଷ ପୂରିବ । ତେବେ ରକ୍ଷଣାବେକ୍ଷଣ ଅଭାବରୁ ଧିରେ ଧିରେ ଏହି ଆଲୋକ ସ୍ତମ୍ଭରୁ ହାତଗଣତି କିଛି ସ୍ତମ୍ଭକୁ ଛାଡ଼ି ଦେଲେ ଅନ୍ୟ ସବୁ ସ୍ତମ୍ଭ ଅକାମି ହୋଇପଡ଼ିଥିଲା । ଅନ୍ଧାରରେ ବୁଡ଼ି ରହିଥିବା ସାଂସଦଙ୍କ ପୋଷ୍ୟଗ୍ରାମ ପୁରୁଷଣ୍ଡ ଆଲୋକ ଖୋଜିବାରେ ଲାଗିଥିବାବେଳେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପ୍ରଚେଷ୍ଟାରେ ନିଜସ୍ୱ ପାଣ୍ଠିରୁ ୨୦୨୧-୨୦୨୨ ଆର୍ଥିକ ବର୍ଷରେ ମହତାବ ଛକଠାରୁ କୁପାରୀ ରାସ୍ତା ପର୍ଯ୍ୟନ୍ତ ୬ ଲକ୍ଷ, ସିଟି ସ୍କୁଲଠାରୁ କେସିଭିଏମ ହାଇସ୍କୁଲ ପର୍ଯ୍ୟନ୍ତ ସାଢେ ୬ ଲକ୍ଷ ଓ କେସିଭିଏମ ହାଇସ୍କୁଲଠାରୁ କୁପାରୀ ଛକ ପର୍ଯ୍ୟନ୍ତ ସାଢେ ୬ ଲକ୍ଷ ଟଙ୍କା ଏପରି ୧୯ ଲକ୍ଷ ଟଙ୍କା ଖର୍ଚ୍ଚରେ ଆଲୋକୀକରଣର ବ୍ୟବସ୍ଥା କରାଯାଇଥିଲା ।




ଗତବର୍ଷ ୨୦୨୩ ଜାନୁଆରୀ ୧୭ ତାରିଖରେ ଏହାର ଶୁଭାରମ୍ଭ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଉପସ୍ଥିତିରେ ହୋଇଥିଲା । ଉକ୍ତ ବ୍ୟବସ୍ଥାକୁ ୩ ବର୍ଷ ପୂରିବାକୁ ବସିଥିବାବେଳେ ବହୁ ସ୍ଥାନରେ ଏହାର ବ୍ୟବସ୍ଥା କରାଯାଇନାହିଁ । ଅନେକ ସ୍ଥାନରେ ଲାଗିଥିବା ଆଲୋକ ସ୍ତମ୍ଭ ଅକାମୀ ହେବାକୁ ବସିଲାଣି । ତେଣୁ ସ୍ୱର୍ଗତ ସାଂସଦଙ୍କ ପାଣ୍ଠିରୁ ୯୦ଲକ୍ଷ ବ୍ୟୟ ଅଟକଳରେ ଲୋକାର୍ପିତ ଆଲୋକ ସ୍ତମ୍ଭ ଓ ପୋଷ୍ୟଗ୍ରାମ ଆଲୋକୀକରଣ ଯୋଜନା ସଂପୂର୍ଣ୍ଣ ରୂପେ ଫେଲ ମାରିଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଅଣଦେଖାରୁ ପୂର୍ବତନ ବିଧାୟକଙ୍କ ପାଣ୍ଠିରୁ ୧୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆଲୋକୀକରଣ ବ୍ୟବସ୍ଥା ମଧ୍ୟ ଫେଲ ମାରିଛି । ତେଣୁ ଏକ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଆଲୋକୀକରଣ ଯୋଜନାକୁ ପ୍ରହସନରେ ପରିଣତ ନ କରି ବିଭାଗୀୟ ଅଧିକାରୀ ଏହାର ସଫଳ ରୂପାୟନ ପ୍ରତି ଚେଷ୍ଟିତ ହେବାକୁ ପଞ୍ଚାୟତବାସୀଙ୍କ ସମେତ ବିଭିନ୍ନ ମହଲରୁ ଦାବି ହେଉଛି ।

**ଅନ୍ଧାର ଭିତରେ ଆଲୋକ ଖୋଜୁଛି ଆଲୋକୀକରଣ ଯୋଜନା**

### ସେମାନେ ଯାହା କୁହନ୍ତି



ଆଲୋକୀକରଣ ଯୋଜନାରେ ଅକାମୀ ହୋଇପଡ଼ିଥିବା ଆଲୋକ ସ୍ତମ୍ଭର ମରାମତି ପାଇଁ ପଞ୍ଚାୟତକୁ କୌଣସି ଦାୟିତ୍ୱ ପ୍ରଦାନ କରାଯାଇନାହିଁ । କେବଳ ବିଦ୍ୟୁତ୍ ବିଲ ପୈଠ ପାଇଁ ନିର୍ଦ୍ଦେଶ ଅଛି । ଯଦି କେବେ ଏହାର ମରାମତି ପାଇଁ ବିଡିଓ କିମ୍ବା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପକ୍ଷରୁ ନିର୍ଦ୍ଦେଶ ଆସେ, ତେବେ ତାକୁ ଆମେ ପାଳନ କରିବୁ ।

**ବୀରକିଶୋର ନାୟକ,** ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ପୁରୁଷଣ୍ଡ



ଅନ୍ଧାରରେ ବୁଡ଼ିରହିଥିବା ସାଂସଦଙ୍କ ପୋଷ୍ୟଗ୍ରାମ ପୁରୁଷଣ୍ଡ ଆଲୋକ ଖୋଜୁଛି ସତ, ଏହାର ମରାମତିରେ ପଞ୍ଚାୟତର କୋ÷ଣସି ଭୂମିକା ନାହିଁ । ଉକ୍ତ ଯୋଜନାରେ ନିଜକୁ ନିୟୋଜିତ କରିଥିବା ସଂସ୍ଥାର ଏହାକୁ ମରାମତି କରିବାର ଭୂମିକା ରହିଥିବାବେଳେ ଉକ୍ତ ସଂସ୍ଥା ଏଥିରୁ ନିବୃତ୍ତ ରହୁଛି । ବିଡିଓ ଏହାର ମରମତି ପାଇଁ ଉକ୍ତ ଯୋଜନାରେ ନିୟୋଜିତ ହୋଇଥିବା ସଂସ୍ଥାକୁ ନିର୍ଦ୍ଦେଶ ଦେଲେ ଉକ୍ତ ଯୋଜନା କାର୍ଯ୍ୟକ୍ଷମ ହୋଇପାରନ୍ତା ।

**ପ୍ରକାଶ ବିଶ୍ୱାଳ,** ସରପଞ୍ଚ, ପୁରୁଷଣ୍ଡ ପଞ୍ଚାୟତ



ଆଗରପଡ଼ା ତିନୋଟି ଜିଲ୍ଲା ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝରର ମଧ୍ୟ ଭାଗରେ ଅବସ୍ଥିତ ହୋଇଥିବାବେଳେ ବ୍ୟବସାୟ ଦୃଷ୍ଟିକୋଣରୁ ଉକ୍ତ ଅଞ୍ଚଳର ଭୂମିକା ଗୁରୁତ୍ୱ ବହନ କରୁଛି । ଏଭଳି ସ୍ଥଳେ ସନ୍ଧ୍ୟା ସମୟରେ ଉକ୍ତ ଅଞ୍ଚଳ ଅନ୍ଧାରରେ ରହୁଛି । ଯାହାକି ଆଲୋକୀକରଣ ଯୋଜନାକୁ ପ୍ରହସନରେ ପରିଣତ କରିଛି । ବଜାର ଅଞ୍ଚଳରେ ଲାଗିଥିବା ଆଲୋକ ସ୍ତମ୍ଭ ସମ୍ପୂର୍ଣ୍ଣ ଅକାମୀ ହୋଇପଡ଼ିଥିବାରୁ ବିଭିନ୍ନ ଦୃଷ୍ଟିକୋଣରୁ ଜନସାଧାରଣ ମଧ୍ୟ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । ତେଣୁ ଜନସାଧାରଣଙ୍କ ସ୍ୱାର୍ଥକୁ ଆଖିରେ ରଖି ପ୍ରଶାସନ ଏହାର ମରାମତି ପାଇଁ ଚେଷ୍ଟିତ ହେବା ନିହାତି ଆବଶ୍ୟକ ।

**ମନ୍ମଥ ଦାସ,** ଯୁବ ସମାଜସେବୀ, ଆଗରପଡ଼ା



ଏକ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଯୋଜନାକୁ ୯ ବର୍ଷ ପୂରିବ । କିନ୍ତୁ ଯୋଜନାର ସଫଳ ରୂପାୟନ ହୋଇ ନ ପାରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି । ସେହିପରି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭାପତି ଓ ବ୍ଲକ ଅଧ୍ୟକ୍ଷ ଆଗରପଡ଼ା ଅଞ୍ଚଳର ବାସିନ୍ଦା ହୋଇଥିବାବେଳେ ଉକ୍ତ ଯୋଜନା ଫେଲ ମାରିବାକୁ ବସିଥିବାରୁ ଏହା ମଧ୍ୟ ଉଭୟଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି । ତେଣୁ ଉଭୟ ଜନପ୍ରତିନିଧି ଫେଲ ମାରିବାକୁ ବସିଥିବା ଯୋଜନାର ପୁନରୁଦ୍ଧାର ପାଇଁ ଚେଷ୍ଟିତ ହେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।

**ବିନୋଦ ଧଳସାମନ୍ତ,** ନିର୍ଦ୍ଦେଶକ, କଳିଙ୍ଗ କମ୍ପ୍ୟୁଟର୍ସ,ଆଗରପଡ଼ା

# ଆଇଟିଆଇ ଚରମ୍ପା ଓ ଅବନ୍ତିକା କଲେଜର ବାର୍ଷିକ ଉତ୍ସବ



ଭଦ୍ରକ,୨୦ ।୧୨(ସମିସ):ଶିକ୍ଷା ମଣିଷକୁ ଶୃଙ୍ଖଳିତ କରିଥାଏ, ଜୀବନକ ସ୍ୱାଚ୍ଛନ୍ଦ୍ୟ ଓ ସାବଲୀଳ ଗତିରେ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇଥାଏ, ବୁଦ୍ଧିର ବିକାଶକୁ ତୀବ୍ରତର କରିଥାଏ ଏବଂ ସମାଜ ତଥା ଜାତିକୁ ଋଦ୍ଧିମନ୍ତ କରି ଗଢ଼ି ତୋଳିବା ସହ ଦେଶ ଓ ଜାତିକୁ ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇ ଥାଏ ବୋଲି ଆଇଟିଆଇ ଚରମ୍ପାର ୩୫ତମ, ଅବନ୍ତିକା ରେସିଡେନ୍‌ସିଆଲ୍ ହାଇହର ସେକେଣ୍ଡାରୀ ସ୍କୁଲର ୧୫ତମ ଓ ଅବନ୍ତିକା ଡିଗ୍ରୀ କଲେଜର ୮ମ ବାର୍ଷିକ ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି ।

ସୂତାର କେମିକାଲ୍‌ର ଅଧ୍ୟକ୍ଷ ଇଂ.ଅଭୟ ସୂତାରଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଶିକ୍ଷା ଓ ଛାତ୍ରଛାତ୍ରୀଙ୍କ ଜ୍ଞାନ ଆହରଣ କରିବାର ପ୍ରକ୍ରିୟା ସମ୍ପର୍କିତ ବିଭିନ୍ନ ଉଦାହରଣ ଦେଇ ଆଗକୁ ଆଗେଇଯିବାର ପଥ ପ୍ରଦର୍ଶନ କରିଥିଲେ । ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମୁଖ୍ୟବକ୍ତା, ଆଡିସନାଲ ଏସ୍‌ପି(ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଅନୁଷ୍ଠାନ ସମୂହର ପ୍ରତିଷ୍ଠାତା ଇଂ. ଅବନ୍ତୀ ମଲ୍ଲିକ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବରିଷ୍ଠ ପ୍ରଶିକ୍ଷକ ଭକ୍ତିପ୍ରିୟ ମିଶ୍ର ଅତିଥିଙ୍କୁ ଆମନ୍ତ୍ରଣ କରିଥିଲେ । ଆଇଟିଆଇ ଚରମ୍ପାର ଅଧ୍ୟକ୍ଷ ପ୍ରବୀଣ ପୃଷ୍ଟି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ, ଅବନ୍ତିକା +୨ କଲେଜର ଅଧ୍ୟକ୍ଷା ଅରୁନ୍ଧତୀ ମହାନ୍ତି ବିବରଣୀ ପାଠ କରିଥିଲେ । ମିହିର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୀତ ଓ ନୃତ୍ୟ ପରିବେଷଣ କରାଯିବା ସହ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନ ସମୂହର ଚେୟାରମ୍ୟାନ୍ ଇଂ. ଅମିତ କୁମାର ମଲ୍ଲିକ ଓ ନିର୍ଦ୍ଦେଶିକା ଇଂ.ସଙ୍ଗୀତା ଦାସଙ୍କ ପ୍ରତ୍ୟକ୍ଷ ପରିଚାଳନା ଓ ଅନୁଷ୍ଠାନର କର୍ମଚାରୀଙ୍କ ଅକୁଣ୍ଠ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା । ଏଥିରେ ଛାତ୍ରଛାତ୍ରୀ, ଅଭିଭାବକ, ବୁଦ୍ଧିଜୀବୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଭଦ୍ରକ,୨୦ ।୧୨(ସମିସ):ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନି ଜିଲ୍ଲା ସ୍କୁଲ ପରିସରରେ ମୁଖ୍ୟଅତିଥି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ଉପସ୍ଥିତ ରହି ଉଦ୍‌ଘାଟନ କରିଛନ୍ତି । ପରେ ଜିଲ୍ଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁଙ୍କ ସଭାପତତ୍ୱରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ଭୀମଚରଣ ପରିଡାଙ୍କ ଲିଖିତ ବିଜ୍ଞନଭିତ୍ତିକ ସ୍ୱାଗତ ସଂଗୀତ ଜିଲ୍ଲା ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁକୀର୍ତ୍ତି କର, ଭଦ୍ରକ ଗୋଷ୍ଠୀ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପ୍ରିୟଙ୍କା ନାୟକ, ଜିଲ୍ଲା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପାନାମଣୀ ବେସରା ଯୋଗଦେଇଥିଲେ । ଅପରାହ୍ନରେ ଉଦଯାପନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. କମଳାକାନ୍ତ ନାୟକ ରାଧାକୃଷ୍ଣଙ୍କ ପ୍ରେମ କାହାଣୀରୁ ଭବିଷ୍ୟତରେ ପିଲାମାନେ ବିଜ୍ଞାନକୁ ପ୍ରୟୋଗ କରି କିପରି ପୃଥିବୀକୁ ରକ୍ଷା କରିପାରିବେ ଓ ମଣିଷକୁ ଭଲପାଉଥିବା ମଣିଷ ତିଆରି କରିବେ ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଉପସ୍ଥିତ ରହି ଜିଲ୍ଲାର ଶ୍ରେଷ୍ଠ ୭ଜଣ ଛାତ୍ରଛାତ୍ରୀ ସ୍ମୃତିରେଖା ବାରିକ, ଚିନ୍ମୟ ପଣ୍ଡା, ଶ୍ୱେତାଲିନ ବିଶ୍ୱାଳ ଓ ସୋନାଲି ବିଶ୍ୱାଳ, ସାଇଶ୍ରଦ୍ଧା ମହାନ୍ତି ଓ ଶାନ୍ତପ୍ରସପମ ରାଉତ, ତିହିଡି ଜଗତଜ୍ୟୋତି ବେହେରାଙ୍କୁ ପୁରସ୍କୃତ କରିଥଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲାର ବରିଷ୍ଠ ପ୍ରଧାନଶିକ୍ଷକ ଅକ୍ଷୟ ହୋତା, ସମରେନ୍ଦ୍ର ମିଶ୍ର, ଉମେଶ ମାଝୀ, ବିଜୟ ମିଶ୍ର, ନରେନ୍ଦ୍ର ସାହୁ, ଜିତେନ୍ଦ୍ର ନାୟକ, ଅଜୟ ନନ୍ଦ, ଚାରୁଲତା ମହାପାତ୍ର, ଶିକ୍ଷକ ଅକ୍ଷୟ ସେଠୀ ପ୍ରମୁଖ ପରିଚାଳନା କରିଥିଲେ ।


# ସାଧନକେନ୍ଦ୍ର ସ୍ତରୀୟ ବୈଠକ

ବନ୍ତ/ଆଗରପଡ଼ା,୨୦।୧୨(ସମିସ): ବନ୍ତ ବ୍ଲକ ଓଡଙ୍ଗ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ମାସିକ ବୈଠକ ଗୋପାଳପୁର ସରକାରୀ ଉପ୍ରା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉକ୍ତ ବୈଠକରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପରମେଶ୍ୱର ପୃଷ୍ଟି ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଆଗରପଡ଼ାସ୍ଥ ଡାଏଟ ପ୍ରଶିକ୍ଷିକା ମଧୁସ୍ମିତା ତ୍ରିପାଠୀ, ସମ୍ମାନିତ ଅତିଥି ମଙ୍ଗୁଲି ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ରମାକାନ୍ତ ରାଉତ, ଜେକେନୋଡାଲ ଓଡଙ୍ଗ ବିଦ୍ୟାଳୟ ପ୍ରଧାନଶିକ୍ଷକ ମାଧବାନନ୍ଦ ମୁଣ୍ଡା, ହରିହର ଉପ୍ରା ବିଦ୍ୟାଳୟ ବୋଡକପାଟଣାର ପ୍ରଧାନଶିକ୍ଷକ ବିନୋଦ ବିହାରୀ ଜେନା ପ୍ରମୁଖ ଯୋଗ ଦେଇଥିଲେ । ପ୍ରେମଲତା ଜେନା, ସନାତନ ଦାଶ, ସୂର୍ଯ୍ୟମଣି ଜେନା, ସରସ୍ୱତୀ ନାଥ, ଅମିତା ସାହୁ, ଦିବ୍ୟଜ୍ୟୋତି ଜେନା, ହଳଧର ସେଠୀ, ଶ୍ରୀଧର ପଣ୍ଡା, ସୁଶାନ୍ତ ଖୁଣ୍ଟିଆ, ରଞ୍ଜିତା ଦାସ, ବାସନ୍ତୀଲତା ପ୍ରଧାନ, ମାନସ ସେଠୀ, କୌଶଲ୍ୟା ଜେନା, ଅମର ସ୍ୱାଇଁଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ।

# ବେଟି ବଚାଓ, ବେଟି ପଢାଓ କର୍ମଶାଳା

ଭଦ୍ରକ,୨୦ ।୧୨(ସମିସ):ଆଜି ଭଦ୍ରକ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ “ବେଟି ବଚାଓ ବେଟି ପଢ଼ାଓ” ଅଧୀନରେ ଆର୍ôଥକ ସାକ୍ଷରତା, ଆର୍ôଥକ ଅଧିକାର ଓ ସାମାଜିକ, ରାଜନୈତିକ ଅଧିକାର ବିଷୟରେ ଏକଦିବସୀୟ କର୍ମଶାଳା ଭଦ୍ରକ ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାର ମୂଳ ଉଦ୍ଦେଶ୍ୟ ଥିଲା ମହିଳା ଓ କିଶୋରୀଙ୍କ ଆର୍ôଥକ ସାଧନା, ସରକାରୀ ଯୋଜନା, ଆର୍ôଥକ ଅଧିକାର ସହିତ ସେମାନଙ୍କର ସାମାଜିକ ଓ ରାଜନୈତିକ ଅଧିକାର ବିଷୟରେ ସଚେତନ କରି ସଶକ୍ତ କରିବା । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା କ୍ଷୁଦ୍ର ସଞ୍ଚୟ ଅଧିକାରୀ, ଜିଲ୍ଲା ନିଯୁକ୍ତି ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଭଦ୍ରକ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଉପସ୍ଥିତ ଥିଲେ । କିଶୋରୀ ବାଳିକା, ସ୍ୱୟଂସହାୟକ ଗୋଷ୍ଠୀ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଅଂଶଗ୍ରହଣ କରିଥିଲେ । ଏହି କର୍ମଶାଳାରେ ଆର୍ôଥକ ସାକ୍ଷରତା ଓ ସଶକ୍ତିକରଣର ବୁଝାମଣା, ବ୍ୟାଙ୍କିଙ୍ଗର ମୌଳିକ ଧାରଣା, ବଜେଟ୍ ପ୍ରସ୍ତୁତି, ପରିକଳ୍ପନା ଓ ଋଣରୁ ଦୂରେଇ ରହିବା ପାଇଁ ବ୍ୟାଙ୍କ ସମ୍ବନ୍ଧ ବ୍ୟକ୍ତି ତାଙ୍କର ମତ ରଖିଥିଲେ । ସଞ୍ଚୟ, ସୁକନ୍ୟା ସମୃଦ୍ଧି ଯୋଜନା ଓ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ବିଷୟରେ କ୍ଷୁଦ୍ର ସଞ୍ଚୟ ଅଧିକାରୀ ବୁଝାଇଥିଲେ । ଏହି କର୍ମଶାଳାରେ ପ୍ରୋଗ୍ରାମ ଅଫିସର ତଥା ପ୍ରୋଟେକ୍ସନ ଅଫିସର ଧନ୍ୟବାଦ ଅର୍ପଣ କରିଥିଲେ ।

# ଧୂଷୁରୀ ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ



ଅସୁରାଳି,୨୦ ।୧୨(ସମିସ):ଧୂଷୁରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ରମାପଦ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ଆଚାର୍ଯ୍ୟା ମନୋରମା ରାଉତରାୟ ଯୋଗଦେଇ ଶିଶୁଙ୍କ ପାଇଁ ମାଆର ଭୂମିକା ବିଷୟରେ ମାର୍ଗଦର୍ଶନ କରାଇଥିଲେ । ଶିଶୁ ବାଟିକା ପ୍ରମୁଖ ସରୋଜିନୀ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଚାର୍ଯ୍ୟା ଅନନ୍ୟା ହାଜରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମନୋରମା ରାଉତରାୟ କ୍ରିୟାକଳାପ, ସରୋଜିନୀ ଜେନା ଚିତ୍ର ମାଧ୍ୟମରେ କାହାଣୀ କଥନ ଓ ଅନନ୍ୟା ହାଜରା ହିରା ଚୋରି ଓ ବଲ୍ ପାସ୍ ଖେଳ କାଳାଂଶ କରାଇଥିଲେ । ୩୦ରୁ ଊର୍ଦ୍ଧ୍ୱ ମାଆ ଉପସ୍ଥିତ ଥିଲେ । ଆଚାର୍ଯ୍ୟା କଳ୍ପନା ଦେବତା, ଦମୟନ୍ତୀ ସାହୁ, ରଶ୍ମିତା ସାହୁ, ରାଧାସ୍ମିତ ମୁଦୁଲି, ରଶ୍ମିତା ବେହେରା, ପିଙ୍କିରାଣୀ ମାଝୀ, ମାନିନୀ ସାହୁ, ଜୟଶ୍ରୀ ଦାଶ ଓ ଭାଗ୍ୟଶ୍ରୀ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା

ଅସୁରାଳି,୨୦ ।୧୨(ସମିସ):ଧୂଷୁରୀସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ଏକ ସାଧାରଣ ସଭା ଅଧ୍ୟାପକ ରବିନ୍ଦ୍ର ବେହୁରିଆଙ୍କ ସଭାପତିତ୍ୱ ଓ ଅନୁଷ୍ଠାନର ଅଧ୍ୟକ୍ଷ ପଣ୍ଡିତ ନୃସିଂହ ଚରଣ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା । ଧାମନଗର ଏବିଇଓ ସତ୍ୟସୁନ୍ଦର ପରିଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହେମନ୍ତ ସୂତାର, ସମାଜସେବୀ ପ୍ରଦୀପ ଦାସ, ଜିଲ୍ଲା ସଂଯୋଜକ ପ୍ରଦୀପ ଜେନା ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠାନର ଉପସଭାପତି ବରିଷ୍ଠ ଅଧିବକ୍ତା ଦେବାଶିଷ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବୀରେନ୍ଦ୍ର ମହାନ୍ତି ଓ ପ୍ରଦୀପ ନାୟକ ଖେଳ ପରିଚାଳନା କରିଥିଲେ । ବିଦ୍ୟାଳୟର ପରିଚାଳିକା ମଧୁମିତା ନାୟକ ଉତ୍ସବ ପରିଚାଳନା କରିଥିଲେ । ଶିକ୍ଷକ ପ୍ରଫୁଲ୍ଲ ସାହୁ, ଶିକ୍ଷୟିତ୍ରୀ ସ୍ୱାଗତିକା ସାହୁ, ସସ୍ମିତା ଭାରତୀ, ଉର୍ମିଳା ବିଶ୍ୱାଳ, ପୁଷ୍ପାଞ୍ଜଳି ତରାଇ, ସୌଦାମିନୀ ମୁଦୁଲି, ମୋନାଲିସା ସେଠୀ, ମୋନାଲିସା ବାରିକ ପ୍ରମୁଖ ସହଯୋଗ କରିଥିଲେ ।

### ଖୋଲିନି ମଣ୍ଡି

# ଋଣ ବୋଝ; ବିଲରୁ ଧାନ ବିକି ଦେଉଛି ଚାଷୀ

ବନ୍ତ/ଆଗରପଡ଼ା,୨୦।୧୨(ସମିସ):

ଡିସେମ୍ବର ମାସ ଶେଷ ହେବାକୁ ହେଲାଣି । ସରକାରୀ ସ୍ତରରେ ଆଉ ଦିନ କେଇଟା ପରେ ମଣ୍ଡି ଖୋଲିବାର ଥିବାବେଳେ ପ୍ରତିବର୍ଷ ମଣ୍ଡିରେ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ବର୍ତ୍ତମାନ ୪୦ ଭାଗ ଚାଷୀ ବିଲରୁ ଋଣ ପରିଶୋଧ କରିବା ପାଇଁ ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ଦଲାଲଙ୍କ କବ୍‌ଜାରେ ପଡ଼ି ଧାନ ବିକି ସାରିଲାଣି । ଗତବର୍ଷ ମଣ୍ଡିରେ ଧାନ ଦେଇ ମିଲରଙ୍କ ସମତେ ଦଲାଲଙ୍କ ଦ୍ୱାରା ନିର୍ଯାତିତ ହୋଇଥିବାରୁ ମଣ୍ଡିରେ ଧାନ ଦେଇ ପୂର୍ବ ପରିସ୍ଥିତିର ସମ୍ମୁଖୀନ ନ ହେବା ଆଶାରେ ଶାଗମାଛ ଦରରେ ଧାନ ବିକି ଦେଉଥିବା ଦେଖିବାକୁ ମିଳୁଛି । ଅମଳ ଆରମ୍ଭରୁ ବନ୍ତ ଓ ଆଗରପଡ଼ା, ଏହା ଆଖପାଖ ଅଞ୍ଚଳରେ ପ୍ରତିଦିନ ଶତାଧିକ ସଂଖ୍ୟାର ଧାନ ବୋଝେଇ ଟ୍ରକ ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶକୁ ଚାଲାଣ ହେଉଛି । ଆଗରପଡ଼ା ୩ ଜିଲ୍ଲା ବାଲେଶ୍ୱର,କେନ୍ଦୁଝର ଓ ଭଦ୍ରକର ସିମାନ୍ତରେ ଥିବାରୁ ବିଭାଗୀୟଅଧିକାରୀଙ୍କ ସବୁ ସମୟରେ ଯାତାୟାତ ରହୁଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ନ ଦେବା ବିଭାଗର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି ।



ଏଠାକାର ଚାଷୀ ସାଧାରଣତଃ ବ୍ୟାଙ୍କ କିମ୍ବା ଗାଁ ଗହଳିରୁ ମହାଜନଠାରୁ ଋଣ ଆଣି ଧାନ ଚାଷ କରିଥା’ନ୍ତି । ଧାନ ବିକ୍ରି କରିବା ପରେ ସୁଧ ସହ ଋଣ ପରିଶୋଧ କରିବା ସହ ବଳକା ରାଶିରେ ପରିବାର ପ୍ରତିପୋଷଣ କରିଥା’ନ୍ତି । ଧାନ ରୁଆ, ବୁଣା କାର୍ଯ୍ୟଠାରୁ ସାର ପକାଇବା, ଧାନପିଟା, କଟା ପର୍ଯ୍ୟନ୍ତ କାର୍ଯ୍ୟରେ ଏହି ଋଣ କରିଥିବା ଅର୍ଥକୁ ଚାଷୀ ବିନିଯୋଗ କରିଥା’ନ୍ତି । ଧାନକୁ ଯେତେ ଶୀଘ୍ର ବିକ୍ରି କରିବେ, ସେତେ ଶୀଘ୍ର ଋଣ ଚିନ୍ତାରୁ ଚାଷୀ ମୁକ୍ତି ପାଇବେ । ଋଣ ସୁଝିବାରେ ବିଳମ୍ବ ହେଲେ ସୁଧର ହାର ବୃଦ୍ଧି ପାଇବ ଏହି ଆଶାରେ ନିର୍ଦ୍ଧାରିତ ଦରଠାରୁ ବହୁ କମ୍‌ରେ ଚାଷୀ ଧାନକୁ ଏହି ଦଲାଲଙ୍କୁ ବିକ୍ରି କରିଦେଉଥିବା ଜଣାପଡ଼ିଛି । ଚାଷୀ ଋଣ ସୁଝିବା ପାଇଁ ବ୍ୟସ୍ତ ହେବାର ସୁଯୋଗରେ ଦଲାଲ ଏହାର ଫାଇଦା ନେଉଛନ୍ତି । ଚାଷୀଙ୍କ ବିଲ ପାଖରେ ଟ୍ରକ ଲଗାଇ ଦଲାଲ ଧାନ ସଂଗ୍ରହ କରୁଛନ୍ତି । ଏସବୁ ଅଞ୍ଚଳରେ ପ୍ରାୟ ୮୦ ଭାଗ ଲୋକେ କେବଳ ଧାନ .ଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥା’ନ୍ତି । ଦଲାଲ ଚାଷୀଙ୍କୁ ନଗଦ ଅର୍ଥ ପୈଠ କରୁଥିବାବେଳେ ମଣ୍ଡିରେ ଅର୍ଥ ପୈଠରେ ଅହେତୁକ ବିଳମ୍ବ ଘଟୁଛି । ମଣ୍ଡିରେ ଖୋଲା ଆକାଶ ତଳେ ମିଲକୁ ଯିବା ପୂର୍ବରୁ ମାସ ମାସ ଧରି ଧାନ ପଡ଼ିରହୁଛି । ଏହା ମଧ୍ୟରେ ଏଠାରୁ ଧାନ ଚେ.ରି ହେବାର ଅଧିକ ସମ୍ଭାବନା ରହିଛି । ମଣ୍ଡି ଦାୟିତ୍ୱ ନିର୍ବାହୀଙ୍କ ପକ୍ଷପାତିତା ନୀତି ଯୋଗୁଁ ବଡ଼ବଡ଼ିଆଙ୍କ ଧାନକୁ ଆଗ ମିଲକୁ ପଠା ଯାଉଥିବାବେଳେ ଗରିବ ଚାଷୀଙ୍କ ଧାନ ମାସ ମାସ ଧରି ଏଠାରେ ପଡ଼ି ରହିଥାଏ । ଏସବୁ ଅବ୍ୟବସ୍ଥାକୁ ଲକ୍ଷ୍ୟରେ ରଖି ଚାଷୀ ଦଲାଲଙ୍କୁ କମ୍ ଦରରେ ଧାନ ବିକ୍ରି କରିବା ପାଇଁ ଏକପ୍ରକାର ବାଧ୍ୟ ହେଉଛନ୍ତି । ସେହିପରି ସରକାରୀ ସ୍ତରରେ ଖୋଲିବାକୁ ଯାଉଥିବା ମଣ୍ଡି ହେଉ ବା ସମବାୟ ସମିତି ମାଧ୍ୟମରେ ଧାନ କ୍ରୟର ସୁବିଧା ଥିବାବେଳେ ରାଜ୍ୟର ଡବଲ ଇଞ୍ଜିନ ସରକାର ଚାଷୀଙ୍କୁ ଧାନର ସହାୟକ ଦର ଉପରେ ବୋନସ ଦେଉଛନ୍ତି । ଏଥିପାଇଁ ସରକାର କିଛି ମାନଦଣ୍ଡ ମଧ୍ୟ ରଖିଛନ୍ତି । ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଉକ୍ତ ମାନଦଣ୍ଡକୁ ସଫଳ କରିବା ପାଇଁ ସଚେତନତା ଶିବିର ଓ ଟ୍ରେନିଂର ବ୍ୟବସ୍ଥା ମଧ୍ୟ କରାଯାଉଛି । କିନ୍ତୁ ପ୍ରକୃତ ପକ୍ଷେ ଆଜିବି ବହୁ ଚାଷୀ ଏଥିନେଇ ନିଜର ଅସହାୟତା ପ୍ରକାଶ କରୁଛନ୍ତି । ତେଣୁ ସରକାରଙ୍କ ଚାଷୀଙ୍କୁ ଧାନର ସହାୟକ ବୃଦ୍ଧିର ଚାଷୀ କେତେ ଲାଭ ଉଠାଇପାରିବ ତାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି । ଅପରପକ୍ଷରେ ସରକାର ଯେତେବି ନିୟମ ପ୍ରଣୟନ କଲେ ମଧ୍ୟ ମଣ୍ଡିର ସ୍ୱଚ୍ଛତାକୁ ନେଇ ଆଜିବି ଚାଷୀ ସନ୍ଦିହାନରେ ରହୁଛି । ତେଣୁ ଏହାର ସୁଯୋଗ ଦଲାଲ ନେବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ତେଣୁ ଅମଳ ଆରମ୍ଭରୁ ପ୍ରତିଦିନ ଯଦି ଏଠାକାର ଅଂଚଳରୁ ଏହିପରି ଭାବେ ଟ୍ରକ ଟ୍ରକ ଧାନ ବାହାର ରାଜ୍ୟକୁ .ଲାଣ କରାଯାଏ ଭବିଷ୍ୟତରେ ତାହା ହେଲେ ଏଠାକାର ଅଂଚଳରେ ଯେ, ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ନ ହେବ ସେ କଥା କିଏ କହିପାରିବ ।

## ଖରସ୍ରୋତା ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟା

# ଗ୍ରାମାଞ୍ଚଳରେ ପୁସ୍ତକମେଳା ଆୟୋଜନ ଉତ୍ସାହଜନକ




**ସିଂହପୁର, ୨୦।୧୨(ସମିସ):** ଖରସ୍ରୋତା ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଓ ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସଭାପତି ପଦ୍ମାକର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କୁମରବର ଦାସ ଯୋଗ ଦେଇ ଗ୍ରାମୀଣ ପୁସ୍ତକ ମେଳାର ଆକର୍ଷଣ ଓ ଆୟୋଜନ ଯଦିଓ କଷ୍ଟଦାୟକ ମାତ୍ର ଏହା ଅତ୍ୟନ୍ତ ଆନନ୍ଦ ଦାୟକ ବୋଲି କହିଥିଲେ। ମୁଖ୍ୟଅତିଥି ରୂପେ ଯାଜପୁର ଜିଲ୍ଲା ଲେଖକ ସମ୍ମିଳନୀର ସଭାପତି ଡ.ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ପୁସ୍ତକକୁ ପ୍ରେମିକା ପରି ଭଲ ପାଆନ୍ତୁ ଓ ପତ୍ନୀ ଭଳି ସମ୍ମାନ, ଆଦର ଦେବା ନିହାତି ଦରକାର ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଗୋକର୍ଣ୍ଣିକା ପତ୍ରିକାର ସମ୍ପାଦକ ରମାକାନ୍ତ ଜେନା ଯୋଗଦେଇ ପାଠକ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ବରେଣ୍ୟ ବକ୍ତା ଭାବେ ବିଞ୍ଝାରପୁର ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ମୁଖ୍ୟ ଉପଦେଷ୍ଟା ସୁଶାନ୍ତ କୁମାର ନାୟକ, ଅଧ୍ୟକ୍ଷ ଅଭ୍ୟର୍ଥନା କମିଟି ଅଜୟ କୁମାର ଓଝା, ବିଶିଷ୍ଟ ଅତିଥି ରୂପେ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ୍ ଶରତ କୁମାର ସାହୁ, ଦେସାହି ସମିତି ସଭ୍ୟ ସନ୍ତୋଷ କୁମାର ବେଉରିଆ ଓ ବରିଷ୍ଠ ଆଇନଜୀବୀ ଅମ୍ବିକା ପ୍ରସାଦ ସାମଲ ଯୋଗ ଦେଇଥିଲେ। ରମାକାନ୍ତ ନାୟକ କବିତା ପଠନରେ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଙ୍ଗଠନିକ ସମ୍ପାଦକ ନାରାୟଣ ଚନ୍ଦ୍ର ଦାସ ମନ୍ତ୍ର ପାଠ କରିଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କୃଷ୍ଣଚନ୍ଦ୍ର ଥାଟୋଇ, ପ୍ରତିଜ୍ଞା ସାହୁ, ସୁଧୀର କୁମାର ଆଚାର୍ଯ୍ୟ, ପ୍ରାଧ୍ୟାପକ ଚତୁର୍ଭୁଜ ସାହୁ, ଆଲୋକ ଦାସ, ନିରଞ୍ଜନ ପାତ୍ର, ପ୍ରମୋଦ ସାମଲ, ଗଜେନ୍ଦ୍ର ଧଳ, ଅକ୍ଷୟ କୁମାର ସାମଲ, ବିଷ୍ଣୁଚରଣ ସାହାଣି, ଭବବିରଞ୍ଚି ନାରାୟଣ ଦାସ, ଉମେଶ ଚନ୍ଦ୍ର ସାମଲ, ସରୋଜ କୁମାର ମଲ୍ଲିକ, ସଚିଦାନନ୍ଦ ଗୁରୁ, ଦେବେନ୍ଦ୍ର ସାମଲ, ଗାୟତ୍ରୀ ଧଳ, ଦେବ ପ୍ରସାଦ ସାମଲ, ଡାକ୍ତର ଭାଗୀରଥି ମଲ୍ଲିକ, ଭାରତ ଭୂଷଣ ମଲ୍ଲିକ, ନମିତା ବାରିକ୍, ଗୀତାଞ୍ଜଳି ଦାସ, ମେଘନାଦ ମହାଳିକ, ଦିନେଶ ମଲ୍ଲିକ, କଳାକାର ପାତ୍ର, ଅକ୍ଷୟ କୁମାର ସେଠୀ, ଜାହାଙ୍ଗୀର ଖାନ୍, ବ୍ରହ୍ମାନନ୍ଦ ମଲ୍ଲିକ, ଗୁରୁ ଚରଣ ଥାଟୋଇ, ତ୍ରିଲୋଚନ ରାଉତ, ଦଶରଥ ସାହୁ, ମହେନ୍ଦ୍ର ବାରିକ୍, ଶତ୍ରୁଘ୍ନ ସାହୁ, ଅଧ୍ୟାପକ ଶ୍ରୀକାନ୍ତ ନାୟକ, ହରେକୃଷ୍ଣ ଦାସ, ସନ୍ତୋଷ ମିଶ୍ର, ରଶ୍ମିରଞ୍ଜନ ବେହେରା ପ୍ରମୁଖ ସଞ୍ଚାଳନ କରିଥିଲେ।

## ଗ୍ରାମମଙ୍ଗଳ ସମିତି ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

**ପାଣିକୋଇଲ, ୨୦।୧୨(ସମିସ):** ମାଳଆନନ୍ଦପୁର ପଞ୍ଚାୟତ ରୁଢ଼ିଆ ସ୍ଥିତ ଗ୍ରାମ ମଙ୍ଗଳ ସମିତି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅଳକାନନ୍ଦ ଦାଶ କ୍ରୀଡ଼ା ପତାକା ଉତ୍ତୋଳନ କରି ଛାତ୍ରଛାତ୍ରୀ ମାନଙ୍କୁ କ୍ରୀଡ଼ା ଶପଥ ପାଠ କରାଇଥିଲେ। କ୍ରୀଡା ଶିକ୍ଷୟିତ୍ରୀ ପୂର୍ଣ୍ଣିମା କର କ୍ରୀଡ଼ା ପରିଚାଳନା କରିଥିଲେ। ପ୍ରାକ୍ତନ ଶିକ୍ଷକ ଧରଣୀଧର ମିଶ୍ର ଯୋଗଦେଇ ସହଯୋଗ କରିଥିଲେ। ଉଦ୍‌ଯାପନ ଉତ୍ସବରେ ଗ୍ରାମ ମଙ୍ଗଳ ସମିତିର ସଭାପତି ସୁଧାଂଶୁ ଶେଖର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗୋଦାବରୀଶ ମିଶ୍ର, ଆନନ୍ଦ ଚନ୍ଦ୍ର ମହାନ୍ତି, ଜଗନ୍ନାଥ ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଅର୍ନ୍ନଭା କୁଅଁର, ସଂଯୁକ୍ତା ମହାନ୍ତି, ଶିକ୍ଷକ ବାସୁଦେବ ମଲ୍ଲିକ, ପ୍ରଦୀପ ଗିରି, ପ୍ରଜ୍ଞାପରାମିତା ମୁଦୁଲି, ଗାୟତ୍ରୀ ମିଶ୍ର, ସନ୍ଧ୍ୟାରାଣୀ ଦାଶ, ଝରଣା ମିଶ୍ର, ଚିତରଞ୍ଜନ ପୃଷ୍ଟି, ସୁବାସ ଜେନା, କନକଲତା ମୁଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ କିରାଣି ନିରଞ୍ଜନ ମିଶ୍ର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ବଜ୍ରଗିରି ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

**ଧର୍ମଶାଳା, ୨୦।୧୨(ସମିସ):** ଧର୍ମଶାଳା ବ୍ଲକ କୋଟପୁରସ୍ଥିତ ବଜ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କ୍ରୀଡ଼ା ପ୍ରତିଯୋଗିତାକୁ ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ଚୋଳ ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ। ୨ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ପ୍ରତିଯୋଗିତାର ଶେଷ ଦିନରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ସଞ୍ଜୟ କୁମାର ସାମଲ ଓ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଭାଗ୍ୟରଥ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ ୪ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ଖେଳରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ସନ୍ତୋଷ କୁମାର ଦାଶ, ସୁମନ୍ତ କୁମାର ଜେନା, ନିରଞ୍ଜନ ଶାନ୍ତି, ଲକ୍ଷ୍ମୀଧର ନାୟକ, ସୁବାଷ ଚନ୍ଦ୍ର ରାଉତ, ପୂର୍ଣ୍ଣଚନ୍ଦ୍ର ରଣା, ଅଧ୍ୟାପିକା ଚିନ୍ମୟୀ ବେହେରା, ସସ୍ମିତା ଦାଶ, ଶର୍ମିଷ୍ଠା ସାମଲ, ଅରବିନ୍ଦ ଦାସ, ଅମର ରଞ୍ଜନ ସାମଲ, ଅରୁଣ ରଞ୍ଜନ ସାମଲ, ଦେବାଶିଷ ବିଶ୍ୱାଳ ଓ ଫକୀର ଚରଣ ଦଳେଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଚଳିତ ବର୍ଷ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ବାଳକ ବିଭାଗରେ ଚିରଞ୍ଜିବୀ ରାଉତ ଓ ବାଳିକା ବିଭାଗରେ ଚିନ୍ମୟୀ ସାମଲ ଚମ୍ପିୟାନ ହୋଇଥିଲେ।

## ହୃଦ୍‌ଘାତରେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

**ସୁକିନ୍ଦା, ୨୦।୧୨(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ହାତୀବାରି ସ୍ଥିତ ନାଳିଆଝରେ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଚିତା ପାତ୍ରଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ଅକାଳ ବିୟୋଗ ଘଟିଛି। ଗତ କିଛିଦିନ ପୂର୍ବରୁ ଶ୍ରୀମତୀ ପାତ୍ର ହୃଦଘାତର ଶୀକାର ହୋଇ ଚିକିତ୍ସିତ ହେଉଥିଲେ। ଗତ ଶୁକ୍ରବାର ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ପରିବାର ଲୋକେ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପରିବାର ଲୋକଙ୍କ ଉପସ୍ଥିତିରେ ପୁରୀ ସ୍ଥିତ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ପ୍ରୀତିପୁର, ୨୦।୧୨(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବିତନା ପଞ୍ଚାୟତର ନଥିପୁର ଠାରେ ଅବସ୍ଥିତ ଶ୍ରୀମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଦିବସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ସମାହିତ ହୋଇଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ସମାବର୍ତ୍ତନୀ ସମାରୋହ ବିଶିଷ୍ଟ ଶିକ୍ଷାବିତ୍ ରତନଲଲ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହର ମୁଖ୍ୟଅତିଥି ଭାବରେ ବିଞ୍ଝାରପୁର ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରୀ ବଳରାମ ପତି ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବରେ ଆଇରନ ଟ୍ରାଙ୍ଗଲ ଲିମିଟେଡର ଡାଇରେକ୍ଟର ବରଦା ପ୍ରସାଦ ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ରସାୟନ ବିଜ୍ଞାନ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ଡ.ଚତୁର୍ଭୁଜ ସାହୁ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଇଂ. ଅମ୍ବରୀଶ ଆଚାର୍ଯ୍ୟ, ସ୍ଥାନୀୟ ସରପଞ୍ଚ ରମେଶ ଚନ୍ଦ୍ର ମଲ୍ଲିକ ଓ ଚନ୍ଦ୍ରମଣି ସୀହୁ ପ୍ରମୁଖ. ମଞ୍ଚାସୀନ ହୋଇଥିଲେ। ସାମ୍ବାଦିକ ରତିଲାଲ ଭୂୟାଁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ୟାମପ୍ରସାଦ ଭୂୟାଁ, ରଶ୍ମିତା ଭୂୟାଁ, ମମତା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ

**ସିଂହପୁର, ୨୦।୧୨(ସମିସ):** ସିଂହପୁର ସ୍ଥିତ ନବଘନ ମହନ୍ତ ମାୟାଧର ସରକାରୀ ଉପ୍ରା ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ସାମଲ ପତାକା ଉତ୍ତୋଳନ କରିଥିଲେ। ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ମଧ୍ୟରେ ମନୋରଞ୍ଜନ ବେଉରିଆ, ପ୍ରଭାତ କୁମାର ସାହୁ, ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ, ରଶ୍ମିତା ନାୟକ, ମଞ୍ଜୁଲତା ଥାଟେଇ, ସୁଚରିତା କରଣ, ନିବେଦିତା ଦାସ ପ୍ରମୁଖ ଉପସ୍ଥିତ ରହି ବାର୍ଷିକ କ୍ରୀଡ଼ା ଉତ୍ସବକୁ ପରିଚାଳନା କରିଥିଲେ। ଏଥିରେ ମୋଟ ୩୦୯ ଜଣ ଛାତ୍ରଛାତ୍ରୀ ଯୋଗ ଦେଇ ବିଭିନ୍ନ ବର୍ଗର ଖେଳରେ ଅଂଶଗ୍ରହଣ କରିଥିଲେ।



## ଯାଜପୁର ଜିଲ୍ଲାପାଳଙ୍କୁ ଚିଠି କଲେ ଜଗତସିଂହପୁର ଜିଲ୍ଲାପାଳ

# 'ଖଣି ଉପନିର୍ଦ୍ଦେଶକଙ୍କ ଦରମା ବନ୍ଦ କର'

**ଯାଜପୁର/ଜଗତସିଂହପୁର, ୨୦।୧୨ (ସମିସ):** ଯାଜପୁର ଖଣି ଉପନିର୍ଦ୍ଦେଶକଙ୍କ ଦରମା ବନ୍ଦ କରିବାକୁ ଯାଜପୁର ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ। ଜଗତସିଂହପୁର ଜିଲ୍ଲାରେ ବିଭିନ୍ନ ବାଲିଘାଟରେ ବାଲି ମାଫିଆଙ୍କ ଦ୍ୱାରା ବ୍ୟାପକ ପରିମାଣରେ ବାଲି ଚୋରାଚାଲାଣ ହେଉଥିବା ବେଳେ ଗତ ନଭେମ୍ବର ୨୫ ତାରିଖରେ କିଲିପାଳ ଏବଂ ଡିସେମ୍ବର ୧୧ ତାରିଖରେ ଜୟପୁର ଘାଟରେ ପ୍ରଶାସନ ପକ୍ଷରୁ ଚଢ଼ଉ ହୋଇଥିଲା। ଏହି ଚଢ଼ଉରେ ୭୫ରୁ ଅଧିକ ହାଇୱା ଏବଂ ୫ରୁ ଅଧିକ ବାଲି ଉଠା ମେସିନ ଜବତ ସହିତ ୧୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଅଟକ ରହିଥିଲେ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଯାଜପୁର ଖଣି ସର୍କଲର ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ତାଙ୍କ ଅଧୀନସ୍ଥ ଚୋରାଚାଲାଣ ହେଉଥିବା ବାଲିଘାଟ ପରିଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଶ୍ରୀ ନାୟକ ଏଥିପ୍ରତି ଗୁରୁତ୍ୱ ଦେଇନଥିଲେ କିମ୍ବା ଜଗତସିଂହପୁର ମଧ୍ୟ ଆସିନଥିଲେ। ଏହାଦ୍ୱାରା ଖଣି ଉପ ନିର୍ଦ୍ଦେଶକ ଶ୍ରୀ ନାୟକ ନିଜ କର୍ତ୍ତବ୍ୟରେ ଅବହେଳା କରିବା ସହିତ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିଲେ। ଫଳରେ ଗତ ୧୬ ତାରିଖରେ ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ ଯାଜପୁର ସର୍କଲ ଖଣି ଉପନିର୍ଦ୍ଦେଶକ ଶ୍ରୀ ନାୟକଙ୍କ ନିଲମ୍ବନ ପାଇଁ ରାଜ୍ୟ ଖଣି ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ସୁପାରିଶ କରିଥିଲେ। ଆଜି ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ ଖଣି ଉପନିର୍ଦ୍ଦେଶକ ଶ୍ରୀ ନାୟକଙ୍କ ଦରମା ବନ୍ଦ କରିବା ପାଇଁ ଯାଜପୁର ଜିଲ୍ଲାପାଳଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି।

## ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ଆର୍ଥିକ ସଚେତନତା ଶିବିର

**ଯାଜପୁର, ୨୦।୧୨(ସମିସ):** ଯାଜପୁର ଜିଲ୍ଲା ପ୍ରଶାସନ ତରଫରୁ ଦଶରଥପୁର ବ୍ଲକ ବିରଜାପୁର ଗ୍ରାମପଞ୍ଚାୟତ ସଭା ଗୃହରେ ଜିଲ୍ଲା ଆର୍ଥିକ ସେବା ସଞ୍ଚୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟଅତିଥି ରୂପେ ବିରଜାପୁର ସରପଞ୍ଚ ନିରାକାର ସାହୁ, ଅଗ୍ରଣୀ ବ୍ୟାଙ୍କ ପରିଚାଳକ ରାଧାନାଥ ନାୟକ, ଆର୍ଥିକ ସଚେତନତା ସଂଯୋଜକ (ଏଫ୍‌ଏଲସି) ସୁବାସ ଚନ୍ଦ୍ର ଦାସ, ଇଣ୍ଡିଆ ପୋଷ୍ଟାଲ୍ ପେମେଣ୍ଟ ବ୍ୟାଙ୍କ୍ ପରିଚାଳକ ଚିନ୍ତାମଣି ପାଗଳ, ଅତିରିକ୍ତ ଇଣ୍ଡିଆ ପୋଷ୍ଟାଲ୍ ପେମେଣ୍ଟ ବ୍ୟାଙ୍କ୍ ପରିଚାଳକ ବିଟନ୍ ହାରୀ ଏବଂ ଡାକ ବିଭାଗର ବିଜନେସ କରେସପଣ୍ଡେନ୍ସ ଅମିୟ କୁମାର ଦାସ ଯୋଗ ଦେଇଥିଲେ। ଡାକ ବିଭାଗରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଞ୍ଚୟ ଯୋଜନା ତଥା ଆର୍‌ଡି, ମିଆଦି ଜମା, କିଷାନ ବିକାଶ ପତ୍ର, ମାସିକ ଆୟ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନାର ସଫଳତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସଚେତନତା ଶିବିରରେ ବିରଜାପୁର ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱଳ୍ପ ସଞ୍ଚୟର ଅଭିକର୍ତ୍ତା, ଜନସାଧରଣ ଉପସ୍ଥିତ ରହି ସ୍ୱଳ୍ପ ସଞ୍ଚୟର ଉପକାରିତା ଉପରେ ଅବଗତ ହୋଇଥିଲା। ଲୋକମାନଙ୍କୁ ଚିଟ ଫଣ୍ଡ ଅନଲାଇନ ଠକେଇ, ସାଇବର ଠକେଇ ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। ବିରଜାପୁର ସରପଞ୍ଚ ନିରାକାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ଗିରିଜା ପ୍ରସାଦ ବଳ, ମାୟାଧର ପାଣିଗ୍ରାହୀ, ଦୁଃଖୀରାମ ଶତପଥୀ, ସ୍ୱପ୍ନାମୟୀ ବାରିକ, ପ୍ରଭାତୀ ଶତପଥୀ, ବିଦୁସ୍ମିତା ମାଝୀ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହାୟତା କରିଥିଲେ।

## ଆଶ୍ରମ ପକ୍ଷରୁ ନୂତନ ବସ୍ତ୍ର ବିତରଣ

**ସୁକିନ୍ଦା, ୨୦।୧୨(ସମିସ):** ଶନିବାର ଅପରାହ୍ନରେ ବନବାସୀ କଲ୍ୟାଣ ଆଶ୍ରମ, ଯାଜପୁର ମାଧ୍ୟମରେ ଅଶୋକଝର ଠାରେ ଶତାଧିକ ମହିଳାଙ୍କୁ ଶାଢ଼ି ବିତରଣ କରାଯାଇଛି। ଲେମ୍ବୋ ପଞ୍ଚାୟତ ଅଧୀନ ଗିରିଧାରିଡାହି ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବନବାସୀ କଲ୍ୟାଣ ଆଶ୍ରମ ଯାଜପୁର ପକ୍ଷରୁ ପ୍ରଶାନ୍ତ କୁମାର ସ୍ୱାଇଁ, ଲବ ବାରତ, ମଟକା ତିରିଆ, ବାଜିନାଥ ମାରାଣ୍ଡି, ଶ୍ରୀନାଥ ରାଉଳ, ସୁରେଶ ମହାନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନ କରିଥିଲେ।

## ଜେଜେ ମା'କୁ ଗାଡ଼ି ମଡ଼ାଇ ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତ ନାତି ଗିରଫ; ଗାଡ଼ି ଜବତ

**ପାଣିକୋଇଲି, ୨୦।୧୨(ସମିସ):** ୨ଦିନ ପରେ ଜେଜେ ମା'କୁ ଗାଡ଼ି ଚଢ଼ାଇ ହତ୍ୟା କରିଥିବା ନାତିକୁ ଗିରଫ କରିବା ସହ ଦୁର୍ଘଟଣା ଘଟାଇଥିବା ପିକ୍‌ଅପକୁ ଜବତ କରିବାରେ ସକ୍ଷମ ହୋଇଛି ପାଣିକୋଇଲି ପୁଲିସ। ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ଖାଦରାପୁର (ସିଂଗଡ଼ା) ଗ୍ରାମରେ ଗୁରୁବାର ନାତିର ଗାଡ଼ି ଧକ୍କାରେ ଜେଜେମାର ମୃତ୍ୟୁ (ହତ୍ୟା) ଘଟିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଏନେଇ ଅଭିଯୋଗ ପରେ ପୁଲିସ ଏକ ମାମଲା ୪୦୦/୨୫ ରୁଜୁ କରି ଶୁକ୍ରବାର ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ କରିଥିଲା।

ପ୍ରକାଶଯେ ସିଂଗଡ଼ା ଗ୍ରାମର ପୋଇନ ସାହୁ ଓ ତାଙ୍କ ସ୍ତ୍ରୀ ଜୁଳି ସାହୁଙ୍କ ଏକମାତ୍ର ପୁତ୍ର ନାରାୟଣ ସାହୁଙ୍କ ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ର କରି ବିବାଦ ଲାଗିରହିଥିଲା। ନାରାୟଣ ତାଙ୍କ ବାପ ଓ ମା'ଙ୍କୁ ଖାଇବାକୁ ନ ଦେଇ ନାନାଦି ଅତ୍ୟାଚାର କରୁଥିଲେ। ଫଳରେ ସ୍ୱାମୀ ଓ ସ୍ତ୍ରୀ ମିଶି କିଛି ଜମି ତାଙ୍କ ବିବାହିତ ଝିଅ ଅନିତାଙ୍କ ନାମରେ କରିଦେଇଥିଲେ। ପୋଇନର




ମୃତ୍ୟୁ ପରେ ଜୁଳି ଅଧିକ ନିର୍ଯାତନାର ଶିକାର ହୋଇ ଝିଅ ଅନିତା ଘରେ ଯାଇ ରହୁଥିଲେ। ମା' ଓ ଝିଅ ଗାଁକୁ ଆସିଥିବା ବେଳେ ବୁଧବାର ଅପରାହ୍ନରେ ୧୬ ନମ୍ବର ଜାତୀୟ ରାଜପଥ ସିଂଗଡ଼ା ଗଳିପୋଲ ତଳ ସଂଯୋଗୀକରଣ ରାସ୍ତାରେ ନାରାୟଣଙ୍କ ବଡ଼ ପୁଅ କାର୍ତ୍ତିକ ଏକ ପିକଅପ (ଓଡି ୦୪ଇ୮ ୫୪୭) ନେଇ ଜୁଳିକୁ ଧକ୍କା ଦେଇଥିଲା। ତେବେ ଅନିତା ଡେଇଁ ପଡ଼ି ଅଳ୍ପକେ ବର୍ତ୍ତି ଯାଇଥିଲା। କିନ୍ତୁ ଘଟଣାସ୍ଥଳରେ ବୃଦ୍ଧାର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ପିକଅପଟି ଫେରାର ହୋଇଯାଇଥିଲା। ବାପ ପୁଅ ମିଶି ସମ୍ପତ୍ତି ଲୋଭରେ ମା'କୁ ଷଡ଼ଯନ୍ତ୍ର କରି ମାରିଦେଇଥିବାର ଅଭିଯୋଗ ଅନିତା ଥାନାରେ କରିଥିଲେ। ନରହନ୍ତା ନାତି ଫେରାର ହୋଇଯାଇଥିବା ବେଳେ ନାରାୟଣ ଓ ତାର ସାନପୁଅ ଗଣେଶକୁ ପୁଲିସ ଥାନାକୁ ଆଣି ତଦନ୍ତ ଚଳାଇଥିଲା। ଆଜି ତଦନ୍ତାଧିକାରୀ ସବଇନ୍ସପେକ୍ଟର ସୁମିତ କୁଜୁରୁ ଯାଜପୁରରୋଡ ଅଞ୍ଚଳରୁ ମୁଖ୍ୟ ଅଭିଯୁକ୍ତ କାର୍ତ୍ତିକକୁ ଗିରଫ କରିବା ସହ ପିକ୍‌ଅପକୁ ଥାନାକୁ ଆଣି ତଦନ୍ତ ଜାରି ରଖିଛି।

# ଶିଶୁ ମନ୍ଦିରରେ ମେଧାବୀ ସମ୍ମାନ ଉତ୍ସବ



**ପାଣିକୋଇଲି, ୨୦।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଗତ ଶିକ୍ଷାବର୍ଷ ୨୦୨୩-୨୪ ଓ ୨୦୨୪-୨୫ ଶିକ୍ଷାବର୍ଷର ବିଦ୍ୟାଳୟର ମେଧାବୀ (ଏ-ୱାନ) ଶିଶୁ ଭାଇ ଭଉଣୀ ତଥା ଏନ୍‌ଇଇଟି ପରୀକ୍ଷାରେ ପାସ୍ କରିଥିବା ଓ ଡାକ୍ତରୀ ବିଦ୍ୟା ପଢୁଥିବା ଭାଇ ଭଉଣୀମାନଙ୍କୁ ବୌଦ୍ଧିକ ମଣ୍ଡପଠାରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ବୃନ୍ଦାବନ ସାହୁ, ସମ୍ମାନୀତ ଅତିଥି ଭାବେ ସମ୍ପାଦକ ଦିଲ୍ଲୀପ ଧଳ, ଯୁଗ୍ମ ସମ୍ପାଦକ ରାଜ କିଶୋର ମଲ୍ଲିକ, ଉପସଭାପତି ଶଙ୍କର୍ଷଣ ପରିଡ଼ା, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ, ମୁଖ୍ୟ ବକ୍ତାଭାବେ ସମ୍ପାଦକ (ବିଦ୍ୱତ ପରିଷଦ) ସୁଧାଂଶୁଙ୍କର ବିଶ୍ୱାଳଙ୍କ ସମେତ ଯୁଗ୍ମ ସମ୍ପାଦକ ବୀରସିଂହ ଟିପ୍ପୁ, ଉପଦେଷ୍ଟା ଲମ୍ବୋଦର ସାହୁ ପ୍ରମୁଖ ଯୋଗଦେଇଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଡାକ୍ତରୀ ଛାତ୍ରୀ ବିଶ୍ୱଶ୍ରୀ ବିଶ୍ୱବନ୍ଦିତା ବରାଳ, ମିହିର କୁମାର ପଣ୍ଡା, ପ୍ରଜ୍ଞାପରାମିତା ରାଉତ ଏବଂ ୨୦୨୪-୨୫ ଏ-ୱାନ ଛାତ୍ର ସୌମ୍ୟଜିତ ପଣ୍ଡା, ଦୀପାଂଶୁ ଦାଶ, ସଙ୍ଗୀତାରାଣୀ ବେହେରା, ଶଭସ୍ମିତା ସ୍ୱାଇଁ ଓ ଅନୁପସ୍ଥିତ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୱତ ପରିଷଦର ସଞ୍ଚାଳକ ଲମ୍ବୋଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଚୋରି ଛେଳି ଉଦ୍ଧାର

**ପାଣିକୋଇଲି, ୨୦।୧୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଦୁର୍ଗା ମାର୍କେଟ ନିକଟରେ ଏକ ଟାଟା ଏସି ସିରିଜ ଦୁର୍ଘଟଣା ଘଟାଇ ଡିଭାଇଡର ଉପରେ ଚଢ଼ି ଯାଇଥିଲା। ଚାଳକର ଏତାଦୃଶ କାର୍ଯ୍ୟଦେଖି ସ୍ଥାନୀୟ ଲୋକମାନେ ରୁଣ୍ଡ ହୋଇଥିଲେ। ଚାଳକ ନିକଟରେ ଗାଡି ଭିତରେ ଏକ ଛେଳିଥିବା ଦେଖି ଏହା ଚୋରି ଛେଳି ବୋଲି ସନ୍ଦେହ ଉପୁଜିଥିଲା। ଖବରପାଇ ପୁଲିସ ଘଟଣାସ୍ଥଳେ ପହଞ୍ଚି ଚାଳକ, ଗାଡ଼ି ଓ ଛେଳିକୁ ନେଇ ତଦନ୍ତ ଜାରି ରଖିଛି।

## ୪୨ତମ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ




**ପାଣିକୋଇଲ, ୨୦।୧୨(ସମିସ):** କୋରେଇ ବ୍ଲକ ଆନୁକୂଲ୍ୟରେ ମା' ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଓଷ୍ଟାର ୪୨ତମ ବାର୍ଷିକ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୋରେଇ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଶିଶୁ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଓଷ୍ଟା ସଭାପତିଙ୍କପୌରୋହିତରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅକ୍ଷୟ କୁମାର ପରିଡ଼ା, ପୂର୍ବତନ ସଭାପତି ରବିନାରାୟଣ ପଣ୍ଡା, ରାଜ୍ୟ ଓଷ୍ଟା ସଭ୍ୟ ରମେଶ ବେହେରା, ଯାଜପୁର ଜିଲ୍ଲା ସମ୍ପାଦିକା ମମତା ମିଶ୍ର, ଶିକ୍ଷକ ଅଭୟ କୁମାର ମହାପାତ୍ର, ରାଜେନ୍ଦ୍ର କୁମାର ଦାସ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅବଦୁଲ ସୟଦ ଖାଁ, ଓଷ୍ଟା ସଭ୍ୟ ତାରିଣୀ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ବ୍ଲକ ଓଷ୍ଟା ସମ୍ପାଦକ ଶିଶୁ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ଓଷ୍ଟାର ସଭାପତି ସୁନନ୍ଦ କୁମାର ରାଉତ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ।

# ଯାଜପୁର ଜିଲ୍ଲା ଓଷ୍ଟାର ଶିଶୁ ଉତ୍ସବ

**ମଙ୍ଗଳପୁର, ୨୦।୧୨(ସମିସ)**




ଯାଜପୁର ଜିଲ୍ଲା ଓଷ୍ଟାର ୪୨ତମ ଶିଶୁ ଉତ୍ସବ ଓ ଆଲୋଚନାଚକ୍ର ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତ ଦାମୋଦରପୁର ରଘୁନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଉଦ୍‌ଘାଟନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା ଓଷ୍ଟା ସଭାପତି ସୁନନ୍ଦ କୁମାର ରାଉତ ସଂଘୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ କଳିଙ୍ଗ ନଗର ଜମି ଓ ବନ୍ଦୋବସ୍ତର ଅତିରିକ୍ତ ଆୟୋଗ ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ରାଜ୍ୟ ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର ବିଶିଷ୍ଟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ଓଷ୍ଟା ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ସମାଜସେବୀ ସୁରେନ୍ଦ୍ର କୁମାର ମହାଳିକ, ସମାଜସେବୀ ପଦ୍ମାକର ଗୁରୁ, ଭଦ୍ରକ ଜିଲ୍ଲା ଓଷ୍ଟା ସମ୍ପାଦକ ପ୍ରଭାତ କୁମାର ପାଣିଗ୍ରାହୀ, ସମାଜସେବୀ ସନାତନ ତ୍ରିପାଠୀ, ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା, ଯାଜପୁର ଜିଲ୍ଲା ଓଷ୍ଟା ସମ୍ପାଦକ ପବିତ୍ର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଦଶରଥପୁର ବ୍ଲକ ଓଷ୍ଟା ସଭାପତି ଶ୍ରୀକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ଓଷ୍ଟା ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟା କାଳୀନ ସଭା ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମାଜସେବା ବୈକୁଣ୍ଠ ପରିଡ଼ା, ରାଜ୍ୟ ଓଷ୍ଟା ସମ୍ପାଦକ ପ୍ରଣବ କୁମାର ଜେନା, ଓଷ୍ଟା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ରମେଶ ଚନ୍ଦ୍ର ବେହେରା, ରାଜ୍ୟ ଓଷ୍ଟା ସମ୍ପାଦକ ନିର୍ମଳ କୁମାର ଜେନା, ରାଧାକାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୧୦ଟି ବ୍ଲକରୁ ୨୦୦ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ କାର୍ଯ୍ୟକ୍ରମ ପରିଚୋଳନା କରିବାରେ ଦଶରଥପୁର ବ୍ଲକ ଓଷ୍ଟା ସଂଘ ସମ୍ପାଦକ ଦିଲ୍ଲୀପ କୁମାର ଦାସଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଓ ରଘୁନାଥ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ସହଯୋଗୀ କର୍ମଚାରୀ ସହଯୋଗ କରିଥିଲେ।

## ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ସୁକିନ୍ଦା/ହାତୀବାରି, ୨୦।୧୨(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ହାତୀବାରି ସ୍ଥିତ ନୋଡ଼ାଲ ବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ଏବଂ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଗତ ଦୁଇଦିନ ଧରି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ସେମାନଙ୍କ କଳା ଓ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ବିଭିନ୍ନ ବିଭାଗରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଉଦଯାପନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଂଶୀଧର ପରିଡ଼ା ମୁଖ୍ୟ ଅତିଥି, ପରିଚାଳନା କମିଟି ସଭାପତି ସବିତା ପରିଡ଼ା, କୁଳମଣୀ ଦାସ, ଶରତ ଚନ୍ଦ୍ର ସେଠୀ, ମନୋଜ କୁମାର ନାଥ, ଭ୍ରମରବର ନାୟକ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମମତା ମଞ୍ଜରୀ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ।

## ଅଭିନେତା ଶ୍ରୀନିବାସନଙ୍କ ପରଲୋକ



କୋଚି, ୨୦।୧୨(ଏଜେନ୍ସି): ଲୋକପ୍ରିୟ ମାଲାୟଲମ ଅଭିନେତା ଶ୍ରୀନିବାସନଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ସେ ଏକାଧାରରେ ଜଣେ ଅଭିନେତା ହେବା ସହ ନିର୍ଦ୍ଦେଶକ, ସ୍କ୍ରିନରାଇଟର, ପ୍ରଯୋଜକ ମଧ୍ୟ ଥିଲେ। ସେ ଆଜି ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ସମସ୍ୟା ଓ ହୃଦଘାତରେ ପୀଡିତ ଥିଲେ। ସେ କେରଳର ଏର୍ଣ୍ଣାକୁଲମ ଜିଲ୍ଲାର ଉଦୟାମପୁରସ୍ଥିତ ନିଜ ଘରେ ହିଁ ଚିକିତ୍ସିତ ହେଉଥିଲେ। ଶନିବାର ସକାଳେ ଡାଏଲିସିସ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଏହାପରେ ତାଙ୍କୁ କୋଚିର ତ୍ରିପୁନିଥୁରାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଓ ସେଠାରେ ହିଁ ସେ ପରଲୋକ ଗମନ କରିଥିଲେ। ୧୯୫୬ ଏପ୍ରିଲ ୬ରେ ସେ କେରଳର ଥାଲାସେରି ନିକଟସ୍ଥ ପଟ୍ଟାୟମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଜଣେ ସ୍କୁଲ ଶିକ୍ଷକ ଓ ମାତା ଜଣେ ଗୃହିଣୀ ଥିଲେ। ପାଠ ପଢ଼ା ସାରିବା ପରେ ସେ ଚେନ୍ନାଇର ଫିଲ୍ମ ଓ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟରୁ ସିନେମା ସମ୍ପର୍କରେ ଅଧ୍ୟୟନ କରିଥିଲେ। ନିଜର ସଫଳ କ୍ୟାରିଅରରେ ସେ ୨୨୫ଠାରୁ ଅଧିକ ସିନେମାରେ କାର୍ଯ୍ୟ କରିଛନ୍ତି।

## ଟ୍ରେନ୍‌ରେ କଟି ୩ ମୃତ

କୋଲକାତା, ୨୦।୧୨(ଏଜେନ୍ସି): ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ଶନିବାର ସକାଳେ ଟ୍ରେନ୍‌ରେ କଟି ୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଘନ କୁହୁଡି କାରଣରୁ ଏହି ଦୁର୍ଘଟଣା ଘଟିଥିଲା ବୋଲି କୁହାଯାଇଛି। ଏଥିରେ ୨ ଜଣ ଲୋକ ଆହତ ମଧ୍ୟ ହୋଇଛନ୍ତି। ଏମାନେ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତହେରପୁର ରାଲିରେ ଯୋଗ ଦେବାକୁ ବାହରି ଥିଲେ। ଏହି ଦୁର୍ଘଟଣା ତହେରପୁର ଓ ବଡ଼କୁଲ୍ଲା ଷ୍ଟେସନ ମଝିରେ ହିଁ ଘଟିଥିଲା। ଏଥିରେ ପ୍ରଧାନମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି। ପୁଲିସ ଦେଇଥିବା ସୂଚନା ଅନୁଯାୟୀ ୪୦ ଜଣ ବିଜେପି ସମର୍ଥକ ଏକ ବସ ଯୋଗୁଁ ମୁର୍ସିଦାବାଦରୁ ତହେରପୁର ଆସୁଥିଲେ। କିନ୍ତୁ ବସରୁ ୫ଜଣ ଓହ୍ଲାଇ ରେଳ ଲାଇନ ପାର କରି ଯିବାକୁ ପ୍ରୟାସ କରୁଥିଲେ। ହଠାତ ଟ୍ରେନ୍ ଆସିଥିଲା ଓ ଘନ କୁହୁଡି ଯୋଗୁଁ ସେମାନେ ନିଜକୁ ବଞ୍ଚାଇ ପାରିନଥିଲେ। ମୃତକଙ୍କୁ କ୍ରିଷ୍ଣାନଗର ଥାନାକୁ ନିଆଯାଇଛି ଓ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣା ପାଇଁ ତୃଣମୂଳ କଂଗ୍ରେସ ବିଜେପି ନେତୃତ୍ୱକୁ ସମାଲୋଚନା କରିଛି।

## ତୋଶାଖାନା ଦୁର୍ନୀତି ମାମଲା | ଇମ୍ରାନ, ପତ୍ନୀ ବୁଶ୍‌ରାଙ୍କୁ ୧୭ ବର୍ଷ ଜେଲ୍, ୧୬ କୋଟି ଜରିମାନା

ଇସଲାମାବାଦ୍, ୨୦।୧୨(ଏଜେନ୍ସି): ଜେଲରେ ବନ୍ଦୀ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ପାକସ୍ତାନ ତେହେରିକ-ଇ ଇନ୍‌ସାଫ ପାର୍ଟିର ପ୍ରତିଷ୍ଠାତା ତଥା ସୁପ୍ରିମୋ ଇମ୍ରାନ ଓ ତାଙ୍କ ପତ୍ନୀ ବୁଶରା ବିବିଙ୍କୁ ସରକାରୀ ଉପହାର ଦୁର୍ନୀତି-୨ ମାମଲାରେ ୧୭ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ହୋଇଛି। ଫେଡେରାଲ ଇନଭେଷ୍ଟିଗେସନ ଏଜେନ୍ସି (ଏଫ୍‌ଆଇଏ)ର ଏକ ସ୍ୱତନ୍ତ୍ର କୋର୍ଟ ଶନିବାର ଏହି ରାୟ ଶୁଣାଇଛନ୍ତି। ଦୁହିଁଙ୍କ ଉପରେ ୧୬.୪ କୋଟି ଟଙ୍କାର ଜରିମାନା ମଧ୍ୟ କରାଯାଇଛି।

ଏହି ମାମଲା ଏକ ଦାମୀ ବୁଲଗାରୀ ଘଡ଼ି ସେଟ୍ ସହିତ ଜଡିତ। ଏହି ଘଡ଼ି ସେଟ୍ ୨୦୧୮ରେ ସାଉଦି ରାଜକୁମାର ମହମ୍ମଦ ବିନ ସଲମାନ ଇମ୍ରାନଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ ଓ ଏହାର ମୂଲ୍ୟ ୨ କୋଟି ଟଙ୍କା ଥିଲା। ତେବେ ଏହି ଉପହାରର ପ୍ରକୃତ ମୂଲ୍ୟ ବିଷୟରେ ଇମ୍ରାନ ପାକିସ୍ତାନ ଅଭିଲେଖାଗାରକୁ ଜଣାଇ ନଥିଲେ। ସେ କହିଥିଲେ ଏହି ଘଡିର ମୂଲ୍ୟ ମାତ୍ର ୫ ଲକ୍ଷ ଟଙ୍କା। ଫଳରେ ଏହି ଘଡି ପାକିସ୍ତାନ ସରକାରୀ ରାଜକୋଷକୁ ଯାଇପାରି ନଥିଲା। ଇମ୍ରାନ ଏହାକୁ ବ୍ୟକ୍ତିଗତ ଭାବେ ବିକ୍ରି କରିବାକୁ ଚାହୁଁଥିଲେ। ରାୱଲପିଣ୍ଡିର ଆଦିଆଲା ଜେଲରେ ହୋଇଥିବା ସ୍ୱତନ୍ତ୍ର ଶୁଣାଣି ସମୟରେ ସ୍ୱତନ୍ତ୍ର ଜଜ୍ ଶାହରୁଖ ଅର୍ଜୁମନ୍ ଏହି ରାୟ ଶୁଣାଇଛନ୍ତି।



ଅନ୍ୟଏକ ଦୁର୍ନୀତି ମାମଲାରେ ଇମ୍ରାନ ୨୦୨୩ରୁ ଆଦିଆଲା ଜେଲ୍‌ରେ ରହିଛନ୍ତି। ଇମ୍ରାନ ୭୩ ବର୍ଷୀୟ ହୋଇଥିବାରୁ ଓ ବୁଶରା ଜଣେ ମହିଳା ହୋଇଥିବାରୁ ଦଣ୍ଡ କମ୍ କରାଯାଇଛି ବୋଲି କୁହାଯାଇଛି। ବୁଶରାଙ୍କ କାରଣରୁ ଇମ୍ରାନ ଏହି ଦୁର୍ନୀତି ମାମଲାରେ ଫସି ଯାଇଥିଲେ। ଉପହାର ସ୍ୱରୂପ ମିଳିଥିବା ଘଡ଼ିକୁ ଇମ୍ରାନ ପତ୍ନୀ ବୁଶରାଙ୍କୁ ଦେଇଥିଲେ। ବୁଶରା କିନ୍ତୁ ଏହି ଘଡ଼ିକୁ ନିଜର ଜଣେ ମନ୍ତ୍ରୀଙ୍କ ଦ୍ୱାରା ବିକ୍ରି କରିବାକୁ ଚେଷ୍ଟା କରିଥିଲେ। ନିୟମ ଅନୁସାରେ ଯଦି କୌଣସି ଉପହାରର ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଅଧିକ ହୁଏ, ତେବେ ଏହାକୁ ପ୍ରଧାନମନ୍ତ୍ରୀ କିମ୍ବା ରାଷ୍ଟ୍ରପତି କିଣିପାରିବେ। ଯଦି କେହି ନ କିଣନ୍ତି, ତେବେ ଏହାର ନିଲାମୀ ହୋଇଥାଏ। କିନ୍ତୁ ଇମ୍ରାନ ୨ କୋଟି ଟଙ୍କାର ଘଡିର ମୂଲ୍ୟକୁ କେତେବେଳେ ୫ ଓ କେତେବେଳେ ୭ ଲକ୍ଷ ଟଙ୍କା ବୋଲି କହିଥିଲେ। ସେ ଏହି ମୂଲ୍ୟରେ କ୍ରୟ କରି ତାକୁ ପ୍ରକୃତ ମୂଲ୍ୟ ଅର୍ଥାତ୍ ଦୁଇ କୋଟି ଟଙ୍କାରେ ବିକ୍ରି କରିଥିଲେ ଓ ଏହି ମାମାଲାରେ ଫସିଯାଇଥିଲେ। ଉଲ୍ଲେଖଥାଉ କି, ଇମ୍ରାନଙ୍କ ବିରୋଧରେ ୧୦୦ରୁ ଉର୍ଦ୍ଧ୍ୱ ମାମଲା ଚାଲୁଛି। ସେ ୨୦୨୩ ଅଗଷ୍ଟରୁ ଜେଲ୍‌ରେ ରହିଛନ୍ତି। ଦୁର୍ନୀତି ମାମଲାରେ ତାଙ୍କୁ ୧୪ ବର୍ଷ ଜେଲ ହୋଇସାରିଛି। ଏଥିରେ ସରକାରୀ ଉପହାର (ତୋଶାଖାନା ମାମଲା) ବିକ୍ରୟ ଓ ସରକାରୀ ଗୁପ୍ତତଥ୍ୟ ଲିକ୍ ମାମଲା ସାମିଲ ରହିଛି।

## ହାଦିଙ୍କର ଅନ୍ତିମ ସଂସ୍କାରରେ ଭାରତବିରୋଧୀ ସ୍ଲୋଗାନ

ଢ଼ାକା, ୨୦।୧୨(ଏଜେନ୍ସି): ବାଂଲାଦେଶରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧୀ ଭାବେ ପରିଚିତ ଥିବା ଛାତ୍ରନେତାଉସ୍ମାନହାଦିଙ୍କରଆଜିଅନ୍ତିମସଂସ୍କାରକରାଯାଇଛି। ଢାକା ବିଶ୍ୱବିଦ୍ୟାଳୟାରେ ଜାତୀୟ କବି କାଜି ନାଜରୁଲ ଇସଲାମଙ୍କ କବର ନିକଟରେ ତାଙ୍କୁ ସାମାଧି ଦିଆଯାଇଛି। ଏହାପୂର୍ବରୁ ଅପରାହ୍ଣ ୨.୩୦ରେ ସଂସଦ ଭବନର ସାଉଥ ପ୍ଲାଜାରେ ତାଙ୍କ ପାଇଁ ଜନାନା ନମାଜ ପାଠ କରାଯାଇଥିଲା। ତେବେ ଏହି ଅନ୍ତିମ ସଂସ୍କାର ବେଳେ ତାଙ୍କର ସମର୍ଥକମାନେ ଭାରତ-ବିରୋଧୀ ସ୍ଲୋଗାନ ଦେଉଥିବାର ଦେଖାଯାଇଥିଲା। ହାଦିଙ୍କ ହତ୍ୟାକାଣ୍ଡ ପଛରେ ଭାରତର ହାତ ରହିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି କାରଣରୁ ହାଦିଙ୍କ ସମର୍ଥକମାନେ ବାଂଲାଦଦେଶର ବିଭିନ୍ନ ସ୍ଥାନରେ ଭାରତୀୟ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରିଛନ୍ତି।

ଇତିମଧ୍ୟରେ ଇନ୍‌କିଲାବ ମଞ୍ଚର ନେତା ଅବଦୁଲ୍ଲା ଅଲ ଜାବେର ନାମଜ ପାଠ ପରେ ସମର୍ଥକଙ୍କୁ ଶାହାବାଗ ଯିବାକୁ ଆହ୍ୱାନ ଦେଇଥିଲେ। ଆମେ ଶୋକ କିମ୍ବା ଦୁଃଖ ପ୍ରକାଶ କରିବାକୁ ଆସିନାହୁଁ। ଆମେ ନ୍ୟାୟ ମାଗିବାକୁ ଆସିଛୁ। ହାଦିଙ୍କ ହତ୍ୟା ଘଟଣାର ଦୁଇ ସପ୍ତାହ ବିତି ଯାଇଥିଲେ ମଧ୍ୟ କାହାକୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ ବୋଲି ସେ କହିଥିଲେ। ଏହି ମାମଲାରେ ସରକାର ଗତ ୨୪ ଘଣ୍ଟା ମଧ୍ୟରେ କି ପଦକ୍ଷେପ ନେଇଛନ୍ତି ସେ ନେଇ ସ୍ୱଷ୍ଟ କରନ୍ତୁ ବୋଲି ସେ ଦାବି କରିଥିଲେ। ସେହିପରି ନମାଜ ପରେ ଅନ୍ତରୀଣ ସରକାରଙ୍କ ଉପଦେଷ୍ଟା ମହମ୍ମଦ ୟୁନୁସ ମଧ୍ୟ କହିଥିଲେ ଯେ ଯେପର୍ଯ୍ୟନ୍ତ ବାଂଲାଦେଶର ଅସ୍ଥିତ୍ୱ ରହିଛି, ସେ ପର୍ଯ୍ୟନ୍ତ ହାଦି ଆମ ହୃଦୟରେ ରହିଥିବେ। ସେ ଜଣେ ଉଦୀୟମାନ ଯୁବ ନେତା ଥିଲେ। ଏହାସହିତ ସେ ପ୍ରତିଶ୍ରୁତି ଦେଇଥିଲେ ଯେ ହାଦିଙ୍କ ହତ୍ୟାକାରୀଙ୍କୁ ଧରିବା ଲାଗି ଉଦ୍ୟମ କରାଯାଉଛି। ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ ଯେ ଆସନ୍ତା ଫେବୃଆରୀରେ ହେବାକୁ ଯାଉଥିବା ସଂସଦ ନିର୍ବାଚନରେ ହାଦୀ ସ୍ୱାଧୀନ ପ୍ରାର୍ଥୀ ଭାବେ

- **କାଜି ନଜରୁଲ ଇସ୍‌ଲାମଙ୍କ କବର ନିକଟରେ ସମାଧି**
- **ହିନ୍ଦୁ ଯୁବକଙ୍କ ଭିଡ଼ ହତ୍ୟା ମାମଲାରେ ୭ ଗିରଫ**

ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଘୋଷଣା କରିଥିଲେ। ୟୁନୁସ, ଖାଲେଦା ଜିଆଙ୍କ ବିଏନପି ଏବଂ କଠୋରପନ୍ଥୀ ଜମାତ ଇସଲାମୀ ସହ ତାଙ୍କର ମତାନ୍ତ ଥିଲା। ସେ ପାକିସ୍ତାନ ବା ଅନ୍ୟ କୌଣସି ରାଷ୍ଟ୍ରର ହସ୍ତକ୍ଷେପକୁ ପସନ୍ଦ କରୁନଥିଲେ। ଏହି କାରଣରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।

ଇତିମଧ୍ୟରେ ବାଂଲାଦେଶରେ ଗତକାଲି ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା ମାମଲାରେ ରାପିଡ ଆକ୍ସନ ବାଟାଲିଅନ (ଆରଏବି) ୭ ଜଣ ଲୋକଙ୍କୁ ଗିରଫ କରିଛି। ଆରଏବି-୧୪ ବିଭିନ୍ନ ସ୍ଥାନରେ ଚଢାଉ କରି ଏମାନଙ୍କୁ



ଗିରଫ କରିଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ଦୀପୁ ଏକ କାରଖାନାାରେ କାମ କରୁଥିଲେ। ସେ ତାଙ୍କ ପରିବାରର ଏକମାତ୍ର ରୋଜଗାର କରୁଥିବା ବ୍ୟକ୍ତି ଥିଲେ। ତାଙ୍କ ଉପରେ ତାଙ୍କ ଦିବ୍ୟାଙ୍ଗ ପିତା, ମାତା, ପତ୍ନୀ ଓ ପିଲା ନିର୍ଭର କରୁଥିଲେ। ଆନ୍ଧ୍ରପ୍ରଦେଶ ଉପ-ମୁଖ୍ୟମନ୍ତ୍ରୀ ପବନ କଲ୍ୟାଣ, କଂଗ୍ରେସ ବରିଷ୍ଠ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଏକ୍ସରେ ପୋଷ୍ଟ କରି ଏହି ଘଟଣାକୁ ନିନ୍ଦା କରିଛନ୍ତି। ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱାଧୀନ ବାଂଲାଦେଶର ଅନ୍ତରୀଣ ସରକାର ମଧ୍ୟ ଏହି ଘଟଣାକୁ ନନ୍ଦା କରିଛି। ଉଲ୍ଲେଖଥାଉ କି, ଆୱାମୀ ଲିଗ୍ ସୁପ୍ରିମୋ ଶେଖ ହସିନାଙ୍କୁ ଗାଦିଚ୍ୟୁତ କରିବା ପରେ ଭାରତ- ବିରୋଧୀ ହିଂସା କମିବାର ନା ନେଉନାହିଁ। ହସିନା ଭାରତରେ ଆଶ୍ରୟ ନେଇଥିବାରୁ ତାଙ୍କର ବିରୋଧୀମାନେ ଭାରତ ବିରୋଧରେ ବିଷ ଉଗାରୁଛନ୍ତି। ନିହତ ଯୁବ ନେତା ହାଦି ମଧ୍ୟ ଭାରତ ବିରୋଧରେ ବିସ୍ଫୋରକ ବୟାନ ଦେଉଥିଲେ।

## ବିପଦରେ ଜମ୍ମୁ-କଶ୍ମୀରର ରାଟଲ୍ ଜଳବିଦ୍ୟୁତ୍ ପ୍ରକଳ୍ପ

ଶ୍ରୀନଗର, ୨୦।୧୨(ଏଜେନ୍ସି): ଜମ୍ମୁ-କଶ୍ମୀରର କିସ୍ତୱାରରେ ଚେନାବ ନଦୀ ଉପରେ ନିର୍ମିତ ରାଟଲେ ଜଳବିଦ୍ୟୁତ ପ୍ରକଳ୍ପକୁ ନେଇ ଏବେ ବିପଦ ସୃଷ୍ଟି ହୋଇଛି। ଜମ୍ମୁ-କଶ୍ମୀର ପୁଲିସ ଦେଇଥିବା ସୂଚନା ଅନୁଯାୟୀ ଏହି ପ୍ରକଳ୍ପରେ କାର୍ଯ୍ୟରତ ୨୯ଜଣ ଶ୍ରମିକ ଆତଙ୍କବାଦୀଙ୍କ ସମ୍ପର୍କରେ ରହିଛନ୍ତି। ଏହି ଶ୍ରମିକମାନେ ଦେଶ ବିରୋଧୀ ଓ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି। ଏହି ଶ୍ରମିକମାନଙ୍କୁ ନିଯୁକ୍ତ ଦେବାର ନିଷ୍ପତ୍ତିକୁ ପୁନର୍ବିଚାର କରିବାକୁ ପୁଲିସ କମ୍ପାନୀକୁ କହିଛି। ଏହି ଶ୍ରମିକମାନେ ଏବେ ପ୍ରକଳ୍ପର ସୁରକ୍ଷା ନେଇ ଗମ୍ଭୀର ବିପଦ ସୃଷ୍ଟି କରିଛନ୍ତି। ଏଭଳି ଶ୍ରମିକଙ୍କ କାର୍ଯ୍ୟକଳାପ ଓ ଗତିବିଧି ଉପରେ କମ୍ପାନୀ ନଜର ରଖିବା ଉଚିତ ବୋଲି କୁହାଯାଇଛି। ଏହି ୮୫୦ ମେଗାୱାଟ୍‌ର ପ୍ରକଳ୍ପ ନ୍ୟାସନାଲ ହାଇଡ୍ରୋ ପାୱାର କର୍ପୋରେସନ ଲିମିଟେଡ (ଏନ୍‌ଏଚ୍‌ପିସିଏଲ୍) ଓ ଜମ୍ମୁ-କଶ୍ମୀର ସରକାରଙ୍କ ମିଳିତ ଉଦ୍ୟମରେ ନିର୍ମାଣ କରାଯାଉଛି। ୩, ୭୦୦ କୋଟି ଟଙ୍କା ବିନିମୟରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲିଛି। ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡ (ଏମ୍‌ଇଆଇଏଲ)କୁ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପରେ କାର୍ଯ୍ୟ କରୁଥିବା ୨୯ ଜଣ ଶ୍ରମିକଙ୍କ ମଧ୍ୟରୁ ୫ ଜଣ ସକ୍ରିୟ ଥିବା କିମ୍ବା ଆତ୍ମସମର୍ପଣ କରିଥିବା ଆତଙ୍କବାଦୀଙ୍କ ସମ୍ପର୍କୀୟ ବୋଲି ପୁଲିସ ଭେରିଫିକେଶନରେ ଜାଣିବାକୁ ପାଇଥିଲା। ଜଣେ କର୍ମଚାରୀଙ୍କ ଦାଦା ହିଜବୁଲ ମୁଝାହିଦ୍ଦିନର ଆତଙ୍କବାଦୀ ମହମ୍ମଦ ଅମିନ ବୋଲି ଜଣାପଡ଼ିଛି। ଏମ୍‌ଇଆଇଏଲ କମ୍ପାନୀ ମଧ୍ୟ ଏ ନେଇ ନିଜର ସ୍ୱଷ୍ଟୀକରଣ ଦେଇଛି। ଶ୍ରମିକମାନେ ନିଜେ ଆତଙ୍କବାଦୀ ହୋଇ ନଥିବାରୁ ସେମାନଙ୍କୁ ହଟାଇବା କଷ୍ଟକର। ଏମାନଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି ଆପରାଧିକ ମାମଲା ନାହିଁ। ତେବେ ଏମାନଙ୍କ ଉପରେ କଡ଼ା ନଜର ରଖାଯିବ ବୋଲି ଏମ୍‌ଇଆଇଏଲ ପୁଲିସକୁ ଆଶ୍ୱାସନା ଦେଇଛି।

## ଯାତ୍ରୀଙ୍କୁ ମାଡ଼ମାରି ପାଇଲଟ ନିଲମ୍ବିତ

ନୂଆଦିଲ୍ଲୀ, ୨୦।୧୨(ଏଜେନ୍ସି): ଦିଲ୍ଲୀ ବିମାନ ବନ୍ଦରର ଟର୍ମିନାଲ-୧ରେ ଦାୟିତ୍ୱରେ ନଥିବା ଜଣେ ପାଇଲଟ ଶୁକ୍ରବାର ଅଙ୍କିତ ଦିୱାନ ନାମକ ଜଣେ ଯାତ୍ରୀଙ୍କ ସହ ମାଡ଼ପିଟ୍ କରି ତାଙ୍କୁ ଲହୁଲୁହାଣ କରିଥିଲେ। ଏହାପରେ ଅଙ୍କିତ ସାମାଜିକ ଗଣମାଧ୍ୟମରେ ନିଜ ସହିତ ହୋଇଥିବା ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ସେ ନିଜର ଆହତ ହୋଇଥିବା ରକ୍ତାକ୍ତ ଚେହେରା ଓ ପାଇଲଟଙ୍କ ପୋଷାକ ମଧ୍ୟ ପୋଷ୍ଟ କରିଥିଲେ। ଘଟଣା ସାମ୍ନାକୁ ଆସିବା ମାତ୍ରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ (ଡିଜିସିଏ) ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛି। ଏଥିପାଇଁ ଏୟାର ଇଣ୍ଡିଆର ସମ୍ପୃକ୍ତ ପାଇଲଟ ବୀରେନ୍ଦ୍ର ସେଜୱାଲଙ୍କୁ ନିଲମ୍ବିତ କରାଯାଇଛି।



ପାଇଲଟ ଡ୍ୟୁଟିରେ ନଥିଲେ ବୋଲି ଏୟାର ଲାଇନ୍ସ ତରଫରୁ କୁହାଯାଇଛି। ସେ ଅନ୍ୟଏକ ବିମାନର ଯାତ୍ରୀ ଥିଲେ। ଆମେ ତାଙ୍କୁ ଦାୟିତ୍ୱରୁ ହଟାଇଛୁ ଓ ତଦନ୍ତ ଶେଷ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଘଟଣା ପରେ ଅଙ୍କିତ ଦିୱାନ ଏହି ଘଟଣା ପରେ ଏକ ପୋଷ୍ଟ ଲେଖିଛନ୍ତି। ଏହି ମାମଲାକୁ ରଫାଦଫା କରିବା ପାଇଁ ମୋ ଉପରେ ଚାପ ପ୍ରୟୋଗ କରାଯାଇଥିଲା। ଜବରଦସ୍ତି ମୋ ଦ୍ୱାରା ଏକ ଚିଠି ଲେଖାଯାଇଥିଲା। ଯଦି ମୁଁ ଏପରି ନ କରିଥାନ୍ତି ତେବେ, ମୋତେ ବିମାନ ଯାତ୍ରାରୁ ବଞ୍ଚିତ ହେବାକୁ ପଡ଼ିଥାନ୍ତା ବୋଲି ସେ କହିଛନ୍ତି।

## ୨୪ରେ ଇସ୍ରୋ ସବୁଠୁ ଶକ୍ତିଶାଳୀ ରକେଟ୍ ଉତ୍‌କ୍ଷେପଣ କରିବ

ନୂଆଦିଲ୍ଲୀ, ୨୦।୧୨(ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଖ୍ରୀଷ୍ଟମାସ ପୂର୍ବରୁ ଆସନ୍ତା ୨୪ ତାରିଖରେ ତା'ର ସବୁଠାରୁ ଶକ୍ତିଶାଳୀ ରକେଟ ମହାକାଶକୁ ଛାଡିବ ବୋଲି ଘୋଷଣା କରିଛି। ଏହାକୁ ଇସ୍ରୋର ବାହୁବଳୀ ରକେଟ ବା ଏଲ୍‌ଭିଏମ୍‌୩ (ଲଞ୍ଚ ଭେଇକଲ ମାର୍କ-୩) ବୋଲି କୁହାଯାଉଛି। ଏହି ରକେଟ ମାଧ୍ୟମରେ ଆମେରିକର ବ୍ଲୁବାର୍ଡ ବ୍ଲକ-୨ ନାମକ ଏକ ବିଶାଳ ବାଣିଜ୍ୟିକ ଉପଗ୍ରହକୁ ମହାକାଶକୁ ପଠାଯିବ। ଏହି ରକେଟର ଉଚ୍ଚତା ୪୩ ମିଟର ଓ ଓଜନ ୬୪୦ ଟନ ବୋଲି କୁହାଯାଇଛି। ଏହି ରକେଟ ୮, ୦୦୦ କେଜି ଓଜନର ଜିନିଷକୁ ଲୋ ଆର୍ଥ ଅର୍ବିଟକୁ ନେଇ ପାରିବ। ବ୍ଲୁବାର୍ଡ ବ୍ଲକ-୨ ଉପଗ୍ରହର ଓଜନ ପାଖାପାଖି ୬.୫ ଟନ ବୋଲି କୁହାଯାଇଛି। ୨୪ ତାରିଖ ୮.୫୪ ମିନିଟ୍‌ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାର ଦ୍ୱିତୀୟ ଲଞ୍ଚ ପ୍ୟାଡରୁ ଏହାକୁ ଛଡ଼ାଯିବ। ଦେଶବ୍ୟାପୀ ଥିବା ମହାକାଶପ୍ରେମୀ ଏହି ଉତ୍‌କ୍ଷେପଣ ପ୍ରକ୍ରିୟାର ସିଧାପ୍ରସାରଣ ଦେଖିପାରିବେ। ଏହି ମିଶନ ଏଲଭିଏମ୍-୩ ରକେଟର ଷଷ୍ଠ ଉଡାଣ କାର୍ଯ୍ୟକ୍ରମ ହେବ। ଇସ୍ରୋ ଏବେ ଏହାଠାରୁ ଅଧିକ ଶକ୍ତିଶାଳୀ ରକେଟ 'ସୂର୍ଯ୍ୟ (ଏନ୍‌ଜିଏଲ୍‌ଭି)' ଉପରେ କାର୍ଯ୍ୟ କରୁଛି। ଏହାର ଉଚ୍ଚତା ୯୨ ମିଟର ହେବ ଓ ଭବିଷ୍ୟତରେ ଏହା ଚନ୍ଦ୍ର ଅଭିଯାନରେ ସହାୟକ ହେବ। ଏହି ଐତିହାସିକ ମୁହୂର୍ତ୍ତକୁ ଶ୍ରୀହରିକୋଟାରେ ଥିବା ଲଞ୍ଚ ଭେଇକଲ ଗ୍ୟାଲେରୀରରେ ସିଧାସଳଖ ଦେଖିହେବ। ଏହାକୁ ୟୁଟ୍ୟୁବ ସମେତ ଅନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଦେଖିହେବ।

## ଆମେରିକା ଆକ୍ରମଣରେ ୭୦ ଆଇଏସ୍ ଆଡ୍ଡା ଧ୍ୱଂସ

ଡମାସ୍କସ, ୨୦।୧୨(ଏଜେନ୍ସି): ଆମେରିକା ଶୁକ୍ରବାର ପଶ୍ଚିମ ଏସିଆ ଦେଶ ସିରିଆରେ ଜଣାଶୁଣା ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍ ସହିତ ଜଡିତ ୭୦ଟି ଠିକଣା ଉପରେ ଆକ୍ରମଣ କରି ସେଗୁଡିକୁ ଧ୍ୱଂସ କରିଛି। କିଛିଦିନ ତଳେ ସିରିଆରେ ଦୁଇଜଣ ଆମେରିକୀୟ ସୈନ୍ୟ ଓ ଜଣେ ଟ୍ରାନ୍ସଲେଟରଙ୍କୁ ମାରିଦିଆଯିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନକୁ 'ଅପରେସନ ହକ୍‌ଆଇ' ନାମ ଦିଆଯାଇଛି। ମୃତ୍ୟୁବରଣ କରିଥିବା ଦୁଇ ଆମେରିକୀୟ ସୈନିକ ଆୟୋବା ରାଜ୍ୟର ବାସନ୍ଦା। ଆୟୋବା ରାଜ୍ୟକୁ 'ହକ୍‌ଆଇ ଷ୍ଟେଟ୍' କୁହାଯାଇଥାଏ। ଏଥିପାଇଁ ଏହା 'ଅପରେସନ ହକ୍‌ଆଇ' ନାମ ଦିଆଯାଇଛି। ଆମେରିକା କହିବା ଅନୁସାରେ ଆତଙ୍କବାଦୀ ରହୁଥିବା ଠିକଣା ଅସ୍ତ୍ରଶସ୍ତ୍ର ରଖାଯାଉଥିବା ଗୋଦାମ ଉପରେ ହିଁ ଆକ୍ରମଣ କରାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏହି ଅପରେସନ ନେଇ ନିଜର ପ୍ରତିକ୍ରିୟା ପକାଶ କରିଛନ୍ତି। ନିଜ ପ୍ରତିଶ୍ରୁତି ପୂରଣ କରିଛି ବୋଲି ସେ କହିଛନ୍ତି। ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ପିଟି ହେଗସେଥ କହିଛନ୍ତି ଯେ, ପ୍ରତିଶୋଧ ସ୍ୱରୂପ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଏହା କୌଣସି ନୂଆ ଯୁଦ୍ଧର ଆରମ୍ଭ ନୁହଁ ବୋଲି ସେ ସ୍ୱଷ୍ଟ କରିଛନ୍ତି। ଯେଉଁମାନେ ଆମେରିକା ସୈନ୍ୟକୁ ମାରିଛନ୍ତି ସେମାନଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଥିଲା ବୋଲି ସେ ସ୍ୱଷ୍ଟ କରିଛନ୍ତି। ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକା ନିଜ ନାଗରିକ ତଥା ସୈନ୍ୟଙ୍କ ରକ୍ଷା ପାଇଁ କେବେ ପଛକୁ ହଟିବା ନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଡିସେମ୍ବର ୧୩ରେ ଦୁଇଜଣ ଆମେରିକୀୟ ସୈନ୍ୟ ଓ ଜେଟ ଟ୍ରାନ୍ସଲେଟରଙ୍କୁ ଆକ୍ରମଣ କରାଯାଇ ମାରି ଦିଆଯାଇଥିଲା। ଅବଶ୍ୟ ଆଇଏସ୍‌ଆଇଏସ୍ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରି ନଥିଲା। ଏହାପରେ ଆମେରିକା କିଛି ଜବାବ ଦେବ ବୋଲି ଆଶଙ୍କା ମଧ୍ୟ କରାଯାଉଥିଲା। ଆକ୍ରମଣକାରୀଙ୍କୁ ଆମେରିକା ଜବାବ ଦେଉଛି ବୋଲି ଟ୍ରମ୍ପ କହିଛନ୍ତି।

## ଅନୁପ୍ରବେଶକାରୀଙ୍କୁ କିଏ ଦେଉଥିଲା ଶରଣ?

ନୂଆଦିଲ୍ଲୀ, ୨୦।୧୨(ଏଜେନ୍ସି): ବର୍ଷ ବର୍ଷ ଧରି କଂଗ୍ରେସ କରିଥିବା ତ୍ରୁଟିକୁ ଆମେ ସୁଧାରିବାକୁ ପ୍ରୟାସ କରୁଛୁ। ଭୋଟ ବ୍ୟାଙ୍କ ପାଇଁ କଂଗ୍ରେସ ଅନୁପ୍ରବେଶକାରୀଙ୍କୁ ଯୋଜନାବଦ୍ଧ ଭାବେ ଶରଣ ଦେଉଥିଲା। କିନ୍ତୁ ଆମେ ସେମାନଙ୍କୁ ହଟାଇବାକୁ ପ୍ରୟାସ କରୁଛୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୌହାଟୀର ଏକ ରାଲିରେ ଭାଷଣ ଦେବା ଅବସରରେ କହିଛନ୍ତି। କଂଗ୍ରେସ ସବୁବେଳେ ଆସାମର ବିରୋଧରେ କାର୍ଯ୍ୟ କରିଆସୁଛି। ଅନୁପ୍ରବେଶକାରୀଙ୍କୁ ଶରଣ ଦେବା ଫଳରେ ରାଜ୍ୟରେ ଜନସଂଖ୍ୟାରେ ଆଶାତୀତ ପରିବର୍ତ୍ତନ ହୋଇଛି। ଏବେ ଏହା ଆସାମର ସୁରକ୍ଷା ସାଙ୍ଗକୁ ରାଜ୍ୟର ପରିଚୟକୁ ବିପଦରେ ପକାଇଛି। ଏହିକ୍ରମରେ ସେ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱାଧୀନ ଆସାମ ସରକାରଙ୍କୁ ପ୍ରଶଂସା କରିଛନ୍ତି। ଦେଶ ବିରୋଧୀ ଲୋକଙ୍କ କବଳରୁ ସରକାର ଆସାମର ସମ୍ବଳକୁ ମୁକ୍ତ କରିବାକୁ କଠିନ ପରିଶ୍ରମ କରୁଛନ୍ତି। ମୋଦୀ ଦୁଇଦିନିଆ ଗସ୍ତରେ ଆସାମ ଯାଇଛନ୍ତି। ସେ ଗୌହାଟୀରେ ଲୋକପ୍ରିୟ ଗୋପୀନାଥ ବୋର୍ଦୋଲୋଇ ଅନ୍ତର୍ଜାତୀୟ ବିମାନ ବନ୍ଦରର ନୂତନ ଟର୍ମିନାଲ ଉଦ୍‌ଘାଟନ କରିଛନ୍ତି। ଏହା ଦେଶର ପ୍ରଥମ ପ୍ରକୃତି-ଥିମ ବିଶିଷ୍ଟ ବିମାନ ବନ୍ଦରର ଟର୍ମିନାଲ ବିବେଚିତ ହେଉଛି। ଏହାର ଥିମ ବାଉଁଶ ବଗିଚା ଉପରେ ନିର୍ମିତ ହୋଇଛି। ମୋଦୀ ରବିବାର ଆସାମରେ ୧୫, ୬୦୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ସେ ଗୋପୀନାଥ ବୋର୍ଦୋଲୋଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହାପୂର୍ବରୁ ସେ ପଶ୍ଚିମବଙ୍ଗରେ ରାଲିରେ ଯୋଗ ଦେଇ ମମତା ବାନାର୍ଜୀଙ୍କ ସରକାରକୁ ସମାଲୋଚନା କରିଥିଲେ। ରାଜ୍ୟରେ ତୃଣମୂଳ କଂଗ୍ରେସ ସରକାର ଜନତାଙ୍କୁ ଲୁଟପାଟ୍ କରିବା ସହ ଡରାଇବାର ସବୁ ସୀମା ପାରକରିଛି।




## ଧରାପଡ଼ିଲା କ୍ଲିଣ୍ଟନଙ୍କ କାରନାମା; ଏପ୍‌ଷ୍ଟିନ ଫାଇଲରୁ ଟ୍ରମ୍ପ ଗାଏବ୍

ୱାଶିଂଟନ, ୨୦।୧୨ (ଏଜେନ୍ସି): ବିଶ୍ୱରେ ଚହଳ ପକାଇଥିବା ବହୁ ଚର୍ଚ୍ଚିତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍‌ଙ୍କ ଫାଇଲ ଖୋଲିଛି। ଏହା ଅନେକ ବଡ଼ ବଡ଼ ବ୍ୟବସାୟୀ,ନେତା ଓ ସେଲିବ୍ରିଟିଙ୍କ କଳା କାରନାମାର ଗୁମର ଖୋଲି ଦେଇଛି। ଭାରତୀୟ ସମୟ ଶୁକ୍ରବାର ରାତି ୨ଟା୩୦ରେ ଆମେରିକା ନ୍ୟାୟ ବିଭାଗ ଏହି ଯୌନ କେଲେଙ୍କାରୀରେ ଯୌନ ପିପାସୁ ଏପଷ୍ଟିନଙ୍କ ସହ ଜଡ଼ିତ ୩ ଲକ୍ଷ ଦଲିଲକୁ ୭ଟି ସେଟ୍‌ରେ ଜାରି କରିଛି। ଆହୁରି କିଛି ଫାଇଲ ଜାରି କରାଯିବ ବୋଲି କୁହାଯାଇଛି। ଏଥିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମେତ ଅନେକ ହାଇପ୍ରୋଫାଇଲ ବ୍ୟବସାୟୀ, ସେଲିବ୍ରିଟି, ଶିକ୍ଷାବିତ ଏବଂ ରାଜନେତାଙ୍କ ନାମ ରହିଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ, ପପ୍ ସିଙ୍ଗର ମାଇକେଲ ଜ୍ୟାକସନ, ହଲିଉଡ ଅଭିନେତା କ୍ରିସ ଟକ୍କର, କେଭିନ ସ୍ପେସି, ଆମେରିକୀୟ ଉପସ୍ଥାପକ ଓପ୍ରା ୱିନଫ୍ରେ, ଆରବପତି ରିଚାର୍ଡ ବ୍ରେସନନ, ବ୍ରିଟେନ ରାଜକୁମାର ଆଣ୍ଡ୍ରୁ ଏବଂ ତାଙ୍କ ପତ୍ନୀ ସାରା ଫର୍ଗୁସନ ପ୍ରମୁଖ ସାମିଲ ଅଛନ୍ତି। ଏହି ଦଲିଲର ପ୍ରଥମ ୭ ପୃଷ୍ଠାରେ ମସାଜ ଦେଉଥିବା ୨୫୪ ମହିଳାଙ୍କ ନାମ ରହିଛି। ତେବେ ସେମାନଙ୍କ ପରିଚୟ ପ୍ରକାଶ କଲେ ବିପଦ ଥିବାରୁ ମୁହଁକୁ କଳା କରିଦିଆଯାଇଛି।

କିଛି ଫଟୋରେ ଯୁବତୀଙ୍କ ସହ କ୍ଲିଣ୍ଟନ ଗାଧୋଉଥିବା ଏବଂ ପାର୍ଟି କରୁଥିବା ଦେଖାଯାଉଛି। ଆଉ କିଛି ଫଟୋରେ ସେ ଯୁବତୀଙ୍କ ସହ ହଟ୍-ଟବରେ ନଜର ଆସୁଛନ୍ତି। କିନ୍ତୁ ଉକ୍ତ ଯୁବତୀଙ୍କ ଫଟୋକୁ କଳା କରିଦିଆଯାଇଛି। ଅନ୍ୟ ଏକ ଫଟୋରେ ଏପଷ୍ଟିନଙ୍କ ସହଯୋଗୀ ଘିସଲାନୀ ମାକ୍ସୱେଲଙ୍କ ସହ କ୍ଲିଣ୍ଟନ ପହଁରୁ ଥିବା ଦେଖାଯାଉଛି। ସେହିପରି ମିକି ଜାଗର ଏବଂ ମାଇକେଲ ଜ୍ୟାକସନଙ୍କୁ ଏକାଠି ଦେଖିବାକୁ ମିଳୁଛି। ବ୍ରିଟିଶ ଯୁବରାଜ ଆଣ୍ଡ୍ରୁ ୫ ମହିଳାଙ୍କ କୋଳରେ ଶୋଇଥିବା ଦେଖାଯାଉଛି। ତାଙ୍କ ପତ୍ନୀ ସାରାଙ୍କୁ ଅନ୍ୟ ଜଣେ ମହିଳାଙ୍କ ସହ ଦେଖାଯାଇଛି। ଏପଷ୍ଟିନର କୋଳରେ ନାବାଳିକା ବସିଥିବା ନଜର ଆସୁଛି। ଏପିଷ୍ଟନ ଫାଇଲକୁ ୪ଟି ସେଟ୍‌ରେ ଜାରି କରାଯାଇଛି। ଏଥିରେ ୩.୫୦୦ରୁ ଅଧିକ ଫାଇଲ ଏବଂ ୨.୫ ଜିବିର ଫଟୋ ସାମିଲ ରହିଛି। ୯୫ ହଜାରରୁ ଅଧିକ ଫଟୋ ଥିବା କୁହାଯାଉଛି। ଏହି ଖୁଲାସାର କି ପ୍ରଭାବ ପଡ଼ିବ ତାହା ଏ ପର୍ଯ୍ୟନ୍ତ ସ୍ୱଷ୍ଟ ହୋଇନାହିଁ। ତେବେ ଜାତୀୟ ସୁରକ୍ଷା ସହ ଜଡ଼ିତ ଥିବାରୁ ଆଉ କିଛି ଫାଇଲକୁ ରୋକି ଦିଆଯାଇଛି ବୋଲି

- **ଯୁବତୀଙ୍କ ସହ ହଟ୍-ଟବରେ ବିଲ୍ କ୍ଲିଣ୍ଟନ**
- **ମାଇକେଲ ଜ୍ୟାକ୍‌ସନଙ୍କ ଫଟୋ ଭାଇରାଲ**

ଆମେରିକା ନ୍ୟାୟ ବିଭାଗ କହିଛି। ଫାଇଲ୍ସରେ ଥିବା କଣ୍ଟାକ୍ଟ ବୁକ୍‌ରେ ଟ୍ରମ୍ପଙ୍କ ନାମ ମଧ୍ୟ ରହିଛି। ତେବେ ଏହି ବୁକ୍ କାହାର ତାହା ଜଣାପଡ଼ି ନାହିଁ। ପୂର୍ବରୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହି ଯୌନ ଅପରାଧୀ ଏପଷ୍ଟିନର ଘନିଷ୍ଠ ସହଯୋଗୀ ଥିଲେ। ସେ ଅନେକ ମାସ ପର୍ଯ୍ୟନ୍ତ ଏହି ଫାଇଲକୁ ଜାରି ନ କରିବା ପାଇଁ ଲଢେଇ ଲଢ଼ି ଥିଲେ। ମାତ୍ର ଯୌନକର୍ମୀ ଚାଲାଣ ମାମଲାରେ ଜେଲ୍‌ରେ ଥିବାବେଳେ ୨୦୧୯ ରେ ନ୍ୟୁୟର୍କ ଜେଲ୍‌ରେ ଏପଷ୍ଟିନ ଆତ୍ମହତ୍ୟା କରିଥିବା ଖବର ଆସିଥିଲା। କିନ୍ତୁ ସେ ସମୟରେ ଜେଲ୍‌ର ସ୍ଥିତିକୁ



ଦେଖିଲେ ଏହା ହତ୍ୟାକାଣ୍ଡ ଭଳି ମନେ ହୁଏ। କାରଣ ଏହି ଘଟଣା ଦିନ କୌଣସି ସିସିଟିଭି କାମ କରୁ ନ ଥିଲା। କୌଣସି ସୁରକ୍ଷାକର୍ମୀ ସେଲ୍ ଭିତରେ ନ ଥିଲେ। ତେଣୁ ଏହି ମାମଲାକୁ ଚପାଇବା ପାଇଁ ଜେଲ୍‌ରେ ଏପଷ୍ଟିନଙ୍କୁ ହତ୍ୟା କରାଯାଇଥିବା କୁହାଯାଉଛି।

ଏହି ଏପଷ୍ଟିନ ଫାଇଲ ଜାରି କରିବା ପାଇଁ ଟ୍ରମ୍ପଙ୍କ ଉପରେ ଚାପ ପଡ଼ିଥିଲା। ବିରୋଧୀଙ୍କ ସହିତ ଟ୍ରମ୍ପଙ୍କ ନିଜ ଦଳ ରିପବ୍ଲିକାନ ମଧ୍ୟ ଏହା ସପକ୍ଷରେ ଗୃହରେ ଭୋଟ କରିଥିଲା। ବହୁମତରେ ବିଲ୍ ପାରିତ ହୋଇଥିବା ଟ୍ରମ୍ପ ଏହାକୁ ରୋକି ପାରି ନ ଥିଲେ। ଏଥିପାଇଁ ବ୍ରିଟେନ ରାଜା ମଧ୍ୟ ଚାପ ପକାଇଥିବା କୁହାଯାଉଥିଲା। ସେଥିପାଇଁ ଟ୍ରମ୍ପ ବ୍ରିଟେନ ଗସ୍ତରେ ଯାଇ ରାଜା ଚାର୍ଲ୍ସଙ୍କୁ ଭେଟିଥିଲେ। କିନ୍ତୁ ଏହାର କୌଣସି ଲାଭ ମିଳି ନ ଥିଲା। ଏହି ଫାଇଲରେ ବ୍ରିଟେନ ଯୁବରାଜ ଆଣ୍ଡ୍ରୁଙ୍କ ନାମ ରହିଛି। ପରିବାର ଇଜ୍ଜତ ତଳେ ପଡ଼ିଯିବ ବୋଲି ବ୍ରିଟେନ ରାଜା ମଧ୍ୟ ଏହାକୁ ରୋକିବାକୁ ପ୍ରୟାସ କରିଥିବା ଚର୍ଚ୍ଚା ହେଉଛି।



# ଖୁବ୍ ଶୀଘ୍ର ପ୍ରେକ୍ଷାଳୟରେ 'ଚକ୍ରାନ୍ତ'

ପରିବାର ଛାଡ଼ି ଅନେକ ବାହାରକୁ ଆସନ୍ତି । କିଏ ପାଠ ପଢ଼ିବା ଲକ୍ଷ୍ୟରେ ତ କିଏ ଚାକିରି କରିବା ଉଦ୍ଦେଶ୍ୟରେ । ମାତ୍ର ଅନେକ ସମୟରେ ଆମ ଜୀବନର ପ୍ରକୃତ ଲକ୍ଷ୍ୟକୁ ପଛରେ ଛାଡ଼ି ସମୟ, ପରିସ୍ଥିତି ସହ ଆମେ ଭିନ୍ନ ମୋଡ଼ରେ ପାଦ ଦେଇଥାଉ । ଖୁବ୍ ଶୀଘ୍ର ପ୍ରେକ୍ଷାଳୟକୁ ଆସୁଥିବା 'ଚକ୍ରାନ୍ତ' ଚଳଚ୍ଚିତ୍ରରେ ମଧ୍ୟ ଏଭଳି କିଛି କାହାଣୀ ଦେଖିବାକୁ ମିଳିବ । ଏହି ସିନେମାଟି ଆସନ୍ତା ଜାନୁଆରୀ ମାସରେ ମୁକ୍ତିଲାଭ କରିବାକୁ ଯାଉଛି। ରହସ୍ୟ ଓ ରୋମାନ୍ସରେ ଭରା ଏଇ ଫିଲ୍ମଟି ହେଉଛି ଗୋଟିଏ ସମ୍ପୂର୍ଣ୍ଣ ଏଣ୍ଟରଟେନମେଣ୍ଟ ପ୍ୟାକେଜ୍ । ଯେଉଁଥିରେ ଭରପୂର କମେଡି ଅଛି । ବିଶେଷକରି ଏହି କାହଣୀ ସବୁ ବର୍ଗର ଦର୍ଶକଙ୍କୁ ପ୍ରେକ୍ଷାଳୟରେ ବାନ୍ଧି ରଖିପାରିବ ବୋଲି ପ୍ରଯୋଜନା ସଂସ୍ଥା ଆଶାବାଦୀ ଅଛି । 'ଲକ୍ଷେଶ୍ୱର ପ୍ରଡ଼କସନ୍' ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରରେ ପ୍ରଥମଥର ପାଇଁ ଭୂମିକାଙ୍କ ସହିତ ନାୟକ ଶୁଭାଶିଷ ଶର୍ମା ଓରଫ୍ ମଣ୍ଟୁ ନଜର ଆସୁଛନ୍ତି । 'ଚକ୍ରାନ୍ତ'ର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ପିନୁ ନାୟକ । କାହାଣୀ ରଚନାରେ ଦିଶା ପାଢ଼ୀ ଥିବା ବେଳେ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ । ଚଳଚ୍ଚିତ୍ରରେ ଅନ୍ୟମାନଙ୍କ ମଧ୍ୟରେ ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ୍ ପାଢ଼ୀ, ସୁମନ ମହାନ୍ତି ପ୍ରମୁଖଙ୍କ ସହ ଅତିଥି କଳାକାର ଭାବେ ଅଶ୍ରୁମୋଚନ ମହାନ୍ତି ଅଭିନୟ କରିଛନ୍ତି । ■


# ବ୍ରହ୍ମପୁରର ପର୍ଶୁ

କେକେ ଜଣେ ଉଚ୍ଚକୋଟୀର ଅଭିନେତା । ସେ ଯେଉଁ ଚରିତ୍ରରେ ଅଭିନୟ କରନ୍ତି, ଦର୍ଶକଙ୍କ ହୃଦୟରେ ଏକ ନିଆରା ଛାପ ଛାଡ଼ି ଯାଆନ୍ତି । ଆଗାମୀ ଚଳଚ୍ଚିତ୍ର 'ଲଢେଇ'ରେ ତାଙ୍କୁ ସେମିତି ଏକ ଦମ୍‌ଦାର ଚରିତ୍ର ମିଳିଛି । ପର୍ଶୁ ଜେନା ଯିଏ କି ଚଳଚ୍ଚିତ୍ରର ମୁଖ୍ୟ ଖଳନାୟକ । ବ୍ରହ୍ମପୁର ସହର ତା' କଥାରେ ଚାଲେ । ରାଜନୈତିକ ମହଲରେ ବି ତା'ର ବେଶ୍ ଭଲ ହାତ । ନାୟକ ସହିତ ତା'ର ସାଙ୍ଗମାନେ ପରିସ୍ଥିତିରେ ପଡ଼ି ପର୍ଶୁ ଜେନା ଗ୍ୟାଙ୍ଗରେ ଯୋଗ ଦିଅନ୍ତି । ପର୍ଶୁ ସେମାନଙ୍କୁ ଶରଣ ଦିଏ, କାମ ଦିଏ । କିନ୍ତୁ ଏଭଳି ସମୟ ଆସେ ସେମାନେ ପର୍ଶୁକୁ ଆଉ ମାନନ୍ତି ନାହିଁ । ଏଇଠାରୁ କାହାଣୀ ମୋଡ଼ ନିଏ । ଆଗକୁ କ'ଣ ଘଟେ, ତାହା ଫିଲ୍ମ ଦେଖିଲା ପରେ ଦର୍ଶକେ ଜାଣି ପାରିବେ । ଡିସେମ୍ବର ୩୧ରେ ସିନେମା 'ଲଢ଼େଇ' ମୁକ୍ତିଲାଭ କରୁଛି । ନିଜ ଚରିତ୍ରକୁ ଯଥେଷ୍ଟ ନ୍ୟାୟ ଦେବାକୁ ସେ ଚେଷ୍ଟା କରିଛନ୍ତି ଏବଂ ଦର୍ଶକଙ୍କୁ ଏହା ଭଲ ଲାଗିବ ବୋଲି କେକେ କହିଛନ୍ତି । ■



# ଏଥର '୪ ଇଡିୟଟ୍ସ'

ନିର୍ଦ୍ଦେଶକ ରାଜକୁମାର ହିରାନୀଙ୍କ ଫିଲ୍ମ 'ଥ୍ରୀ ଇଡିୟଟସ୍'କୁ ଲୋକେ ଏବେ ବି ଦେଖିବାକୁ ପସନ୍ଦ କରୁଛନ୍ତି । ଏହାରି ଭିତରେ ଏହାର ସିକ୍ୱେଲକୁ ନେଇ ଚର୍ଚ୍ଚା ହେଉଥିଲା । ଏବେ ନିର୍ମାତା ଏହାର ସିକ୍ୱେଲର ଅସ୍ଥାୟୀ ନାମକରଣ କରିଛନ୍ତି । ଏହାର ନାଁ '୪ ଇଡିୟଟସ୍' ରଖାଯାଇଛି । ଆଗକୁ ଏହାର ନାଁରେ





ପରିବର୍ତ୍ତନ ବି ହୋଇପାରେ । ଯଦିଓ ସିକ୍ୱେଲର କାହାଣୀ ପୂର୍ବରୁ ସ୍ଥିର ହୋଇସାରିଛି, ତଥାପି ୨୦୨୬ରେ ଏହାର ସୁଟିଂ ଆରମ୍ଭ ହେବା କୁହାଯାଉଛି । ସେହିପରି ସିକ୍ୱେଲରେ ଚତୁର୍ଥ ଇଡିୟଟ୍‌ର ସନ୍ଧାନରେ ଏବେ ଏହାର ନିର୍ମାତା ଅଛନ୍ତି । ପ୍ରଥମ ଭାଗ ତୁଳନାରେ ଏହାର ସିକ୍ୱେଲ ଯେଭଳି ଅଧିକ ଭଲ ହେବ, ସେ ଦିଗରେ ପ୍ରଚେଷ୍ଟା ଚାଲିଛି । ଅନ୍ୟପଟେ ୨୦୦୯ ମସିହାରେ ମୁକ୍ତିଲାଭ କରିଥିଲା । ଏହାର ମୁଖ୍ୟ ଚରିତ୍ରରେ ଅମିର ଖାନ, ଆର୍ ମାଧବନ, ଶରମନ ଯୋଶୀ ଏବଂ କରିନା କପୁର ସାମିଲ ଥିଲେ । ବକ୍ସ ଅଫିସ୍‌ରେ ଏହା ପ୍ରାୟ ୨୦୦ କୋଟିର ବ୍ୟବସାୟ କରିଥିଲା । ■

# 'ଫି' ପାଇଁ ଚର୍ଚ୍ଚାରେ ସନ୍ନି



ଖୁବ୍ ଶୀଘ୍ର ଆସିବାକୁ ଯାଉଛି ହିନ୍ଦୀ ସିନେମା 'ବର୍ଡର-୨' । ଏହା ୧୯୯୭ ମସିହାରେ ସୁପରହିଟ୍ ଫିଲ୍ମ 'ବର୍ଡର'ର ସିକ୍ୱେଲ । ଏହି ସିନେମାରେ ଜଣେ କଳାକାରଙ୍କ ପାରିଶ୍ରମିକକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି । ତେବେ ଫିଲ୍ମର ମୁଖ୍ୟ ଚରିତ୍ରରେ ସନ୍ନି ଦେଓ୍ୱଲ ନଜର ଆସିବେ । ଏହି ସିନେମାରେ ସେ ସବୁଠୁ ଅଧିକ ପାରିଶ୍ରମିକ ଦାବି କରିଥିବା କୁହାଯାଉଛି । ଏପରିକି ଉକ୍ତ ସିନେମାର ସେ ହେଲେ ଦାମୀ ଅଭିନେତା । ସେ ୫୦ କୋଟି ଟଙ୍କା ନେବେ । ତାଙ୍କର ଏହି ଫି' 'ବର୍ଡର' ସିନେମା ତୁଳନାରେ ୪୦ ଗୁଣ ଅଧିକ । ବରୁଣ ଏବଂ ଦିଲଜିତ୍ ମଧ୍ୟ 'ବର୍ଡର ୨' ସିନେମାରେ ନଜର ଆସିବେ । ଏହି ୱାର୍ ସିନେମା ଲାଗି ବରୁଣଙ୍କୁ ୧୫-୨୦ କୋଟି ଟଙ୍କା ଦିଆଯିବ । ସେହିପରି ଦିଲଜିତ୍‌ଙ୍କୁ ପ୍ରାୟ ୧୦ କୋଟି ଦିଆଯିବ । ଅନ୍ୟପଟେ ଏହି ସିନେମାଟି ୨୦୨୬ ମସିହା ଜାନୁଆରୀ ୨୩ ତାରିଖରେ ପ୍ରେକ୍ଷାଳୟକୁ ଆସିବ । ■

ସାକ୍ଷାତକାର

**ଅନେକେ ପିଲାଦିନେ କଳାକାର ହେବାକୁ ସ୍ୱପ୍ନ ଦେଖନ୍ତି । କାହାର ସ୍ୱପ୍ନ ସାକାର ହୁଏ ଆଉ କାହାର ସ୍ୱପ୍ନ ସ୍ୱପ୍ନ ଧାରେ ରହିଯାଏ । ତେବେ ସଫଳ କଳାକାର ହେବାକୁ ବେଶ୍ ପରିଶ୍ରମ ଓ ସାଧନା କରିବାକୁ ପଡ଼ିଥାଏ । ଏମିତି ଜଣେ କଳାକାର ହେଉଛନ୍ତି ରସୁଲଗଡ଼ର ରୋଶନ ରାଉତ, ଯିଏ ନିଜର ପ୍ରତିଭା ବଳରେ ଅଭିନେତା ଭାବେ ଖ୍ୟାତି ଅର୍ଜନ କରିପାରିଛନ୍ତି । ସିନେମା ଦେଖି ଅଭିନେତାଟିଏ ହେବାକୁ ପିଲାଦିନୁ ସେ ସ୍ୱପ୍ନ ଦେଖିଥିଲେ । ସ୍ୱପ୍ନ ପୂରା କରିବାକୁ ପ୍ରଥମେ ସେ ଡ୍ୟାନ୍ସ କ୍ଲାସରେ ଯୋଗ ଦେଇଥିଲେ । ପରେ ପରେ 'ଶତାବ୍ଦୀର କଳାକାର' ଥିଏଟରରେ ଜୀବନ୍ତ ଅଭିନୟ କରି ପ୍ରଶଂସିତ ହୋଇଥିଲେ । ପରବର୍ତ୍ତୀ ସମୟରେ ଅଡିସନ ଦେଇ ଧାରାବାହିକରେ ଅଭିନୟ କରିବାର ସୁଯୋଗ ପାଇଲେ ରୋଶନ । ଏବେ ସେ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ 'ଲକି' ଭୂମିକାରେ ଅଭିନୟ କରୁଛନ୍ତି । ରୋଶନଙ୍କଠାରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ**

# "ମଞ୍ଚ ପରେ ସବୁଠି ଅଭିନୟ କରିବା ସହଜ"

**ରୋଶନ ରାଉତ, ଅଭିନେତା**



**ମଞ୍ଚ ଅଭିନେତା ହୋଇ ଧାରାବାହିକକୁ କାହିଁକି ଆପଣାଇଲେ?**

● ପିଲାଦିନେ ଅଧରାତି ଯାଏଁ ମୁଁ ସବୁ ହିନ୍ଦୀ ସିନେମା ଦେଖୁଥିଲି । ହେଲେ ପଢ଼ାରେ କେବେ ଅବହେଳା କରୁନଥିଲି । ସିନେମା ଦେଖି ଅଭିନୟ ପ୍ରତି ମୋର ଦୁର୍ବଳତା ବଢ଼ିଥିଲା । ଦ୍ୱାଦଶ ଶ୍ରେଣୀରେ ନୃତ୍ୟ ଶିଖିବା ଆରମ୍ଭ କଲି । କଲେଜ ପରେ 'ଶତାବ୍ଦୀର କଳାକାର' ଥିଏଟରରେ ଯୋଗ ଦେଇଥିଲି । 'ଏବଂ ଅଭିମନ୍ୟୁ' ମୋର ଅଭିନୀତ ପ୍ରଥମ ମଞ୍ଚ ନାଟକ । ଏଥିରେ ମୁଁ ଅର୍ଜୁନ ଭୂମିକାରେ ଅଭିନୟ କରିଥିଲି । ପରେ ପରେ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ବିଷର୍ଣ୍ଣ ଭାରତ', 'ତନ୍ଦ୍ରାଲୋକର ପ୍ରହରୀ', 'ବାବାଜୀ' ଆଦି ମଞ୍ଚ ନାଟକରେ ଅଭିନୟ କରି ଦର୍ଶକଙ୍କଠାରୁ ଅଜସ୍ର ଭଲପାଇବା ପାଇଛି । ଜଣେ କଳାକାର ନିଜକୁ ପ୍ରତ୍ୟେକ ସ୍ଥାନରେ ଦେଖିବାକୁ ଚାହେଁ । ସେମିତି ମୋର ଧାରାବାହିକରେ କାମ କରିବାକୁ ଇଚ୍ଛା ହେଲା । ଅଡିସନ୍ ଦେଇ ମନୋନୀତ ହେଲି । 'କିଏ' ହେଉଛି ମୋର ପ୍ରଥମ ଧାରାବାହିକ । 'ତୋ ପାଇଁ ମୁଁ', 'ସୌଭାଗ୍ୟବତୀ', 'ଦିବ୍ୟଦୃଷ୍ଟି', 'ଝିଲି', 'ରାଜଯୋଗ' ଆଦି ଧାରାବାହିକରେ ଅଭିନୟ କରିଛି । ଏବେ 'ତୋରି ପାଇଁ ତୋ ପାଇଁ' ରେ 'ଲକି' ଭୂମିକାରେ ଅଭିନୟ କରୁଛି ।

**'ତୋରି ପାଇଁ ତୋ ପାଇଁ'ର ଲକି ଚରିତ୍ର ବିଷୟରେ କିଛି କୁହନ୍ତୁ?**

● ଏହି ଧାରାବାହିକରେ ମୁଁ ରାମର ସାନ ଭାଇ ଲକ୍ଷଣ ଭୂମିକାରେ ଅଭିନୟ କରୁଛି । ସମସ୍ତେ ମୋତେ ଲକି ଡାକୁଛନ୍ତି । ଲକି ବହୁତ ପଜିଟିଭ । ରାମଙ୍କୁ ଲକ୍ଷଣ ଯେମିତି ଭଲପାଉଥିଲେ ଏଥିରେ ମୁଁ ମୋ ଭାଇ ରାମଙ୍କୁ ସେତିକି ଭଲ ପାଉଛି । ହେଲେ ଦୁଃଖର ବିଷୟ ମୋର ଧର୍ମପତ୍ନୀ ଜଣେ ଖଳପ୍ରକୃତିର । ଆମ ଘର ଭାଙ୍ଗିବା ତାଙ୍କର ମୂଳ ଉଦ୍ଦେଶ୍ୟ । ଏ ବିଷୟରେ ଲକି ଅଜଣା । ହେଲେ ବି ଲକି ପରିବାରର ସୁଖ ସମୃଦ୍ଧି ବଜାୟ ରଖିବା ପାଇଁ ଭାଇ ଆଉ ପତ୍ନୀ ଉଭୟଙ୍କୁ ନେଇ ଚଲୁଛି ।

**ପ୍ରଥମ ଦିନ କ୍ୟାମେରାକୁ ସାମ୍ନା କରିବାର ଅନୁଭୂତି?**

● ମଞ୍ଚରେ ଅଭିନୟ କଲାପରେ ଯେ କୌଣସି ସ୍ଥାନରେ ଅଭିନୟ କରିବା ସହଜ ହୁଏ । ମଞ୍ଚରେ ବିନା କଟ୍ କି ଓକେରେ ସଂଳାପ କୁହାଯାଏ । ତେବେ କ୍ୟାମେରା ସାମ୍ନାରେ ଅଭିନୟ କରିବା ପୂର୍ବରୁ କିଛି ଟେକ୍ନିକାଲ୍ ଜ୍ଞାନ ସଂପର୍କରେ ଜାଣିବାକୁ ପଡ଼ିଥାଏ । ତେଣୁ ପ୍ରଥମେ କ୍ୟାମେରା ସାମ୍ନାରେ ଟିକେ ଭୟ ଲାଗିଥିଲା । ସିନିୟର୍ କଳାକାରଙ୍କଠାରୁ କାମ ଶିଖିଥିଲି । ପରେ କ୍ୟାମେରା ସହିତ ଅଭ୍ୟସ୍ତ ହୋଇଯାଇଥିଲି ।

**ସୁଟିଂ ନଥିଲେ କ'ଣ କରନ୍ତି?**

● ଓଡ଼ିଶାର ସଂସ୍କୃତି, ଇତିହାସ, ପୌରାଣିକ ବହିଗୁଡ଼ିକ ପଢ଼େ । ଗୀତ ଗାଇବାକୁ ବହୁତ ଭଲପାଏ । ପରିବାର ସହିତ ସମୟ ବିତାଏ । ଫିଟ୍ ରହିବାକୁ ଭୋର୍‌ରୁ ଉଠି ମୋ ନିତ୍ୟ କାମ କରି ଠାକୁର ପୂଜା କରେ । ପରେ ଜିମ୍ ଯାଏ । ସୁଟିଂ ଥିଲେ ସମୟ ଅନୁସାରେ କାମ କରେ ।

**ସୁଟିଂ ସେଟ୍‌ର ଅଭୁଲା ସ୍ମୃତି?**

● 'ଝିଲି' ଧାରାବାହିକରେ ଅଭିନୟ କରୁଥିଲା ବେଳେ ଆମେ ସମସ୍ତେ ଭଲ ସାଙ୍ଗ ଥିଲୁ । 'ଝିଲି'ସୁଟିଂ ସେଟ୍ ସାଇଟ୍‌ରେ ଭଗବାନ ଶିବ ଓ ହନୁମାନଙ୍କର ମନ୍ଦିରଟି ଥିଲା । ମନ୍ଦିରରେ ପ୍ରତିଦିନ ଆମେ ସନ୍ଧ୍ୟା ଆଳତୀ ଯାଇ ଦେଖୁଥିଲୁ । ସକାଳୁ ବି ସମୟ କାଢ଼ି ମନ୍ଦିରରେ ପୂଜାର୍ଚ୍ଚନା କରୁଥିଲୁ । ସେହି ସମୟ ମୋ ଜୀବନର ସବୁଠୁ ଅଭୁଲା ମୁହୂର୍ତ୍ତ ।

**କେଉଁ ଚରିତ୍ରରେ ଅଧିକ ଦର୍ଶକୀୟ ପ୍ରଶଂସା ମିଳିଛି?**

● 'ଝିଲି' ଧାରାବାହିକର ହାପି ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି ।

**ବଡ଼ ପରଦାରେ ନିଜକୁ ଦେଖିବାକୁ ଇଚ୍ଛା ରଖିଛନ୍ତି ?**

● ଜଣେ କଳାକାର ପାଇଁ ବଡ଼ ପରଦା କି ଛୋଟ ପରଦା କିଛି ନ ଥାଏ । ଦର୍ଶକଙ୍କୁ ଭଲ ଲାଗୁଥିବା ପରି ପ୍ରୋଜେକ୍ଟରେ କାମ କରିବା ମୋର ଲକ୍ଷ୍ୟ । ନିଃଶ୍ୱାସ ଚାଲିଥିବା ଯାଏଁ ଅଭିନୟ କରିବି । ■

**ପରଦା ପଛର କାହାଣୀ**

# ୧୦୫ ଥର ଖାରଜ ପରେ ମନୋନୀତ


ଗୀତ ହେଉଛି ଫିଲ୍ମର ଜୀବନ । ଏଭଳି ଅନେକ ପୁରୁଣା କ୍ଲାସିକ୍ ଗୀତ ରହିଛି, ଯାହାକୁ ଏବେ ବି ଶ୍ରୋତାମାନେ ଭୁଲି ପାରିନାହାନ୍ତି । ତେବେ ଗୀତ ଲେଖି ପରଦାରେ ଚିତ୍ରଣ କରିବା ଖୁବ୍ କଷ୍ଟକର । ଏଥିପାଇଁ ଗୀତ ଲେଖାଠୁ ନେଇ ସୁଟିଂ ପର୍ଯ୍ୟନ୍ତ ସବୁ ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ । ୧୯୬୦ ମସିହାରେ ମୁକ୍ତିଲାଭ କରିଥିଲା 'ମୁଗଲ-ଏ-ଆଜମ' ଚଳଚ୍ଚିତ୍ର । ଏହି ଫିଲ୍ମରେ ଏଭଳି ଏକ ଗୀତ ରହିଛି, ଯାହାକୁ ସଙ୍ଗୀତକାର ନୌଶାଦ ୧୦୫ ଥର ଖାରଜ କରିବା ପରେ ମନୋନୀତ କରିଥିଲେ । ଗୀତିଟି ଥିଲା "ଜବ୍ ପ୍ୟାର୍ କିୟା ତୋ ଡରନା କ୍ୟା..." । ଏହି ଗୀତ ଲେଖିବାକୁ ଗୀତିକାର ଶକିଲ ବଦାୟୁନି ଖୁବ୍ ପରିଶ୍ରମ କରିଥିଲେ । ସେ ଗୀତଟିକୁ ୧୦୬ ଥର ଲେଖିବା ପରେ ସଫଳ ହୋଇଥିଲେ । ୬ ମିନିଟ୍ ୧୬ ସେକେଣ୍ଡର ଏହି ଗୀତ ଦର୍ଶକଙ୍କ ହୃଦୟକୁ ବେଶ୍ ଛୁଇଁ ଥିଲା । ଗୀତର ସୁଟିଂ ପାଇଁ ଫିଲ୍ମ ନିର୍ମାତା ଏକ ଭବ୍ୟ ବିଳାସମୟ ସେଟ୍ ମଧ୍ୟ ପ୍ରସ୍ତୁତ କରିଥିଲେ । ସେ ସମୟରେ ଏଥିପାଇଁ ଏକ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଏହି ଗୀତକୁ କୋକିଳକଣ୍ଠୀ ଲତା ମଙ୍ଗେସକର୍ ସୁଲଳିତ କଣ୍ଠରେ ଗାନ କରିଥିଲେ । "ଜବ୍ ପ୍ୟାର୍ କିୟା ତୋ ଡରନା କ୍ୟା..." ଗୀତରେ ଅଭିନେତ୍ରୀ ମଧୁବାଲା ହୃଦୟସ୍ପର୍ଶୀ ନୃତ୍ୟ ପରିବେଷଣ କରିଛନ୍ତି । କେ. ଏସ୍ ଆସିଫ୍‌ଙ୍କ ନିର୍ଦ୍ଦେଶିତ 'ମୁଗଲ-ଏ-ଆଜମ' ଫିଲ୍ମ ବେଶ୍ ଲୋକପ୍ରିୟ ହୋଇପାରିଥିଲା । ଏହି ଫିଲ୍ମ ନିର୍ମାଣ ପାଇଁ ୧୬ ବର୍ଷ ସମୟ ଲାଗିଥିଲା । ତେବେ ୧୦୫ ଥର ଲେଖିବା ପରେ ଚୂଡ଼ାନ୍ତ ହୋଇଥିବା "ପ୍ୟାର୍ କିୟା ତୋ ଡର୍‌ନା କ୍ୟା..." ଗୀତଟି ଏବେ ବି ଶ୍ରୋତାମାନଙ୍କ ହୃଦୟରେ ଶିହରଣ ସୃଷ୍ଟି କରେ । ■



# ଈଶାନ କିସାନ ପୁରସ୍କୃତ

ମୁମ୍ବଇ, ୨୦।୧୨ (ଏଜେନ୍ସି): ଆସନ୍ତା ଟି-୨୦ ବିଶ୍ୱକପ୍ ପାଇଁ ଘୋଷିତ ଭାରତୀୟ ଦଳରେ ୱିକେଟ୍ ରକ୍ଷକ ବ୍ୟାଟ୍ସମ୍ୟାନ ଭାବେ ଈଶାନ୍ କିସାନ୍ ସ୍ଥାନ ପାଇଛନ୍ତି। ଦଳ ଘୋଷଣା ବେଳେ ମନୋନୟନ କମିଟି ଅଧ୍ୟକ୍ଷ ଅଜିତ ଅଗରକର କହିଥିଲେ ଯେ ୱିକେଟ୍ ରକ୍ଷକ ହିଁ ଇନିଂସ ଓପନ୍ କରିବେ। କାରଣ ଦଳରେ ଶୁଭମନ ଗିଲ୍ ନାହାନ୍ତି। ଦଳରେ ଥିବା ଦୁଇ ୱିକେଟ୍ ରକ୍ଷକ ସଞ୍ଜୁ ସାମ୍ସନ ଓ ଈଶାନ୍ କିସାନ୍ ଟି-୨୦ କ୍ରିକେଟ୍ରେ ବିଶେଷଜ୍ଞ ଓପ୍ନର। ଦୁହେଁ ପୂର୍ବରୁ ଭଲ ପ୍ରଦର୍ଶନ କରିଛନ୍ତି। ତେଣୁ ୨୦୨୩ ପରେ ଈଶାନ୍ କିସାନ୍ ଜାତୀୟ ଦଳକୁ ଫେରିବା କାହାରିକୁ ଚକିତ କରିନାହିଁ। ଘରୋଇ କ୍ରିକେଟ୍ରେ ଭଲ ପ୍ରଦର୍ଶନ ଲାଗି ଈଶାନ୍ କିସାନଙ୍କୁ ପୁରସ୍କୃତ କରିଛନ୍ତି। ନିକଟରେ କିସାନ୍ଙ୍କ ନେତୃତ୍ୱରେ ଝାଡ଼ଖଣ୍ଡ ପ୍ରଥମଥର ସୟଦ୍ ମୁସ୍ତାକ୍ ଅଲୀ ଟି-୨୦ ଟ୍ରଫି ଚାମ୍ପିଅନ୍ ହୋଇଛି। ଠିକ୍ ସମୟରେ କିସାନ୍ ବ୍ୟକ୍ତିଗତ ଭାବେ ଭଲ ପ୍ରଦର୍ଶନ କରି ଝାଡ଼ଖଣ୍ଡ ପାଇଁ ୧୦ଟି ଇନିଂସରୁ ୨ଟି ଲେଖାଏଁ ଶତକ ଓ ଅର୍ଦ୍ଧଶତକ ସହ ସର୍ବାଧିକ ୫୧୭ ରନ୍ କରିଛନ୍ତି। ତାଙ୍କ ଆଭ୍ରେଜ ୫୭.୪୪ ଓ ଷ୍ଟ୍ରାଇକ୍ ରେଟ୍ ୧୯୭ ଥିଲା। । ହରିୟାଣା ବିପକ୍ଷ ଫାଇନାଲରେ ସେ ୪୯ ବଲ୍ରୁ ୧୦ଟି ଛକା ଓ ୪ଟି ଚୌକା ସହ ୧୦୧ ରନ୍ କରିଥିଲେ। ସୂଚନାଯୋଗ୍ୟ; ଘରୋଇ କ୍ରିକେଟ୍ ଖେଳୁନଥିବାରୁ ଦେଢ଼ବର୍ଷ ତଳେ ବିସିସିଆଇର କେନ୍ଦ୍ରୀୟ ଚୁକ୍ତିରୁ ତାଙ୍କୁ ବାଦ୍ ଦିଆଯାଇଥିଲା। ଏହା ପରେସେ ଘରୋଇ କ୍ରିକେରେ ନିୟମିତ ଭଲ ପ୍ରଦର୍ଶନ କରି ଜାତୀୟ ଦଳକୁ ଫେରିଛନ୍ତି।

# ଇଂଲଣ୍ଡର ଆସେସ ଆଶା ଧୂଳିସାତ୍



ଆଡିଲେଡ୍,୨୦।୧୨(ଏଜେନ୍ସି): ଅଧିନାୟକ ପ୍ୟାଟ କମିନ୍ସଙ୍କ ଦମ୍ଦାର ଓ ନାଥାନ ଲାୟନଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟରେ ଇଂଲଣ୍ଡ ପରାଜୟର ସମ୍ମୁଖୀନ ହୋଇଛି। ଏହି ମ୍ୟାଚ୍ରେ ପ୍ରଥମ ଇନିଂସରେ ୮୫ ରନ୍ରେ ଆଗୁଆ ଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୩୪୯ ରନ୍ କରିଥିଲା। ଏହା ଫଳରେ ଇଂଲଣ୍ଡ ଆଗରେ ୪୩୫ ରନ୍ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନ ଖେଳ ଶେଷସୁଦ୍ଧା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୬ ୱିକେଟ ହରାଇ ୨୦୭ ରନ୍ ସଂଗ୍ରହ କରିଛି। ଏହା ଫଳରେ ଆସନ୍ତାକାଲି ୫ମ ତଥା ଶେଷ ଦିନରେ ଏହି ମ୍ୟାଚ୍ ଜିତିବାକୁ ଇଂଲଣ୍ଡକୁ ବାକିଥିବା ୪ ୱିକେଟ ବିନିମୟରେ ଆଉ ୨୨୮ ରନ୍ ଆବଶ୍ୟକ ହେଉଛି। ଏହି ଲକ୍ଷ୍ୟରେ ପହଞ୍ଚିବା ଇଂଲଣ୍ଡ ଲାଗି କେବଳ କଷ୍ଟକର ନୁହେଁ, ଅସମ୍ଭବ। ଏହା ଫଳରେ ପ୍ରଥମ ଦୁଇଟି ଟେଷ୍ଟରେ ପରାଜିତ ହୋଇଥିବା ଇଂଲଣ୍ଡର ଆସେସ୍ ସିରିଜ୍ ଜିତିବା ଆଶା ଧୂଳିସାତ ହୋଇଯାଇଛି। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ଟ୍ରାଭିସ ହେଡ୍ ସର୍ବାଧିକ ୧୭୦ ଓ ଆଲେକ୍ସ କ୍ୟାରୀ ୭୨ ରନ୍ କରିଥିଲେ। ଇଂଲଣ୍ଡର ଜୋଶ ଟଙ୍ଗ୍ଙ୍କୁ ୪ଟି ଓ ବ୍ରାଇଡନ କାର୍ସଙ୍କୁ ୩ଟି ୱିକେଟ ମିଳିଥିଲା। ଜବାବରେ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ଜ୍ୟାକ୍ କ୍ରାଲୀ ୮୫, ଜୋ ରୁଟ୍ ୩୯ ଓ ହ୍ୟାରୀ ବ୍ରୁକ୍ ୩୦ ରନ୍ର ଯୋଗଦାନ ଦେଇଥିଲେ। ଅଷ୍ଟ୍ରେଲିଆର କମିନ୍ସ ଓ ଲାୟନଙ୍କୁ ୩ଟି ଲେଖାଏଁ ୱିକେଟ ମିଳିଛି।

# କାଭେମ ହଜ୍ଙ୍କ ଅପରାଜିତ ଶତକ

ମାଉଣ୍ଟ ମାଉଙ୍ଗାନୁଇ,୨୦।୧୨(ଏଜେନ୍ସି): କାଭେମ ହଜ୍ଙ୍କ ଅପରାଜିତ ଶତକ, ବ୍ରାଣ୍ଡନ କିଙ୍ଗ୍ ଓ ଅନ୍ୟମାନଙ୍କ ଲଢୁଆ ବ୍ୟାଟିଂ ବଳରେ ଏଠାରେ ନ୍ୟୁଜିଲାଣ୍ଡ ସହ ଚାଲିଥିବା ତୃତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଫଲୋଅନ ଏଡ଼ାଇବାରେ ସମର୍ଥ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୮ ୱିକେଟରେ ୫୭୫ ରନ୍ କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ହଜ୍ଙ୍କ ଅପରାଜିତ ୧୦୯, କିଙ୍ଗ୍ଙ୍କ ୬୩ ରନ୍ ସହାୟତାରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୬ ୱିକେଟରେ ୩୮୧ ରନ୍ କରିବା ସହ ଫଲୋଅନ୍ ଏଡାଇବାକୁ ସମର୍ଥ ହୋଇଛି। ହଜ୍ଙ୍କ ସହ ଆଣ୍ଡରସନ ଫିଲିପ୍ ୧୨ ରନ୍ରେ ଅପରାଜିତ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜନ୍ କ୍ୟାମ୍ପବେଲ ଓ ଆଲିକ୍ ଆଥାନାଜେ ୪୫ ରନ୍ ଲେଖାଏଁ, ଜଷ୍ଟିନ ଗ୍ରିଭ୍ସ ୪୩ ଓ ଟେଭିନ୍ ଇମ୍ଲାଚ୍ ୨୭ ରନ୍ର ଲଢୁଆ ଇନିଂସ ଖେଳିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଜ୍ୟାକବ ଡଫି ଓ ଆଜାଜ ପଟେଲ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ଟେଷ୍ଟର ଆଉ ୨ ଦିନ ଖେଳ ବାକି ରହିଛି।

## ନ୍ୟୁଜିଲାଣ୍ଡ ଟୁର୍ ଓ ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳ ଘୋଷିତ

# ବାଦ୍ ପଡ଼ିଲେ ଶୁବମନ୍ ଗିଲ୍





ମୁମ୍ବଇ,୨୦।୧୨(ଏଜେନ୍ସି): ଆସନ୍ତାବର୍ଷ ବା ୨୦୨୬ରେ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଓ ନ୍ୟୁଜିଲାଣ୍ଡ ଗସ୍ତ ଲାଗି ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି। ନିକଟ୍ରେ ଦକ୍ଷିଣ ଆଫ୍ରିକା ସହ ଟି-୨୦ ଖେଳିଥିବା ଭାରତୀୟ ଦଳର ଉପଅଧିନାୟକ ତଥା ଓପନର ଶୁବମନ ଗିଲ୍ଙ୍କୁ ବାଦ୍ ଦିଆଯାଇଛି। ଗିଲ୍ଙ୍କ ସହ ସିରିଜ୍ର ନଂ-୧ ୱିକେଟକିପର ଜିତେଶ ଶର୍ମା ମଧ୍ୟ ବାଦ୍ ପଡ଼ିଛନ୍ତି। ସେମାନଙ୍କ ସ୍ଥାନରେ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲ ଓ ଦ୍ୱିତୀୟ ୱିକେଟକିପର/ରିଜର୍ଭ ଓପନର ଭାବେ ଈଶାନ କିସାନ ଦଳକୁ ଫେରିଛନ୍ତି। ଫର୍ମରେ ନ ଥିବା ସୂର୍ଯ୍ୟକୁମାର ଯାଦବଙ୍କୁ ଦଳର ନେତୃତ୍ୱ ଦିଆଯାଇଛି। ଅକ୍ଷର ପଟେଲ ପୂର୍ବପରି ଉପଅଧିନାୟକ ପଦକୁ ଫେରିଛନ୍ତି। ଏହାଛଡ଼ା ଫିନିସର ରିଙ୍କୁ ସିଂଙ୍କୁ ମଧ୍ୟ ଏହି ଦଳରେ ନିଆଯାଇଛି। ଏହି ଟିମ୍ ମଧ୍ୟ ଭାରତରେ ଜାନୁଆରୀ ୨୧ରୁ ୩୧ ମଧ୍ୟରେ ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍ରେ ଖେଳିବ। ଟି-୨୦ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୮ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ୫ଟି ଟିମ୍କୁ ନେଇ ଗଠିତ ଗ୍ରୁପ୍-ଏ'ରେ ଭାରତ ଫେବୃଆରୀ ୭ରେ ଆମେରିକା ସହ ଖେଳି ଅଭିଯାନ ଆରମ୍ଭ କରିବ। ଫେବୃଆରୀ ୧୨ରେ ନାମିବ୍ୟା, ୧୫ରେ ପାକିସ୍ତାନ ଓ ୧୮ରେ ନେଦରଲାଣ୍ଡସ ସହ ଖେଳି ଗ୍ରୁପ୍ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଖେଳିବ। ଏହା ପରେ ଫେବୃଆରୀ ୨୧ରୁ ମାର୍ଚ୍ଚ ୧ ସୁପର-୮, ମାର୍ଚ୍ଚ ୪ ଓ ୫ରେ ସେମିଫାଇନାଲ ଓ ମାର୍ଚ୍ଚ ୮ରେ ଫାଇନାଲ ମ୍ୟାଚ୍ ଖେଳାଯିବ।

ବିଶ୍ୱକପ୍ ଓ ନ୍ୟୁଜିଲାଣ୍ଡ ଟୁର୍ ଲାଗି ଘୋଷିତ ଦଳରେ ବ୍ୟାଟର ଭରି ରହିଛନ୍ତି। ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓପନ ରହିଛନ୍ତି। ସଞ୍ଜୁ ନଂ-୧ ଓ ଈଶାନ ନଂ-୨ ୱିକେଟକିପର ଓ ରିଜର୍ଭ ଓପନର ରହିଛନ୍ତି। ମିଡିଲ ଅର୍ଡରରେ ସୂର୍ଯ୍ୟକୁମାର, ତିଲକ ବର୍ମା ଓ ରିଙ୍କୁ ସିଂଙ୍କ ସହ ୪ ଅଲରାଉଣ୍ଡର ରହିଛନ୍ତି। ଦୁଇଜଣ ପେସ୍ ଓ ଦୁଇ ଜଣ ସ୍ପିନ୍ ବୋଲିଂ ଅଲରାଉଣ୍ଡରଙ୍କୁ ସାମିଲ କରାଯାଇଛି। ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେ ପେସ୍ ବୋଲିଂ, ଅକ୍ଷର ଓ ୱାଶିଂଟନ ସୁନ୍ଦର ସ୍ପିନ୍ ବୋଲିଂ ଅଲରାଉଣ୍ଡର ଭାବେ ସ୍ଥାନ ପାଇଛନ୍ତି। ପେସ ବୋଲର ଭାବେ ଯଶପ୍ରୀତ ବୁମ୍ରା, ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ଖେଳିବେ। ଦୁଇ ସ୍ପେଶାଲିଷ୍ଟ ସ୍ପିନର ହେଲେ ବରୁଣ ଚକ୍ରବର୍ତ୍ତୀ ଓ କୁଳଦୀପ ଯାଦବ। ଦଳକୁ ଫେରିଥିବା ରିଙ୍କୁ ସିଂ ଫିନିସର ଭୂମିକାରେ ଦାୟିତ୍ୱ ତୁଲାଇବେ। ଆମେରିକା ଓ ୱେଷ୍ଟଇଣ୍ଡିଜ୍ରେ ଅନୁଷ୍ଠିତ ୨୦୨୪ ଟି-୨୦ ବିଶ୍ୱକପ୍ରେ ଭାରତ ଚାମ୍ପିଅନ ହୋଇଥିଲା।

**ଘୋଷିତ ଦଳ:** ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ଈଶାନ କିସାନ (ଉଭୟ ୱିକେଟରକ୍ଷକ), ତିଲକ ବର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରିଙ୍କୁ ସିଂ, ଯଶପ୍ରୀତ୍ ବୁମ୍ରା, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ, କୁଳଦୀପ ଯାଦବ।

### ନ୍ୟୁଜିଲାଣ୍ଡ ଗସ୍ତସୂଚୀ

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ୧୧।୧ | ପ୍ରଥମ ଦିନିକିଆ | ଭଦୋଦରା |
| ୧୪।୧ | ଦ୍ୱିତୀୟ ଦିନିକିଆ | ରାଜକୋଟ |
| ୧୮।୧ | ତୃତୀୟ ଦିନିକିଆ | ଇନ୍ଦୋର |
| ୨୧।୧ | ପ୍ରଥମ ଟି- ୨୦ | ନାଗପୁର |
| ୨୩।୧ | ଦ୍ୱିତୀୟ ଟି-୨୦ | ରାୟପୁର |
| ୨୫।୧ | ତୃତୀୟ ଟି-୨୦ | ଗୁଆହାଟୀ |
| ୨୮।୧ | ଚତୁର୍ଥ ଟି-୨୦ | ବିଶାଖାପାଟଣା |
| ୩୧।୧ | ପଞ୍ଚମ ଟି-୨୦ | ତିରୁଅନନ୍ତପୁରମ |

### ବିଶ୍ୱକପ୍ ଗ୍ରୁପ୍ କାର୍ଯ୍ୟସୂଚୀ

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
| ୭।୨ | ଆମେରିକା | ମୁମ୍ବଇ |
| ୧୨।୨ | ନାମିବ୍ୟା | ଦିଲ୍ଲୀ |
| ୧୫।୨ | ପାକିସ୍ତାନ | କଲମ୍ବୋ |
| ୧୮।୨ | ନେଦରଲାଣ୍ଡସ | ଅହମ୍ମଦାବାଦ୍ |

ଆଣ୍ଟି-ଡୋପିଂ ନିୟମ ଉଲ୍ଲଙ୍ଘନ


## ଭାରତ ବିଶ୍ୱରେ ପ୍ରଥମ

ନୂଆଦିଲ୍ଲୀ,୨୦।୧୨(ଏଜେନ୍ସି): ପ୍ରଥମଥର ଲାଗି ଆଣ୍ଟି-ଡୋପିଂ ନିୟମଉଲ୍ଲଙ୍ଘନ କରିବାରେ ଭାରତ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଛି। ୱାଡା (ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି) ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଏହା ଜଣାଯାଇଛି। ୨୦୨୩ ବର୍ଷ ଲାଗି ପ୍ରକାଶିତ ଏହି ରିପୋର୍ଟରେ ଭାରତର ଆଥ୍ଲେଟମାନେ ୨୨୨ଟି ନିୟମ ଉଲ୍ଲଙ୍ଘନ କରି ଧରାପଡ଼ିଛନ୍ତି। ଏହି ବିଭାଗରେ ରୁଷ ପ୍ରଥମ ସ୍ଥାନ ଅଧିକାର କରିଥାଏ। ୱାଡା ଦ୍ୱାରା କରାଯାଇଥିବା ପରୀକ୍ଷାରେ ଏହି ନିୟମ ଉଲ୍ଲଙ୍ଘନକାରୀ ଧରାପଡ଼ିଛନ୍ତି ଓ ସେମାନଙ୍କୁ ଦଣ୍ଡବିଧାନ କରାଯିବ ବୋଲି ଜଣାଯାଇଛି।

ଜାତୀୟ ସୁଟିଂ ଚାମ୍ପିଅନସିପ୍

## ଗୁରୁଜୋତ, ରାୟଜାଙ୍କୁ ସ୍ୱର୍ଣ୍ଣପଦକ





ଭୁବନେଶ୍ୱର,୨୦।୧୨(ସମିସ): ନୂଆଦିଲ୍ଲୀର ଡକ୍ଟର କାର୍ଣ୍ଣି ସିଂହ ସୁଟିଂ ରେଞ୍ଜ୍ରେ ୬୮ତମ ଜାତୀୟ ସୁଟିଂ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିଅନସିପ୍ରେ ଜିନ୍ଦଲ ଷ୍ଟିଲ ପ୍ରୋତ୍ସାହିତ ସୁଟର ଗୁରଜୋତ ସିଂହ, ରାୟଜା ଧୀଲନ ଓ ମୈରାଜ ଅହମ୍ମଦ୍ ଖାନ୍ ଏକାଧିକ ପଦକ ବିଜୟୀ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଗୁରଜୋତ୍ ଓ ରାୟଜା ସ୍ୱର୍ଣ୍ଣ ଜିତିଥିଲାବେଳେ ମୈରାଜଙ୍କୁ ରୌପ୍ୟ ପଦକ ମିଳିଛି। ପୁରୁଷ ସ୍କିଟ୍ ଇଭେଣ୍ଟରେ ଗୁରଜୋତ ସିଂହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫାଇନାଲରେ ଏକାଧିକ ଅଲିମ୍ପିଆନଙ୍କୁ ପଛରେ ପକାଇ ସେ ପ୍ରଥମସ୍ଥାନ ହାସଲ କରିଥିଲେ। ସେହିପରି ମହିଳା ସ୍କିଟ୍ରେ ରାୟଜା ଅସାଧାରଣ କ୍ରୀଡ଼ା ପ୍ରଦର୍ଶନ କରି ଡବଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଉଭୟ ସିନିଅର ଓ ଜୁନିଅର ମହିଳା ସ୍କିଟ୍ରେ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏମାନଙ୍କ ବ୍ୟତୀତ ମୈରାଜ ଅହମ୍ମଦ୍ ଖାନ୍ ଦୁଇଟି ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ସର୍ବୋଚ୍ଚ ସ୍ତରରେ ସ୍ଥିର ପ୍ରଦର୍ଶନ କରି ପରବର୍ତ୍ତୀ ପିଢ଼ିର ସୁଟରମାନଙ୍କୁ ପ୍ରେରଣା ଯୋଗାଇବା ସହ ଜିନ୍ଦଲ ଷ୍ଟିଲ ସେମାନଙ୍କ ଯାତ୍ରାରେ ଦୀର୍ଘକାଳୀନ ପ୍ରୋତ୍ସାହନ ଜାରି ରଖି ଗର୍ବିତ।

## ଆଜି ସର୍ବଭାରତୀୟ ସଦାଶିବ ମେମୋରିଆଲ୍ କ୍ରିକେଟ୍ ଫାଇନାଲ୍

ଭାପୁର,୨୦।୧୨(ସମିସ): ଏଠାରେ ଚାଲିଥିବା ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ରବିବାର ଦିନ ହେବ।ଏହି ଫାଇନାଲରେ ପରସ୍ପରକୁ ଭେଟିବେ ଭୁବନେଶ୍ୱର ଦୁଇ ଦଳ ସାଇ ଇଲେଭେନ ଓ ତମାଣ୍ଡୋ କ୍ରିକେଟ କ୍ଲବ। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ ଯୁବକ ସଂଘ ଆନୁକୂଲ୍ୟରେ ନାଲିସାଗର ଖେଳପଡିଆରେ ଏହି ଟୁର୍ଣ୍ଣାମେଣ୍ଟ ଚାଲିଛି। ପ୍ରଥମ ସେମିଫାଇନାଲରେ ଏମଏମସିସି ସମ୍ବଲପୁରକୁ ହରାଇ ସାଇ ଇଲେଭେନ ଓ ଦ୍ୱିତୀୟସେମିଫାଇନାଲରେ କେସିଏ କଳାହାଣ୍ଡି କୁ ହରାଇ ଟମାଣ୍ଡୋ ଦଳ ଫାଇନାଲରେ ପ୍ରବେଶ କରିଛନ୍ତି।ଦୁଇ ଦଳ ସେମାନଙ୍କ ସମସ୍ତ ଶକ୍ତି ଖଟାଇ ଚାମ୍ପିଅନ ହୋଇ ଦେଢ ଲକ୍ଷ ଟଙ୍କା ଓ ବୃହତ୍ ଟ୍ରଫି ଜିତିବା ପାଇଁ ଚେଷ୍ଟା କରିବେ। ଫାଇନାଲରେ ଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସତ୍ୟ ନାରାୟଣ ପ୍ରଧାନ , ବିଧାୟକ ଅରୁଣ କୁମାର ସାହୁ, ରମେଶ ବେହେରା, ପ୍ରଦୀପ ସାହୁ ଓ ମୁଖ୍ୟ ଆକର୍ଷଣ ମଧ୍ୟପ୍ରଦେଶର ରାଜ୍ୟ ସଭା ସାଂସଦ ଉମେଶ ନାଥ ମହାରାଜ ଯୋଗ ଦେବେ ବୋଲି ଆୟୋଜକ ଯୁବକ ସଂଘ ସଭାପତି ବେଣୁଧର ପ୍ରଧାନ ସୂଚନା ଦେଇଛନ୍ତି।

## ● ସର୍ବଭାରତୀୟ ଗଣ୍ଡରପୁର ଫୁଟବଲ ଫାଇନାଲରେ ବାରଙ୍ଗ ବାୟାର-ତଣ୍ଡିକଣା

ବାରଙ୍ଗ,୨୦।୧୨(ସମିସ): ଗଣ୍ଡରପୁର ମିନି ଷ୍ଟାଡିୟମରେ ଚାଲିଥିବା ୨୩ତମ ସର୍ବ ଭାରତୀୟ ଗଣ୍ଡରପୁର ଫୁଟବଲ ଟୁର୍ଣାମେଣ୍ଟର ୭ମ ଦିବସ ସେମିଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ଗ୍ରାମାଞ୍ଚଳର ପ୍ରଥମ ସେମିଫାଇନାଲ ମ୍ୟାଚ ବାରଙ୍ଗ ବାୟାର ୬-୪ ଟାଇବ୍ରେକର ଗୋଲରେ ଆମଣର ଜୟଦୁର୍ଗା କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏଥିରେ ସୁଜିତ୍ କୁମାର ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ତାଣ୍ଡିକଣାର କୃଷକବନ୍ଧୁ କ୍ଲବ୍ ୨-୦ ଗୋଲରେ କଟକ ସିଆରଆରଆଇକୁ ହରାଇ ଫାଇନାଲରେ ପ୍ରବେଶ କରିଛି।

**ଗୋଠପୁର - ପ୍ରତାପନଗରୀ ଫାଇନାଲ:** ସେହିପରି ଅନ୍ୟ ଏକ ବିଭାଗର ପ୍ରଥମ ସେମି ଫାଇନାଲ ମ୍ୟାଚରେ ଗୋଠପୁରର ମା ମଙ୍ଗଳା କ୍ଲବ ୧-୦ ଗୋଲରେ ମୁଣ୍ଡୁମାଣର ଜୟଜଗନ୍ନାଥ କ୍ଲବ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଅନ୍ତର୍ଯ୍ୟାମୀ ନାୟକ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ପ୍ରତାପନଗରୀ ପ୍ରତାପ କ୍ଲବ୍ ମଧ୍ୟ ୧-୦ ଗୋଲ ରେ ବାଉଳକୁଦର ସ୍ୱର୍ଣ୍ଣଦେବୀ କ୍ଲବ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏଥିରେ ନକୁଳ ରାଉତ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ରବିବାର ଫାଇନାଲ ମୁକାବିଲା ଖେଳାଯିବ।

## ମହିଳା କାନୋସ୍ପ୍ରିଣ୍ଟ ଦଳ ଚୟନ ଶିବିର ସୋମବାର

କଟକ,୨୦।୧୨(ସମିସ): ୩୬ତମ ଜାତୀୟ ପୁରୁଷ ଓ ମହିଳା କାନୋସ୍ପ୍ରିଣ୍ଟ ଚାମ୍ପିଅନସିପ୍ ହେବାକୁ ଯାଉଛି। ଏହାକୁ ଲକ୍ଷ୍ୟରେ ରଖି ଓଡ଼ିଶା କାୟାକିଂ ଓ କାନୋଇଂ ସଂଘ ପକ୍ଷରୁ ଆସନ୍ତା ସୋମବାର ୨୨ ତାରିଖରେ ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ରାଜ୍ୟ ଦଳ ଚୟନ ଶିବିର ଆୟୋଜନ ହେବ। ପ୍ରତ୍ୟେକ ଜିଲ୍ଲାର ଖେଳାଳି ଏଥିରେ ଭାଗ ନେଇ ପାରିବେ। ବିଭିନ୍ନ ବିଭାଗରେ ଚାକିରି କରୁଥିବା ଖେଳାଳି ମଧ୍ୟ ଶିବିରରେ ସାମିଲ ହୋଇ ପାରିବେ। ଇଚ୍ଛୁକ ଜଳକ୍ରୀଡ଼ା ପ୍ରତିଯୋଗୀମାନେ ରାଜ୍ୟ ଦଳର ପ୍ରଶିକ୍ଷକ ଜନସନ ସିଂହ ଓ ରାଜ କୁମାର ନିସାଦଙ୍କ ସହ ଯୋଗାଯୋଗ କରିବାକୁ ସଂଘର ସମ୍ପାଦକ ବିପିନ ଦାଶ ନିବେଦନ କରିଛନ୍ତି।

# ଭାରତର ରେକର୍ଡ ୯ମ ସିରିଜ୍ ବିଜୟ




ଅହମ୍ମଦାବାଦ୍,୨୦।୧୨(ଏଜେନ୍ସି): ଏଠାରେ ଶୁକ୍ରବାର ଖେଳାଯାଇଥିବା ୫ମ ତଥା ଶେଷ ଟି-୨୦ ମ୍ୟାଚ୍ରେ ଭାରତ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ୩୦ ରନ୍ରେ ପରାସ୍ତ କରିଥିଲା। ଏହି ମ୍ୟାଚ୍ରେ ପ୍ରଥମେ ବ୍ୟାଟିଂ କରି ଭାରତ ୫ ୱିକେଟରେ ୨୩୧ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୮ ୱିକେଟରେ ୨୦୧ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହି ମ୍ୟାଚ୍ରେ ୬୩ ରନ୍ କରିବା ସହ ଗୋଟିଏ ୱିକେଟ ନେଇଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମ୍ୟାଚ୍ର ଓ ୧୦ ୱିକେଟ ନେଇଥିବା ବରୁଣ ଚକ୍ରବର୍ତ୍ତୀଙ୍କୁ ସିରିଜ୍ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ବିଜୟ ଫଳରେ ଭାରତ ୩-୧ ବ୍ୟବଧାନରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍କୁ ଜିତିବା ସହ ଏକାଧିକ ରେକର୍ଡର ଅଧିକାରୀ ହୋଇଛି।

**୯, ୧୦ ଓ ୧୧:** ଏହି ସିରିଜ୍ ବିଜୟ ଫଳରେ ଭାରତ ଘରୋଇ ମାଟିରେ ରେକର୍ଡ ୯ମ ସିରିଜ୍ ବିଜୟୀ ହୋଇଛି। ପୂର୍ବରୁ ଅଷ୍ଟ୍ରେଲିଆ ୨୦୦୬ରୁ ୨୦୧୦ ମଧ୍ୟରେ ଅଷ୍ଟ୍ରେଲିଆ କ୍ରମାଗତ ୮ଟି ସିରିଜ୍ ଜିତି ଏହି ରେକର୍ଡର ଅଧିକାରୀ ହୋଇଥିଲା।

ସେହିପରି ସମସ୍ତ ଟି-୨୦ରେ ଭାରତ କ୍ରମାଗତ ୧୦ଟି ଟି-୨୦ ସିରିଜ୍ ଜିତିବାରେ ସମର୍ଥ ହୋଇଛି। ଏହା ମଧ୍ୟରେ ଏସିଆ କପ୍ ଓ ବିଶ୍ୱକପ୍ ରହିଛି। ପୂର୍ବରୁ ପାକିସ୍ତାନ ୨୦୧୬ରୁ ୨୦୧୮ ମଧ୍ୟରେ ୧୧ଟି ସିରିଜ୍ ଜିତି ଏହି ରେକର୍ଡର ଅଧିକାରୀ ହୋଇଛି।

୨୦୨୩ରେ ଭାରତ ଶେଷଥର ୱେଷ୍ଟଇଣ୍ଡିଜ୍ ନିକଟରୁ ଦ୍ୱିପାକ୍ଷିକ ଟି-୨୦ ସିରିଜ୍ ହାରିଥିଲା। ଏହାକୁ ମିଶାଇ ଭାରତ ୧୧ଥର ସକାଶେ ଦ୍ୱିପାକ୍ଷିକ ସିରିଜ୍ ଜିତିବାରେ ସମର୍ଥ ହୋଇଛି। ଏହି ରେକର୍ଡ ଭାରତ ନାମରେ ରହିଛି। ପୂର୍ବରୁ ଦଳ କ୍ରମାଗତ ୧୨ଟି ଦ୍ୱିପାକ୍ଷିକ ସିରିଜ୍ରେ ବିଜୟୀ ହୋଇଛି।

**୧୬:** ଏହି ମ୍ୟାଚ୍ରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ୧୬ଟି ବଲ୍ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଭାରତ ଖେଳିଥିବା ସମସ୍ତ ଟି-୨୦ରେ ଏହା ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ। ପୂର୍ବରୁ ୨୦୦୭ ଇଂଲଣ୍ଡ ବିପକ୍ଷ ଡର୍ବାନ ଟି-୨୦ରେ ଯୁବରାଜ ସିଂହ ୧୨ଟି ବଲ୍ରେ ୫୦ ରନ୍ ପୂରଣ କରି ଦ୍ରୁତତମ ଅର୍ଦ୍ଧଶତକର ରେକର୍ଡ କରିଥିଲେ। ଗତବର୍ଷ ଇଂଲଣ୍ଡ ବିପକ୍ଷରେ ଅଭିଷେକ ଶର୍ମା ୧୭ ବଲ୍ରେ ଅର୍ଦ୍ଧଶତକ ପୂରଣ କରିଥିଲେ।

**୫ମ ଖେଳାଳି:** ଏହି ମ୍ୟାଚ୍ରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ଅନ୍ତର୍ଜାତୀୟ ଟି-୨୦ରେ ୨୦୦୦ ରନ୍ ଓ ୧୦୦ ୱିକେଟ ପୂରଣ କରିଛନ୍ତି। ଏଭଳି ସଫଳତା ପାଇବାରେ ସେ ହେଉଛନ୍ତି ବିଶ୍ୱର ପଞ୍ଚମ ଖେଳାଳି। ତାଙ୍କ ପୂର୍ବରୁ ମାଲେସିଆର ବିରନଦୀପ ସିଂହ, ଜିମ୍ବାୱେର ସିକନ୍ଦର ରାଜା, ବାଂଲାଦେଶର ସାକିବ ଅଲ ହାସନ ଓ ଆଫଗାନିସ୍ତାନର ମହମ୍ମଦ୍ ନବି ଏହି ସଫଳତାର ଅଧିକାରୀ ହୋଇଥିଲେ। ଏମାନଙ୍କ ମଧ୍ୟରେ ହାର୍ଦ୍ଦିକ ଏକମାତ୍ର ପେସ୍ ବୋଲର।

**ବ୍ୟୟବହୁଳ ବୋଲିଂ :** ଏହି ମ୍ୟାଚ୍ରେ ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ୪ ଓଭରରେ ୫୩ ରନ୍ ଦେଇ ସର୍ବାଧିକ ୪ଟି ୱିକେଟ ନେଇଥିଲେ। କିନ୍ତୁ ସମସ୍ତ ଅନ୍ତର୍ଜାତୀୟ ଟି-୨୦ରେ ବ୍ୟୟବହୁଳ ବୋଲିଂ ସ୍ପେଲ୍ ସାବ୍ୟସ୍ତ ହୋଇଛି। ପୂର୍ବରୁ ୨୦୧୭ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍ରେ ଭାରତର ଯୁଜବେନ୍ଦ୍ର ଚହଲ ୪ ଓଭରରେ ୫୨ ରନ୍ ଦେଇ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ବରୁଣ ତୃତୀୟଥର ଲାଗି ଗୋଟିଏ ସିରିଜ୍ରେ ୧୦ କିମ୍ବା ତା'ଠାରୁ ଅଧିକ ୱିକେଟ ନେବାରେ ସଫଳ ହୋଇଛନ୍ତି।

# ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ଡ୍ର' ମ୍ୟାଚ୍ରୁ ଓଡ଼ିଶାକୁ ୩ ପଏଣ୍ଟ





ଭୁବନେଶ୍ୱର,୨୦।୧୨ (ସମିସ): ମଧ୍ୟପ୍ରଦେଶର ଗ୍ୱାଲିୟରରେ ଓଡ଼ିଶା ଓ ବିହାର ମଧ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ମ୍ୟାଚ୍ ବିନା ହାରଜିତ ଫଇସଲାରେ ଶେଷ ହୋଇଛି। ଏଲିଟ୍ ଗ୍ରୁପ୍ 'ବି'ର ଏହି ମ୍ୟାଚ୍ରେ ପ୍ରଥମ ଇନିଂସରେ ଆଗୁଆ ଥିବାରୁ ଓଡ଼ିଶାକୁ ୩ ଓ ବିହାରକୁ ୧ ପଏଣ୍ଟ ମିଳିଛି। ବିହାରର ପ୍ରଥମ ଇନିଂସ ସ୍କୋର୍ ୨୮୮ ରନ୍ ଜବାବରେ ଓଡ଼ିଶା ୯ ୱିକେଟ୍ ହରାଇ ୩୨୨ ରନ୍କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ପ୍ରଥମ ଇନିଂସରେ ୩୪ ରନ୍ ପଛରେ ରହିବା ପରେ ବିହାର ଶନିବାର ତୃତୀୟ ତଥା ଅନ୍ତିମ ଦିନରେ ମ୍ୟାଚ୍ ସମାପ୍ତି ବେଳକୁ ଦ୍ୱିତୀୟ ଇନିଂସରେ ୩ ୱିକେଟ୍ରେ ୯୮ ରନ୍ କରିଥିଲା। ଆସନ୍ତା ୨୩ରୁ ମୋରେନାରେ ପଞ୍ଜାବ ବିପକ୍ଷରେ ଓଡ଼ିଶା ୪ର୍ଥ ମ୍ୟାଚ୍ ଖେଳିବ। ଓଡ଼ିଶାର ପ୍ରଥମ ଇନିଂସରେ ଚାରି ଜଣ ଅର୍ଦ୍ଧଶତକ ହାସଲ କରିଥିଲେ। ଓପ୍ନର ଅରବିନ୍ଦ ମୁଦୁଲି ୬ଟି ଚୌକା ସହ ୫୧ ଏବଂ ଅଧିନାୟକ ନୀଲ୍ ନୀତିନ ମହାନ୍ତି ୧୪ଟି ଚୌକା ସହ ୭୫ ରନ୍ କରିଥିଲେ। ୧୮୭ ରନ୍ରେ ଓଡ଼ିଶା ୬ଟି ୱିକେଟ୍ ହରାଇବା ପରେ ଓମ୍ପ୍ରକାଶ ଦାସ ଓ ତପନ ଗୁପ୍ତା ଅତି ମୂଲ୍ୟବାନ ୮୮ ରନ୍ ଯୋଗ କରିବାରୁ ଓଡ଼ିଶା ପ୍ରଥମ ଇନିଂସରେ ଆଗୁଆ ହୋଇ ପାରିଥିଲା। ଓମ୍ପ୍ରକାଶ ଦାସ ୧୨୭ ବଲ୍ରୁ ୧୬ଟି ଚୌକା ସହ ୮୧ ଏବଂ ତପନ ଗୁପ୍ତା ଗୋଟିଏ ଛକା ଓ ୬ଟି ଚୌକା ସହ ୫୫ ରନ୍ କରିଥିଲେ। ହିମାଂଶୁ ସାହୁ ୧୬ ରନ୍କରି ଅପରାଜିତ ଥିଲେ। ବିହାରର ବିବେକ ଆନନ୍ଦ ଓ ଶିବାଂଶ ୩ଟି ଲେଖାଏଁ ଏବଂ ପାର୍ଥ ୨ଟି ୱିକେଟ୍ ନେଇଥିଲେ। ପରେ ବିହାରର ଦ୍ୱିତୀୟ ଇନିଂସରେ ଶ୍ୱେତମ୍ ୧୯, ପୀୟୂଷ କୁମାର ୧ ଓ ଅଧିନାୟକ ଯଶ ୫୪ ବଲ୍ରୁ ୧୦ଟି ଚୌକା ସହ ୪୭ ରନ୍ କରିଥିଲେ। ଅଭିନବ ସିହ୍ନା ୨୧ ରନ୍କରି ଅପରାଜିତ ଥିଲେ।

'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ

କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି।
ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା
ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।

ନନ୍ଦିଘୋଷ ନେଟ୍ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS